ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୭୮
୫ ନଭେମ୍ବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 178
5th November, 2025 Wednesday
Kendrapara

ODISHA EXPRESS　SIGHTS TRUTH WRITES TRUTH　ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in　E-mail : odishaexpress@gmail.com　RNI Regd. No. ODIODI/2009/28880　ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି
ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି ।**

ବିପଦ ଆପଦ ପାଇଁ ଧନ ସଞ୍ଚୟ କରିବା ସଂଗେ ସଂଗେ ସେହି ଧନ ବିନିମୟରେ ପତ୍ନୀକୁ ପାଳନ କରିବା ଉଚିତ । କିନ୍ତୁ ଆବଶ୍ୟକ ପଡ଼ିଲେ ପତ୍ନୀ ଓ ଧନ ବିନିମୟରେ ନିଜକୁ ସର୍ବତୋଭାବେ ରକ୍ଷା କରିବା ଉଚିତ । ତେଣୁ ଯଥାକ୍ରମେ ଧନ, ଦାରା ଓ ଆତ୍ମରକ୍ଷା ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ

# ଟ୍ରେନ୍ ଦୁର୍ଘଟଣା: ୧୦ ମୃତ

**ବିଳାସପୁର,୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଛତିଶଗଡର ବିଳାସପୁର ଜିଲ୍ଲାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ବେଳେ ଏକ ଯାତ୍ରୀବାହୀ (ମେମୁ) ଓ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୩୦ ଜଣ ଆହତ ହୋଇଛନ୍ତି।

ବିଳାସପୁର ଓ କାନ୍ତି ସେକ୍ସନ ମଧ୍ୟରେ ଲାଲ ଖାଦାନ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ଟ୍ରେନ୍ (ମେମୁ)ଟି ମାଲବାହୀ ଟ୍ରେନ୍‌କୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ ଏହାର ଇଞ୍ଜିନ୍ ଓ ତତ୍‌ସଂଲଗ୍ନ ବଗି ମାଲବାହୀ ଟ୍ରେନ୍ ଉପରେ ଚଢ଼ିଯାଇ ଅଧା ଆକାଶରେ ଝୁଲି ରହିଛି। ଲୋକେ ସେମିତି ଝୁଲନ୍ତା ଅବସ୍ଥାରେ ବଗିରେ ଫସି ରହିଥିଲେ। ସେହିସବୁ ବଗି ଭିତରୁ ଚାପି ହୋଇ ରହିଥିବା ଲୋକଙ୍କୁ ଗ୍ୟାସ କଟରରେ ଝରକା କାଟି ଲୋକଙ୍କୁ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣାରେ ଯାତ୍ରୀବାହୀ ଟ୍ରେନ୍‌ର ଏକାଧିକ ବଗି ଲାଇନଚ୍ୟୁତ ହୋଇଥିଲା।

ସେପଟେ ଦୁର୍ଘଟଣା ପରେ ରେଲୱେ ପକ୍ଷରୁ କ୍ଷତିପୂରଣ ରାଶି



ଘୋଷଣା ହୋଇଛି। ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା ହୋଇଥିବା ବେଳେ ଗୁରୁତର ଆହତଙ୍କ ପାଇଁ ୫ ଲକ୍ଷ ଟଙ୍କା ଏବଂ ସାମାନ୍ୟ ଆହତ ଯାତ୍ରୀଙ୍କ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଘୋଷଣା ହୋଇଛି।

ସୂଚନା ଅନୁଯାୟୀ, ଯାତ୍ରୀବାହୀ ଟ୍ରେନ୍‌ଟି ସିଗ୍‌ନାଲ ନମାନି ଆଗକୁ ଯାତ୍ରା କରିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣା ଫଳରେ ରେଳଧାରଣା ଉପର ଦେଇ ଯାଇଥିବା ବିଦ୍ୟୁତ୍ ତା'ର ସହିତ ସିଗ୍‌ନାଲ ସିଷ୍ଟମ ପ୍ରଭାବିତ ହୋଇଛି। ସେହି ରୁଟ୍ ଦେଇ ରେଳ ଚଳାଚଳ ବନ୍ଦ ରହିଛି।

ରେଳବାଇର ଉଦ୍ଧାରକାରୀ ଟିମ୍ ସହିତ ଆରପିଏଫ ଯବାନ ଓ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏକାଧିକ ଏମର୍ଜେନ୍ସୀ ମେଡିକାଲ ଟିମ୍ ପହଞ୍ଚି ଆହତମାନଙ୍କୁ ଚିକିତ୍ସା କରୁଛନ୍ତି। ଅଧିକ ମେଡିକାଲ *(ଶେଷ ପୃଷ୍ଠା ଦେଖନ୍ତୁ)*

## +୨ ଫର୍ମ ପୂରଣ ଅବଧି ବୃଦ୍ଧି

**ଭୁବନେଶ୍ୱର,୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ଫର୍ମପୂରଣ ଅବଧି ବୃଦ୍ଧି ହୋଇଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି। ବିନା ଜରିମାନାରେ ଫର୍ମପୂରଣ ଅବଧି ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ପରିଷଦ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ଼ଃ ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଓ ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖିଛନ୍ତି। ବିନା ଜରିମାନାରେ ଉଭୟ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ପାଇଁ ପଞ୍ଜିକରଣ ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଓ ଫି ଆଦାୟର ଶେଷ ତାରିଖ ନଭେମ୍ବର ୧୧କୁ ଘୁଞ୍ଚାଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। ସେହିପରି ନଭେମ୍ବର ୧୩ରୁ ୧୮ ତାରିଖ ମଧ୍ୟରେ ପଞ୍ଜିକରଣ ଓ ଫର୍ମପୂରଣ କଲେ ଛାତ୍ରଛାତ୍ରୀଙ୍କୁ ୨୦୦ଟଙ୍କା ଜରିମାନା ଏବଂ ନଭେମ୍ବର ୧୯ରୁ ୨୧ ମଧ୍ୟରେ ପଞ୍ଜିକରଣ ଓ ଫର୍ମପୂରଣ କଲେ ଛାତ୍ରଛାତ୍ରୀଙ୍କୁ ୬୦୦ଟଙ୍କା ଜରିମାନା ଦେବାକୁ ପଡ଼ିବ।

## ମହିଳା ଡାକ୍ତରଙ୍କୁ ଅସଦାଚରଣ କରି ଡାକ୍ତର ଗିରଫ

**ଭୁବନେଶ୍ୱର,୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ଧା ହେଲେ ରସିକିଆ ଡାକ୍ତର। ଜଣେ ମହିଳା ଡାକ୍ତରଙ୍କୁ ପ୍ରେମ ନିବେଦନ କରି ଅସଦାଚରଣ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଘଟଣାଟି ଘଟିଛି ଭୁବନେଶ୍ୱରରେ। ଗିରଫ ଡାକ୍ତର ହେଉଛନ୍ତି କଣାସ ସିଏଚ୍‌ସିର ମେଡିକାଲ ସୁପରିଟେଣ୍ଡେଣ୍ଟ କ୍ଷମାନିଧି ସେଠୀ।



ମହିଳା ଡାକ୍ତରଙ୍କ ଅଭିଯୋଗ ଅନୁସାରେ, ମଙ୍ଗଳବାର ଡ୍ୟୁଟି ସାରି ସ୍କୁଟିରେ ଘରକୁ ଫେରିବାବେଳେ କ୍ଷମାନିଧି ତାଙ୍କୁ ଲିଫ୍ଟ ମାଗି ଘର ପାଖରେ ଛାଡ଼ିଦେବାକୁ କହିଥିଲେ। ଚିହ୍ନାପରିଚିତ ହୋଇଥିବାରୁ ମହିଳା ଡାକ୍ତର ଜଣଙ୍କ ମନା କରି ନଥିଲେ। ତେବେ ସ୍କୁଟି ପଛରେ ବସି ଗଲା ବେଳେ ଡାକ୍ତର କ୍ଷମା ସେଠୀ ମହିଳା ଆୟୁଷ ଡାକ୍ତରଙ୍କୁ ଅସଦାଚରଣ କରିଥିଲେ। ଅଭିଯୁକ୍ତ ଡାକ୍ତର କ୍ଷମା ସେଠୀ ମହିଳା ଡାକ୍ତରଙ୍କ ଶରୀରକୁ ତାଙ୍କ ବିନା ଅନୁମତିରେ ସ୍ପର୍ଶ କରିଥିଲେ। ସେ ମହିଳା ଡାକ୍ତରଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବାକୁ ମଧ୍ୟ ପ୍ରୟାସ କରିଥିଲେ। ତାଙ୍କ ସହିତ ରାତି ବିତାଇଲେ ପ୍ରମୋସନ ସହିତ ମନପସନ୍ଦର ସ୍ଥାନକୁ ବଦଳି କରାଇ ଦେବେ ବୋଲି ମଧ୍ୟ ଡାକ୍ତର ସେଠୀ ତାଙ୍କୁ କହିଥିଲେ। ଏମିତିକି ଯଦି ତାଙ୍କ କଥାରେ ରାଜି ନହୁଅନ୍ତି ତେବେ ଅଧିକ ସମୟ ଡ୍ୟୁଟି କରିବାକୁ ହେବ ବୋଲି ଅଭିଯୋଗ ହୋଇଛି। ଏହି ଅଭିଯୋଗ ପାଇବା ପରେ ଏୟାରଫିଲ୍‌ଡ ଥାନା ପୁଲିସ ଘଟଣାର ଯାଞ୍ଚ କରି ଅଭିଯୁକ୍ତ ଡାକ୍ତର ସେଠୀଙ୍କୁ ଗିରଫ କରିଛି।

## ଭିଜିଲାନ୍ସ ହାତରେ ପିପିଲି ଆର୍‌ଆଇ

**ପିପିଲି,୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମ୍ୟୁଟେସନ କେସର ଫାଇଲ ଆଗକୁ ବଢ଼ାଇବା ଲାଗି ୬୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପିପିଲି ତହସିଲର ବନ୍ତଲସିଂହ ଆରଆଇ ଜୀବନ କ୍ରିଷ୍ଣା ପରିଡ଼ା। ଜଣେ ଆବେଦନକାରୀଙ୍କ ୬ଟି ପ୍ଲଟର ମ୍ୟୁଟେସନ କେସ୍ ଫାଇଲ ପ୍ରୋସେସ କରିବା ପାଇଁ ୯୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଆବେଦନକାରୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।

ଯୋଜନା ଅନୁସାରେ, ଆରଆଇ ଜୀବନ କ୍ରିଷ୍ଣା ଆବେଦନକାରୀଙ୍କଠାରୁ ପ୍ରାଥମିକ ଭାବେ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

# ଅବସର ପରେ ସେବା ବୃଦ୍ଧି 'ସାର୍ବଜନୀନ ନୀତି ବିପରୀତ'

**ନୂଆଦିଲ୍ଲୀ,୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ଜଣେ ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ବର୍ଦ୍ଧିତ ସେବାକୁ ଅସ୍ୱୀକାର କରି ହାଇକୋର୍ଟର ଆଦେଶକୁ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି ଯେ, ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ମାଧ୍ୟମରେ ଅବସର ପରେ ସେବା ବୃଦ୍ଧି 'ସାର୍ବଜନୀନ ନୀତି ବିପରୀତ'। ସୁପ୍ରିମକୋର୍ଟ ସମ୍ପ୍ରତି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ଏକ ଆଦେଶକୁ ଖାରଜ କରିଦେଇଛନ୍ତି। ଯେଉଁଥିରେ ଜଣେ ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ୫୮ ବର୍ଷ ବୟସ ପରେ ମଧ୍ୟ ପଦବୀରେ ରହିବାକୁ ଅନୁମତି ଦିଆଯାଇଥିଲା।

ଜଷ୍ଟିସ୍ ଆହସାନୁଦ୍ଦିନ୍ ଅମାନୁଲ୍ଲାହ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ହରିୟାଣା ରାଜ୍ୟ ସମବାୟ ଆପେକ୍ସ ବ୍ୟାଙ୍କ ଲିମିଟେଡର ନିର୍ଦ୍ଦେଶକ ହରପ୍ରୀତ ସିଂହଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନର ବିଚାର କରି ଏଭଳି ରାୟ ପ୍ରଦାନ କରିଛନ୍ତି। ଆବେଦନରେ ମେ' ୨୦୨୫ରେ ହାଇକୋର୍ଟଙ୍କ



ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମକୋର୍ଟ ୧୪ ଅକ୍ଟୋବର ୨୦୨୫ରେ ଏହି ରାୟ ପ୍ରଦାନ କରିଥିଲେ।

ହାଇକୋର୍ଟ କର୍ଣ୍ଣାଲ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିମିଟେଡର କର୍ମଚାରୀ ଓମ ପ୍ରକାଶ ରାଣାଙ୍କୁ ୫୮ ବର୍ଷ ବୟସରୁ ଅଧିକ ଅବସର ବୟସ ପରେ ମଧ୍ୟ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଥିଲେ। ସମାନ ମାମଲାରେ (ହରଦେବ କୌର ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟାନ୍ୟ ରାଜ୍ୟ, ୨୦୧୫) ଏହାର ପୂର୍ବ ନିର୍ଦ୍ଦେଶ ଆଧାରରେ ଶୀର୍ଷ କୋର୍ଟ ଏହି ରାୟ ଦେଇଛନ୍ତି। ଯେଉଁଠାରେ କର୍ମଚାରୀମାନଙ୍କୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ସେବା କରିବାକୁ ଅନୁମତି ଦିଆଯାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହି ପଦ୍ଧତିରେ ତ୍ରୁଟି ପାଇଥିଲେ।

ଶୀର୍ଷ କୋର୍ଟ କହିଥିଲେ, ଅଦାଲତମାନେ କର୍ମଚାରୀମାନଙ୍କୁ ସେମାନଙ୍କର ଅବସର ବୟସ ପରେ ଚାକିରିରେ ରହିବାକୁ ଅନୁମତି ଦେବା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିବାରୁ ନିବୃତ୍ତ ରହିବା ଉଚିତ୍। ଏପରି ନିର୍ଦ୍ଦେଶଗୁଡ଼ିକୁ 'ସାର୍ବଜନୀନ ନୀତି ଏବଂ ଆଇନର ସ୍ଥିର ନିୟମର ବିରୁଦ୍ଧ' ବୋଲି ଶୀର୍ଷ କୋର୍ଟ କହିଛନ୍ତି।

କୋର୍ଟ ତାଙ୍କ ଆଦେଶରେ କହିଛନ୍ତି, ଯେଉଁ କ୍ଷେତ୍ରରେ ଜଣେ ବ୍ୟକ୍ତି ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିର୍ଦ୍ଧାରିତ ବୟସ ପୂରଣ କରିସାରିଛନ୍ତି, ସେହି ବୟସଠାରୁ ଅଧିକ ସମୟ ପାଇଁ ସେବାରେ ଜାରି ରଖିବା ପାଇଁ କୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ ଦିଆଯିବା ଉଚିତ୍ ନୁହେଁ। ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି, ମଧ୍ୟବର୍ତ୍ତୀକାଳୀନ ସହାୟତା *(ଶେଷ ପୃଷ୍ଠା ଦେଖନ୍ତୁ)*

### ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ

## ୬ରେ ୧୩୧୪ ଜଣଙ୍କ ଭାଗ୍ୟ ନିର୍ଦ୍ଧାରଣ

**ପାଟନା,୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରରେ ନଭେମ୍ବର ୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ସଂଧ୍ୟା ୫ଟାରୁ ପ୍ରଚାର ଶେଷ ହୋଇଛି। ଯେଉଁ ୧୮ ଜିଲ୍ଲାରେ ନଭେମ୍ବର ୬ରେ ମତଦାନ ହେବ, ସେଠାରେ ଜନସଭା ହୋଇପାରିବ ନାହିଁ। ଆଜି ସଂଧ୍ୟା ୫ଟା ପରେ, ଏବେ ନିର୍ବାଚନର ପ୍ରଥମ ପର୍ଯ୍ୟାୟର ପ୍ରାର୍ଥୀ ନଭେମ୍ବର ୫ ରାତି ଯାଏ କେବଳ ଜନସଂପର୍କ କରିପାରିବେ।



ତେବେ ଶେଷ ଦିନରେ ଜୋରଦାର ପ୍ରଚାର କରିଛନ୍ତି ବିଭିନ୍ନ ଦଳର ହେଭିଓ୍ୱେଟ୍। ପ୍ରଥମ ପର୍ଯ୍ୟାୟରେ ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ମତଦାନ ହେବାକୁ ଥିବା ବେଳେ ଉକ୍ତ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲରେ ମହିଳାମାନଙ୍କ ସହ ଆଲୋଚନା କରିଥିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୩ଟି ରାଲିରେ ସାମିଲ ହୋଇ ପ୍ରଚାର କରିଛନ୍ତି। ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ୫ଟି ଜନସଭାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

### ଆଲୋକୀକରଣ ଦୁର୍ନୀତିକୁ ନେଇ ଆମରଣ ଅନଶନ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର

**ପଟ୍ଟାମୁଣ୍ଡାଇ,୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଶାସନ ପଂଚାୟତର ଆଲୋକିକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କେତେଜଣ ଯୁବକ ବାରମ୍ବାର ଦାବୀ କରି ଆସୁଥିଲେ। ଏଥିନେଇ ଭିଜିଲାନ୍ସ ତଦନ୍ତ ପରିଶର ଭୁକ୍ତ ହୋଇଥିବା ବେଳେ ତଦନ୍ତ ପ୍ରକ୍ରିୟା ଚାଲୁ ରହିଅଛି। ମାତ୍ର ଏହି ଆଲୋକିକରଣ ବ୍ୟବସ୍ଥାକୁ ନେଇ ସୂଚନା ଅଧିକାରଆଇନ ବଳରେ ବ୍ଲକକୁ ତଥ୍ୟ ମଗାଯାଇଥିଲା। ତଥ୍ୟରେ ୯ ଲକ୍ଷ ୭୦ ହଜାର ଟଙ୍କାରେ ଉକ୍ତ ସ୍ଥାନରେ ଆଲୋକିକରଣ ହୋଇଥିବା ବ୍ଲକ୍ ପ୍ରଶାସନ ଦର୍ଶାଇଥିଲେ। ଏହାର ବିଧିବଧ ତଦନ୍ତପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ସହିତ ଜନ ଅଭିଯୋଗ ଶୁଣାଣିରେ ଦାବିପତ୍ର ଦାଖଲ ମଧ୍ୟ କରାଯାଇଥିଲା। ମାତ୍ର ପ୍ରତ୍ୟକ ଅଭିଯୋଗ ତଦନ୍ତ ସାପେକ୍ଷ ଥିବା ବ୍ଲକ ତରଫରୁ କୁହାଯାଉଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରୁ ୧୦ରୁ ୧୫ ଯୁବକ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଦେଖିବାକୁ ମିଳିଥିଲା। ମାତ୍ର ବିଡିଓ କୌଣସି ଅଫିସ କାର୍ଯ୍ୟରେ ବାହାରେ ଥିବା ବେଳେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲିପ ନାଏକ, ଏବିଡିଓ ନନ୍ଦିନି ସତପଥୀ ଅପରାହ୍ନ ସାଢେ ୩ଟାରେ ଅନଶନକାରୀଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଯେ ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଲାଇଟ ନଲଗାଯାଇଛି ସେ ପର୍ଯ୍ୟନ୍ତ ଅନଶନ ଅବ୍ୟହତ ରହିବ ବୋଲି ଅନଶନକାରୀମାନେ କହିଥିଲେ। ହେଲେ ସନ୍ଧ୍ୟା ସମୟରେ ଅନଶନର ବିପରିତ ରୂପ ଦେଖିବାକୁ ମିଳିଥିଲା। ଆମରଣ ଅନଶନରେ ବସିଥିବା ଯୁବକମାନଙ୍କ ମଧ୍ୟରୁ କେତେଜଣ ବିଡିଓଙ୍କ କାର୍ଯ୍ୟାଳୟରେ ବସି ରୁଦ୍ଧଦ୍ୱାର ବୈଠକ ପାଇଁ ପ୍ରସ୍ତୁତି ଚାଲିଥିଲା। ମାତ୍ର ସେଠାରେ ଗଣମାଧ୍ୟମ ପ୍ରତିନଧି ଉପସ୍ଥିତ ଥିବା ବେଳେ ବିଡିଓ ଶିତଳ ଅଗ୍ରୱାଲା ସେମାନଙ୍କୁ କଟୁଭାଷା କହି ତଡି ଦେଇଥିଲେ। ଯାହାକୁ ନେଇ ଖବରଦାତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରପକ୍ଷେ ପୂର୍ବାହ୍ନରୁ ଅନଶନକାରୀଙ୍କ ଟିକନିଖ ଖବର ପ୍ରଶାରଣ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୩ ଦୁଷ୍କର୍ମକାରୀଙ୍କ ଗୋଡ଼କୁ ଗୁଳି

**ଚେନ୍ନାଇ,୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ତାମିଲନାଡୁର କୋଏମ୍ବାଟୁର ସ୍ଥିତ ଏୟାରପୋର୍ଟ ପଛ ପାଖରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣାରେ ପୁଲିସ୍ ୩ ଜଣଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ପୁଲିସ୍ ଉପରେ ଆକ୍ରମଣ କରି ଖସି ଯିବାକୁ ପୂରା ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ୍ ସେମାନଙ୍କ ଉପରକୁ ଗୁଳି ମାଡ କରି ଶେଷରେ ଗିରଫ କରିବାରେ ସକ୍ଷମ ହୋଇଛି।

ଗଣଦୁଷ୍କର୍ମ ଘଟଣାର ୩ ଅଭିଯୁକ୍ତ ଥାବାସି, କାରୁପ୍ପାସାମୀ ଓ କାଲୀସ୍ୱର୍ଣ୍ଣଙ୍କୁ ସୋମବାର ସ୍ୱତନ୍ତ୍ର ପୁଲିସ୍ ଟିମ ଗୋଟିଏ ମନ୍ଦିର ନିକଟରେ ଘେରାବନ୍ଦୀ କରିଥିଲା। ସେମାନଙ୍କୁ ଧରିବାକୁ ଚେଷ୍ଟା କରାଯିବା ବେଳେ ଗୋଟିଏ ଦା'ରେ ସେମାନେ ପୁଲିସ୍‌କୁ ଆକ୍ରମଣ କରିଥିଲେ। ଏଥିରେ ହେଡ୍ କନଷ୍ଟେବଲ ଚନ୍ଦ୍ରଶେଖର ଆହତ ହୋଇଛନ୍ତି। ତାଙ୍କ ବାମ ହାତର ରିଷ୍ଟ ଓ ବାହୁରେ କଟା ଦାଗ ରହିଛି।

ସେମାନେ ପୁଲିସ୍‌କୁ ଆକ୍ରମଣ କରି ଖସି ଯିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ପୁଲିସ୍ ୩ ଅଭିଯୁକ୍ତଙ୍କ ଗୋଡରୁ ଟାର୍ଗେଟ କରି ଗୁଳି ଚଳାଇଥିଲା। ଗୁଳି ସେମାନଙ୍କ ଗୋଡରେ ମାଡ ହେବାରୁ ସେମାନେ ଖସିବାକୁ ସକ୍ଷମ ହୋଇ ପାରି ନଥିଲେ। ପୁଲିସ୍ ସେମାନଙ୍କୁ ସେଠାରୁ ଗିରଫ କରି କୋଏମ୍ବାଟୁର ଜିଲ୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏବେ ବି ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି।

ସୂତ୍ର ଅନୁସାରେ, ଅଭିଯୁକ୍ତମାନଙ୍କ ଘର ଶିବଗଙ୍ଗାଇ ଜିଲ୍ଲାରେ ଓ ସେମାନେ କୋଏମ୍ବାଟୁରସ୍ଥିତ ଗୋଟିଏ ବିଲଡିଂ ନିର୍ମାଣ କାମରେ ନିୟୋଜିତ ହୋଇଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ବନକର୍ମଚାରୀଙ୍କୁ ଆକ୍ରମଣ

**ରାଜନଗର,୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ହାତିନା ପଚାଂୟତ କଏଥା ଗ୍ରାମର କିଛି ବ୍ୟକ୍ତି ଭିତରକନିକା ଜାତୀୟ ଉଦ୍ୟାନର ତାରବାଡ ଖୋଲି ମଇଁଷି ଚରାଉଥିଲେ। ଜାତୀୟ ଉଦ୍ୟାନ ମଧ୍ୟରେ ମଇଁଷି ଚରୁଥିବା ଦେଖି ବନକର୍ମଚାରୀମାନେ ବିରୋଧ କରିବାରୁ ମଇଁଷି ଚରାଉଥିବା ଉଦୟ ବାରିକ, ବିରକିଶୋର ପଢିହାରୀଙ୍କ ସହ ଅନ୍ୟ ଦୁଇଜଣ ବ୍ୟକ୍ତି ବନକର୍ମଚାରୀଙ୍କୁ ଗାଳିଗୁଲଜ କରିବା ମାଡ ମାରିଥିଲେ। ଏସଂପର୍କରେ ଖବରପାଇ ଫରେଷ୍ଟର ବିଜୟ ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଉଦୟ ଓ ବିରକିଶୋରଙ୍କୁ ଧରିବା ପରେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଉଭୟଙ୍କୁ ରାଜନଗର ରେଂଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ଖବରପାଇ କଏଥା ଗ୍ରାମର ମୁରବୀ ନବକିଶୋର ବାରିକ, ଭୀମସେନ ପଢିହାରୀ ପ୍ରମୁଖ ପହଂଚି ରେଂଜ ଅଫିସର ଚିତରଂଜନ ବେଉରାଙ୍କ ସହ ଆଲୋଚନା କରିଥିଲେ। ଭବିଷ୍ୟତରେ ଜାତୀୟ ଉଦ୍ୟାନ ମଧ୍ୟକୁ ଯେପରି ମଇଁଷି ପଶିବେ ନାହିଁ, ସେଥିପାଇଁ କଏଥା ଗ୍ରାମର ଗ୍ରାମବାସୀଙ୍କୁ ନେଇ ଏକ ଗ୍ରାମସଭା କରାଯାଇ ସଚେତନତା ସୃଷ୍ଟି କରାଯିବ। ଜାତୀୟ ଉଦ୍ୟାନର ସୁରକ୍ଷା ପାଇଁ ଗ୍ରାମବାସୀମାନେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏଥିରେ ବନବିଭାଗ ସହଯୋଗ କରିବାକୁ ସେମାନେ ଅନୁରୋଧ କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲେ।

## ନିଶା କବଳିତ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା: ଅକାଳରେ ଯାଉଛି ଜୀବନ

**କେନ୍ଦ୍ରାପଡ଼ା,୪।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ଦିନକୁ ଦିନ ଚୋରା ମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ସହର ବଜାରରୁ ଡ଼େଇଁ ଏହି କାରବାର ଗାଁ ଗହଳିରେ ପହଂଚିଲାଣି। ଚା' ପାନ ଦୋକାନଠାରୁ ଆରମ୍ଭ କରି ଭୁସାମାଲ ଦୋକାନ ପର୍ଯ୍ୟନ୍ତ ସବୁଠି ଖୁଲମ୍‌ଖୁଲା ଏହି ବେପାର ଚାଲିଛି। ଫଳରେ ଯୁବପୀଢିକୁ ଏହା ବିଶେଷ ଭାବେ ପ୍ରଭାବିତ କରୁଛି। ପାରିବାରିକ ଓ ସାମାଜିକ ଜୀବନରେ ବିଭ୍ରାଟ ସୃଷ୍ଟି କରୁଛି। ଏକ ବେସରକାରୀ ସର୍ଭେ ଅନୁଯାୟୀ ଏହି ନିଶାଦ୍ରବ୍ୟ କାରଣରୁ ଜିଲ୍ଲାରେ ପ୍ରତିବର୍ଷ ୨ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ପ୍ରାଣ ହାନୀ ଘଟୁଛି। ନିଶା ସେବନ ଜନିତ ଦୁର୍ଘଟଣା ଓ ଗୁରୁତର ରୋଗ ହିଁ ଏହି ଅକାଳ ମୃତ୍ୟୁର କାରଣ ହୋଇଛି। ଅବାଧ ନିଶା କାରବାରକୁ ରୋକିବା ନିମନ୍ତେ ଅବକାରୀ ବିଭାଗ ଥିଲେ ମଧ୍ୟ ଅଧିକାରୀଙ୍କ ଅର୍ଥଖୋର ମନୋଭାବ ଯୋଗୁ ଏହାକୁ ରୋକିବା ସମ୍ଭବ ହେଉନାହିଁ। ଅବକାରୀ ବିଭାଗ ପଦାଧିକାରୀମାନେ କେବଳ ନିୟମିତ ବଟି ଦେବାରେ ଖିଲାପ କରୁଥିବା ହାତଗଣତି ଚୋରା ବେପାରୀଙ୍କୁ ଟାର୍ଗେଟ କରି ଚଢାଉ କରିବା ସହିତ ସେମାନଙ୍କଠାରୁ ଚୋରାମଦ, ଗଞ୍ଜେ ଆଦି ଜବତ କରି ଜେଲ ପଠାଉଛନ୍ତି। ମାତ୍ର ଦିନ କେଇଟାରେ ସେମାନେ ଜେଲରୁ ମୁକୁଳି ଆସି ପୁଣି ସୁରୁଖୁରୁରେ ବେପାର କରୁଛନ୍ତି। ଜିଲ୍ଲାରେ ମଦ୍ୟପାନ ଦିନକୁ ଦିନ ବଢୁଥିଲା ବେଳେ, ଅନ୍ୟ ଭଳିକି ଭଳିକି ନିଶାର ପ୍ରକୋପ ମଧ କ୍ରମଶଃ ବଢ଼ିବାରେ ଲାଗିଛି।

ସହର ବଜାର କଥା ଦୂରେ ଥାଉ ଗାଁ ଗହଳିରେ ମଦୁଆ ଓ ଅନ୍ୟାନ୍ୟ ନିଶାସକ୍ତଙ୍କର ସଂଖ୍ୟା ଅଧିକ ମାତ୍ରାରେ ବଢ଼ିବା ଚିନ୍ତାର କାରଣ ହୋଇଛି। ଏବେ ବିଦ୍ୟାଳୟ ସ୍ତରରେ ପିଲାମାନେ ଗୁଟ୍‌ଖା, ସିଗାରେଟ୍ ଏପରି କି ମଦ ପିଉଥିବା ନଜରକୁ ଆସୁଛି। ତେଣୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଡ୍ରଗ ଟେଷ୍ଟିଂର ଆବଶ୍ୟକତା ପଡ଼ିଲାଣି।

ନିଶା ମାଫିଆମାନେ ୧୬ରୁ ୨୧ ବର୍ଷର ଯୁବକ ଓ ଛାତ୍ରଙ୍କୁ ଟାର୍ଗେଟରେ ରଖୁଛନ୍ତି। ରାଜ୍ୟରେ ଏବେ ଲକ୍ଷେରୁ ଅଧିକ କେବଳ ବ୍ରାଉନସୁଗାର ସେବନ କରୁଥିବା ଏକ ରିପୋର୍ଟ ପ୍ରକାଶିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଏହି ବୟସର ଯୁବକ ଓ ଛାତ୍ରଙ୍କ ସଂଖ୍ୟା ୮୦ ପ୍ରତିଶତରୁ ଅଧିକ। କଲେଜ ଛାତ୍ର ଏବଂ ବେକାର ଯୁବକଯୁବତୀ ନିଶା ମାଫିଆଙ୍କ ଜାଲରେ ଅଧିକରୁ ଅଧିକ ସଂଖ୍ୟାରେ ଫସି ଚାଲିଥିବା ବେଳେ ସାରା ରାଜ୍ୟ ପାଇଁ ଏହା ବିପଦ ଡାକି ଆଣୁଛି। ନିଶା ମାଫିଆଙ୍କ କବଳରୁ ଏହି ଛାତ୍ର ଓ ଯୁବକଙ୍କୁ ସୁରକ୍ଷିତ ରଖିବା ଦିଗରେ ଏଯାଏ କୌଣସି ବିଧିବଦ୍ଧ ଯୋଜନା କାର୍ଯ୍ୟକାରୀ ହେଉ ନଥିବାରୁ ଆଉ କିଛି ବର୍ଷ ମଧ୍ୟରେ ସ୍ଥିତି ବେକାବୁ ହେବା ଆଶଙ୍କା କରାଯାଉଛି। ଜିଲ୍ଲାରେ ନିଶା ସାମଗ୍ରୀ ମଧ୍ୟରୁ ସବୁଠୁ ଅଧିକ ସଂଖ୍ୟାକ ମଦ ପିଉଥିବା ବେଳେ ତା ପଛକୁ ଗଞ୍ଜେ ଏବଂ ତା ପଛକୁ ରହିଛନ୍ତି ବ୍ରାଉନସୁଗାର ସେବନକାରୀଙ୍କ ସଂଖ୍ୟା। ଏହି ତିନି ମୁଖ୍ୟ ନିଶାଦ୍ରବ୍ୟ ବ୍ୟତୀତ ଶସ୍ତା ହେଉଥିବା ବିଭିନ୍ନ ଔଷଧ, ଡେଣ୍ଡ୍ରାଇଟ୍ ଭଳି ସାମଗ୍ରୀକୁ ବି ନିଶା ପାଇଁ ବ୍ୟବହାର କରାଯାଉଛି। ଯାହା କି ବିଭିନ୍ନ ପରିବାର ଓ ସାମଗ୍ରୀକ ଭାବରେ ସମାଜ ପାଇଁ ଏବେ ବଡ଼ ଚିନ୍ତାର ବିଷୟ ହୋଇଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ସରକାର ଏଥିପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଅନେକ ଦାବି କରିଛନ୍ତି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୫ ନଭେମ୍ବର ୨୦୨୫ । ବୁଧବାର




## ଦୁର୍ଘଟଣାରେ ରାସ୍ତା ତଳକୁ ଖସିଲା କାର ସହ ଟାଟା ମ୍ୟାଜିକ

**ଭଣ୍ଡାରିପୋଖରୀ: ଏକ୍ସପ୍ରେସ ନ୍ୟୁଜ୍**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଆସାମ ଅଏଲ ପେଟ୍ରୋଲ ପମ୍ପ ଅପରପାର୍ଶ୍ୱରେ ମଙ୍ଗଳବାର ସକାଳେ ସଡକ ଦୁର୍ଘଟଣା ହୋଇ ୨ଟି ଯାକ ଯାନ ରାସ୍ତା ତଳକୁ ଖସିଯାଇଥିବା ଜଣାଯାଇଛି । ମଙ୍ଗଳବାର ସକାଳ ୬.୩୦.ମି ସମୟରେ କଟକ ଆଡକୁ ମୁହଁ କରି ଛିଡା ହୋଇଥିବା ଓଡି ୦୨ ସିଏସ ୨୩୮୨ନଂ ଟାଟା ମ୍ୟାଜିକ ଗାଡିକୁ ପଛରୁ ଦ୍ରୁତ ବେଗରେ ଆସୁଥିବା ଡବ୍ଲୁବି ୧୨ ବିଡି ୨୨୮୮ନଂ କାର ଧକ୍କା ଦେଇଥିବା । ଫଳରେ ଟାଟା ମ୍ୟାଜିକ ଗାଡି ତଳକୁ ଖସିଯାଇ କଡେଇ ପଡିଥିଲା । ଟାଟା ମ୍ୟାଜିକ ଯାନର ଚାଳକ ସୌଭାଗ୍ୟ ବଶତଃ ବର୍ତ୍ତି ଯାଇଥିଲେ । କାର ଚାଳକ ଓ ଯାତ୍ରୀମାନେ ସାମାନ୍ୟ ଆହତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହୋଇ ଅନ୍ୟ ଏକ ଯାନରେ ଘରକୁ ଫେରିଯାଇଥିବା ଜଣାଯାଇଥିଲା । ପୋଲିସ ଉଭୟ ଯାନକୁ ଜବତ କରିଥିଲା । ମାତ୍ର କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି ।



## ଲୋକ ସଂସ୍କୃତି ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ପକ୍ଷରୁ ଜିଲା କମିଟି ଚୟନ ଅନୁମୋଦନ କାର୍ଯ୍ୟକାରୀ କରିବା ନେଇ ଜିଲାପାଳ ଅମ୍ବର କୁମାର କରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମହାସଂଘର ସଦସ୍ୟଗଣ ଜିଲାପାଳଙ୍କୁ ଭେଟି ସରକାରୀ ସ୍ତରରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବା ତଥା ଜିଲା ସଙ୍ଗଠନ ପକ୍ଷରୁ ଚୟନ କରାଯାଇଥିବା ସଭ୍ୟସଭ୍ୟାଙ୍କୁ ଜିଲାସ୍ତରରେ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ମଞ୍ଜୁରାଦେଶ କରାଗଲେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ଉପକୃତ ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ମହାସଂଘର ରେଜିଷ୍ଟର ୪୦୪୬୧୩୦/୧୫୪୪/୨୦ରେ ସ୍ୱିକୃତିପ୍ରାପ୍ତ ସଙ୍ଗଠନ ଭାବେ ପରିଗଣିତ ହୋଇଛି । ଏହି ସଙ୍ଗଠନକୁ ସରକାରୀସ୍ତରରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏ ନେଇ ମହାସଂଘର ସଦସ୍ୟ ଓ ସଦସ୍ୟାଗଣ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ନିଜର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କମିଟିର ସ୍ୱପ୍ନା ବେହୁରା, ଜଗନ୍ନାଥ ମହାନ୍ତ, ସଭାପତି ମିତାଞ୍ଜଳି ବେହୁରା, ଉପସଭାପତି ଜନ୍ମେଜୟ ବେଜ୍, ସମ୍ପାଦକ ରମେଶ ମଲ୍ଲିକ୍, ସହ ସମ୍ପାଦକ ସୁଦର୍ଶନ ମଲ୍ଲିକ୍, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ବେହେରା, ସଂଯୋଜିକା ସସ୍ମିତା ମହାନ୍ତ, ଅରୁଣ ମହାପାତ୍ର, ଖଇର ମହାନ୍ତ, ସୁଗ୍ରୀବ ମହାନ୍ତ, ସନ୍ଧ୍ୟାରାଣୀ ସାମଲ, ହଳଧର ବେହେରା, ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ସୋଆ ଏସ୍‌ପିଏସ୍‌ର ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ-୧ (ଏସ୍‌ପିଏସ୍-୧)ର ନୂତନ ଶିକ୍ଷା ବର୍ଷ ବି.ଫାର୍ମା ଓ ଏମ୍.ଫାର୍ମା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶୁକ୍ରବାର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ଡେପୁଟି ଡ୍ରଗ କଣ୍ଟ୍ରୋଲର ତଥା ଆଇପିଜିଏ ଓଡିଶା ଶାଖାର ସଭାପତି ଡ. ଲଳିତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫାର୍ମାସୀ ଏକ ମହାନ ବୃତିବୋଲି କହିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାର୍ମାସିଷ୍ଟମାନେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥିବାବେଳେ କୋଭିଡ୍ ସମୟରେ ନିଜର କଠିନ ପରିଶ୍ରମ ଓ ନିଃସ୍ୱାର୍ଥପର ମନୋଭାବ ଯୋଗୁଁ ସମାଜର ହିତ ପାଇଁ ଅହରହ ଯୋଦ୍ଧା ପରି ଲଢୁଥିଲେ ।

ବର୍ତ୍ତମାନ ସମୟରେ ଏହି ବୃତିଗତ ଶିକ୍ଷାକୁ ଅଧ୍ୟୟନ କରିବା ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଖୁବ୍ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଥିଲେ ।

ସେହିପରି ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ସୋଆରେ ଅଧ୍ୟୟନ କରିବାକୁ ଚୟନ କରିଥିବା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ଫାର୍ମାସି ବୃତିରେ ଆଗକୁ ଯିବା ନିମନ୍ତେ ଛାତ୍ରଛାତ୍ରୀମାନେ ଏହା ପ୍ରତି ସମ୍ମାନ ରଖିବା ସହିତ ସମୟାନୁବର୍ତିତା, କଠିନ ପରିଶ୍ରମ, ନିଃସ୍ୱାର୍ଥପର ମନୋଭାବ ପୋଷଣ କରିବା ଉଚିତ୍ ବୋଲି କହିଥିଲେ ।

ଏହି ଅବସରରେ ଏସ୍‌ପିଏସ୍-୧ର ଉପଦେଷ୍ଟା ପ୍ରଫେସର (ଡକ୍ଟର) ସୁଦାମ ଚରଣ ସି ଓ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ରହି ନୂତନ ବର୍ଷର ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜର ବକ୍ତବ୍ୟ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ଫାର୍ମାସୀ-୧ର ଡିନ୍ ପ୍ରଫେସର (ଡକ୍ଟର) ଦେବଜ୍ୟୋତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର (ଡକ୍ଟର) ଲକ୍ଷ୍ମୀଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଫାର୍ମାସୀ ପାଠ୍ୟକ୍ରମ ଓ ସୋଆ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଏସ୍‌ପିଏସ୍-୧ର ଆସୋସିଏଟ୍ ପ୍ରଫେସର (ଡ) ଶକ୍ତିକେତନ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।



## ଦୁଇ ବସ ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ: ଯାତ୍ରୀ ହନ୍ତସନ୍ତ

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ଏମିତି ଏକ ଅଭାବନୀୟ ଘଟଣା ଘଟିଛି ଗୋପ ବଜାରର ମୁଖ୍ୟରାସ୍ତାରେ ଉପରେ, ଯାହାକୁ ନେଇ ଶତାଧିକ ଯାତ୍ରୀ ହନ୍ତସନ୍ତ ହୋଇଥିଲେ । ପୁରୀରୁ ଗୋପ ଦେଇ ଭାୟା ପାରାଦୀପ ଯାତାୟାତ ଜଗନ୍ନାଥ ବସ ଓ ଗୁରୁକୃପା ବସ୍ ଚାଳକଙ୍କ ମଧ୍ୟରେ ଗୋପ ବଜାରରେ ମୁହାଁମୁହିଁ ହେବା ଫଳରେ ଘଣ୍ଟା ଘଣ୍ଟା ଧରି ଦୁଇ ବସ୍‌ରେ ଥିବା ଶତାଧିକ ଯାତ୍ରୀ ଗୋପ ବଜାରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା । ଏପରିକି ଚାଳକଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିବା ବେଳେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗୋପ ମୁଖ୍ୟ ବଜାରରେ ଶହ ଶହ ଗାଡି ଅଟକି ରହିଥିଲା । ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଦୁଇ ଚାଳକ ଥାନାକୁ ଯାଇଥିବା ବେଳେ ପୋଲିସ ସେମାନଙ୍କୁ ଅଟକ ରଖିଥିବା ଜଣାପଡିଛି । ହେଲେ ପାଠ ଲେଖା ହେବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ସେମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ସୂଚନା ମୁତାବକ ପୁରୀରୁ ପାରାଦ୍ୱୀପ ଯାଉଥିବା ଓଡି ୨୧କିୟୁ ୬୨୩୭ ନମ୍ବର ବିଶିଷ୍ଟ ଶିବଶକ୍ତି ଓରଫ ଜୟ ଜଗନ୍ନାଥ ବସ୍ ଅପରାହ୍ନ ୧.୧୦ ମିନିଟ୍‌ରେ ପୁରୀ ଛାଡୁଥିବା ବେଳେ ଓଡି ୨୯ ଜି ୫୫୪୭ ନମ୍ବର ବିଶିଷ୍ଟ ଗୁରୁକୃପା ବସ୍ ୧.୩୦ ମିନିଟ୍‌ରେ ପୁରୀ ଛାଡି ପାରାଦ୍ୱୀପ ଅଭିମୁଖେ ଯାଇଥାନ୍ତି । ଗୁରୁକୃପା ବସ୍ ଡ୍ରାଇଭର ପ୍ରଶାନ୍ତ ନାୟକଙ୍କ କହିବା ମୁତାବକ ଜଗନ୍ନାଥ ବସ ଡ୍ରାଇଭର ପ୍ରତିଦିନ ତାର ସଠିକ୍ ସମୟରେ ନ ଆସି ବିଳମ୍ବରେ ବାଟରେ ବିଭିନ୍ନ ସ୍ଥାନରେ ମୋର ପ୍ୟାସେଞ୍ଜରଙ୍କୁ ହଇରାଣ କରିବା ସହ ଅଧିକାଂଶ ସମୟରେ ମୋତେ ସାଇଡ୍ ଦିଏ ନାହିଁ । ସେହିପରି ଆଜି ସେ ବହୁତ ଆଗରୁ ଆସିଥିଲେ ମଧ୍ୟ ଗୋପ ବଜାରରେ ମୋତେ ସାଇଡ୍ ନଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଯାହାକି ଉଭୟଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ଘଣ୍ଟା ଘଣ୍ଟା ଧରି ଗାଡି ଅଟକି ରହିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିବା ବେଳେ ଦୁଇ ଗାଡ଼ିରେ ଆସିଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ଘଟଣାକୁ ନେଇ ଦୁଇ ଡ୍ରାଇଭର ପ୍ରଶାନ୍ତ ନାୟକ ଏବଂ ସୁବାଷ ଚନ୍ଦ୍ର ଗୋଛାୟତ ଥାନାର ଦ୍ୱାରସ୍ଥ ହେବାପରେ ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି । ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ସେମାନଙ୍କ କୌଣସି ସମାଧାନ ନହେବାରୁ ଯାତ୍ରୀମାନେ ଅନ୍ୟ ଗାଡିରେ ଯାଇଥିଲେ ।




## ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ଆରମ୍ଭ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ମତ୍ସ୍ୟ ବିଭାଗ ଭାରତ ସରକାରଙ୍କ ପକ୍ଷରୁ ସୋମବାର ଠାରୁ ପଞ୍ଚମ ଜାତୀୟ ସାମୁଦ୍ରିକ ମତ୍ସ୍ୟଜିବୀ ଜନଗଣନା ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲାରେ ୪ଟି ଉପକୂଳ ବ୍ଲକ ଚିକିଟି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ବ୍ଲକର ୨୭ଟି ସାମୁଦ୍ରିକ ମତ୍ସ୍ୟଜିବି ଗାଁରେ ଆରମ୍ଭ ହୋଇଛି ଜନଗଣନା । ତାଲିମପ୍ରାପ୍ତ ଗଣନାକାରୀମାନେ ସର୍ଭେରେ ନିୟୋଜିତ ହୋଇ ଘର ଘର ବୁଲି ଗଣନା କରୁଛନ୍ତି । ଏହି କାର୍ଯ୍ୟ ଡିସେମ୍ବର ୧୮ ପ୍ରର୍ଯ୍ୟନ୍ତ ଏହି ଜନଗଣନା କାର୍ଯ୍ୟ ଚାଲିବ । ଏହି ଜନଗଣନା କାର୍ଯ୍ୟ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଥମ ଥର ପାଇଁ ବ୍ୟାସ୍ (ଭିଓ୍ୱାଇଏଏସ୍) ମୋବାଇଲ ଆପ ଜରିଆରେ କରାଯାଉଛି । କେତେ ସଂଖ୍ୟକ ମତ୍ସ୍ୟଜିବୀ ରହୁଛନ୍ତି, ସେମାନଙ୍କର ଶିକ୍ଷା, ବୃତି ଓ ଉପଲବ୍ଧ ଭିତ୍ତିଭୂମି ବାବଦରେ ତଥ୍ୟ ରହିବ । ଏହି ଜନଗଣନା ଦ୍ୱାରା ସଠିକ ସର୍ଭେ ପରେ ମତ୍ସ୍ୟଜୀବିଙ୍କର ଏକ ସ୍ୱଚ୍ଛ ତାଲିକା ରହିବା ସହ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ଏବଂ ବିଭିନ୍ନ ସମୟରେ କ୍ଷତିପୂରଣ ଦେବାରେ ଆଉ ସମସ୍ୟା ଦେଖାଯିବ ନାହିଁ । ଏହି ସର୍ଭେ ବେଳେ ମତ୍ସ୍ୟଜିବୀଙ୍କ ପରିବାର ସଂଖ୍ୟା, ଜିବୀକା, ଆର୍ଥିକ, ଶିକ୍ଷା, ବୃତି, ଜାଲ, ଡଙ୍ଗା ଆଦି ବିଭିନ୍ନ ବିଷୟରେ ତଥ୍ୟ ନେଇ ଏହି ବ୍ୟାସ୍ ମୋବାଇଲ ଆପରେ ଆପଲୋଡ କରିବେ । ଏହି ସର୍ଭେ ହେଲେ ସାମୁଦ୍ରିକ ମତ୍ସ୍ୟଜିବୀଙ୍କ ପ୍ରକୃତ ସମସ୍ୟା ଲୋକଲୋଚନକୁ ଆସିପାରିବ । ଯାହାଫଳରେ ସରକାର ଏହି ତଥ୍ୟକୁ ନେଇ ସାମୁଦ୍ରିକ ମତ୍ସ୍ୟଜିବୀଙ୍କ ଜୀବନ ଜୀବିକା ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେବା ଉଚିତ ବୋଲି ବହୁ ମତ୍ସ୍ୟଜିବୀମାନେ କହିଛନ୍ତି । ଏହି ସର୍ଭେ ଶେଷଥର ପାଇଁ ୨୦୧୬ରେ ହୋଇଥିଲା ସେହି ସମୟରେ ଗଞ୍ଜାମ ଜିଲ୍ଲାରେ ୨୭ଟି ସାମୁଦ୍ରିକ ମତ୍ସ୍ୟଜିବୀ ଗାଁରେ ୧୦ ହଜାର ୬୦ ସାମୁଦ୍ରିକ ମତ୍ସ୍ୟଜିବୀ ପରିବାର ବାସବାସ କରୁଥିଲେ । ଏବେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି ।



## ବାଇକ ଦୁର୍ଘଟଣାରେ ଚାଳକ ମୃତ: ୨ ଗୁରୁତର

**ସୋରଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ସୋରଡ଼ା ଥାନା ଅନଗର୍ତ ଗୋପାଳପୁର ଶାସନ ନିକଟ ବୁଲାଣି ଠାରେ ଦୁଇ ବାଇକ ଦୁର୍ଘଟଣାରେ ଜଣେ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ଘଟିଥିବା ବିଶେଷ ସୂତ୍ରରୁ ଖବର ପାଇ ସୋରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ୩ ଜଣଙ୍କୁ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡାକ୍ତର ଚିକିତ୍ସା ପରେ ବାଇକ ଚାଳକ ବିଭୁତିଆ ଗ୍ରାମର ଉତ୍ତମ ନାୟକକୁ ମୃତ୍ୟୁ ଘୋଷଣା କରିଥିଲେ । ଘଟଣାରୁ ପ୍ରକାଶ ଯେ ବିଭୁତିଆ ଗ୍ରାମର ଉତ୍ତମ ନାୟକ ଓ ପ୍ରସନ ଦାସ ଏକ ବାଇକ ଯୋଗେ ସୋରଡ଼ାରୁ ବିଭୁତିଆ ନିଜ ଗ୍ରାମକୁ ଫେରୁଥିବା ବେଳେ ଗୋପାଳପୁର ଶାସନ ନିକଟ ବୁଲାଣି ରାସ୍ତା ଠାରେ ଭାରସାମ୍ୟ ହରାଇ ଚାଲି ଚାଲି ଯାଉଥିବା ସଞ୍ଜୟ ପାଣିଗ୍ରାହୀଙ୍କୁ ଧକ୍କା ଦେଇ ଉଭୟେ ଛିଟିକି ପଡିଯାଇଥିଲେ । ୩ ଗୁରୁତରଙ୍କୁ ଉଦ୍ଧାର କରି ସୋରଡ଼ା ଥାନା ପକ୍ଷେ ଏକ ମକଦମା ରୁଜୁ କରାଯାଇଛି । ମୃତକଙ୍କ ଶବକୁ ଶବବ୍ୟବଚ୍ଛେଦ ପାଇଁ ପଠାଇ ଥିବା ବେଳେ ସଞ୍ଜୟ ପାଣିଗ୍ରାହୀ ଓ ପ୍ରସନ ଦାସଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାତରଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

## ବୁଲା ଗୋରୁଙ୍କ ବେକରେ ବନ୍ଧା ହେଲା ରେଡିୟମ ପଟି

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସଡକରେ ଗାଇ, ଗୋରୁ ଓ ଷଣ୍ଢଙ୍କ ଅବାଧ ବୁଲାବୁଲି ଯୋଗୁଁ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି । ବିଶେଷ କରି ରାତ୍ରିର ଅନ୍ଧାର ମଧ୍ୟରେ ଉକ୍ତ ପଶୁ ଗୁଡ଼ିକ ସଡ଼କରେ ଶୋଇବା ସହିତ ଏଣେତେଣେ ବିଚରଣ କରିଥାନ୍ତି । ଫଳରେ ଦୁର୍ଘଟଣା ଘଟିବା ସହିତ, ପଥାଚାରୀ ଓ ନିରିହ ପଶୁ ଗଭୀର ଆଘାତ ପାଇ ଉଭୟେ ଆହତ ହୋଇଥାନ୍ତି । ଏହି ଭଳି ସମ୍ବେଦନଶୀଳ ସମସ୍ୟାର ସମାଧାନ ଲାଗି ଜଳେଶ୍ୱର ସହରର ନରସିମା କ୍ଲବ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି । ସମାଜସେବୀ ରାଜେଶ ଖଟୁଆଙ୍କ ନେତୃତ୍ୱରେ କ୍ଲବର ସଦସ୍ୟମାନେ ରାତ୍ରି ଅନ୍ଧାର ମଧ୍ୟରେ ଅମଣା ଗରୁ, ଗାଇ, ଷଣ୍ଢ ବେକରେ ସଂଘବଦ୍ଧ ଭାବେ ରେଡିୟମ ବାନ୍ଧି ନିଆରା ସେବା ଯୋଗାଇଛନ୍ତି । ସୋମବାର, ସନ୍ଧ୍ୟାରେ ବଡ଼ ବଜାର ଛକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଲା ଗୋରୁ ଗାଇମାନଙ୍କୁ ଖାଦ୍ୟ ପ୍ରଦାନ କରିବା, ଗଳାରେ ରେଡିୟମ ଲଗାଇବା ସହିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରଥମ ରାତ୍ରିରେ ୧ ଶହଟି ରେଡିୟମ ପଟି, ପଶୁମାନଙ୍କ ଗଳାରେ ବାନ୍ଧ ଯାଇଥିବା ବେଳେ ସହରବାସୀ ଏହାକୁ ସ୍ୱାଗତ ଯୋଗ୍ୟ ପଦ କ୍ଷେପ ଭାବେ ପ୍ରଶଂସା କରିଛନ୍ତି । କ୍ଲବର ସଭାପତି ରନିତ କୁମାର ଦାସ, ସମ୍ପାଦକ କ୍ଷିତୀଶ ବ୍ରହ୍ମ, ଉପ ସଭାପତି ଆଲୋକ କୁମାର ଡଗର, କାର୍ଯ୍ୟକାରୀ ସଭାପତି ସ୍ୱାଭିମାନ ସେନାପତି, ସତ୍ୟନାରାୟଣ ଦାସ, କୋଷାଧକ୍ଷ ଅଂଶୁମାନ ଜେନା, ସୁମିତ ସାହୁ, ସୁବ୍ରତ ପରିଡ଼ା, ସାଗର, ଚନ୍ଦନ, ସୌମ୍ୟ ରଞ୍ଜନ, ରାଜେଶ, ଜ୍ୟୋତି, ମହେଶ୍ୱର, କୌସ୍ତବ, ରାଜୀବ, ରାକେଶ, ହିମାଂଶୁ, ଅଭିଜିତ, ରାଧା ରମଣ, ରୋହିତ, ଶାଶ୍ୱତ, ସୁବ୍ରତ, କୋରାନ, ଦିବ୍ୟ, ଆକାଶ, ନମଃ, ଆଦିତ୍ୟ, ଋତୁରାଜ, ଲିଜା ପ୍ରଧାନ, ଗୀତାଞ୍ଜଳି ଗିରି, ଲିପ୍ସା ରାଣୀ ଦତ, ଅନୁପମା ଜେନା ପ୍ରମୁଖ ସଭ୍ୟ ସଭ୍ୟା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ସହିତ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଥିଲେ ।



## ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ: ଏକ୍ସପ୍ରେସ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଦେବେନ୍ଦ୍ର ନାଥ ପାଣିଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟଅତିଥି, ଭାରପ୍ରାପ୍ତ ବିଇଓ ପ୍ରଫୁଲ୍ଲ ସାହୁ, ଓଡିଶା ହିନ୍ଦୀ ଶିକ୍ଷା ସମିତି ମହାସଚିବ ଶ୍ରୀବତ୍ସ କରଶର୍ମା, ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା ସଭାପତି ବାସୁଦେବ ଗୋଛାୟତ, ସମାଜସେବୀ ଅରୁଣୋଦୟ ଖିଲାର, ପ୍ରଧାନଶିକ୍ଷକ ସରୋଜ କୁମାର ପ୍ରଧାନ, ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ଦେବକିଶୋର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଲୋକପ୍ରିୟ ହିନ୍ଦୀ ଶିକ୍ଷକ ଦେବେନ୍ଦ୍ର ସାରଙ୍କ ଛାତ୍ରବତ୍ସଳତା ଓ ସ୍ମରଣୀୟ ଶିକ୍ଷାଦାନ ଶୈଳୀର ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ଦେବେନ୍ଦ୍ର ସାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକମାନେ ଉତ୍ସବ ପରିଚାଳନା କରିଥିଲେ ।

## ବାଣିଜ୍ୟ

### ବିମାନ ଟିକେଟ ବୁକିଂର ମାଗଣାରେ ହୋଇପାରିବ କ୍ୟାନ୍ସଲ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର । ଖୁବଶୀଘ୍ର ଆସିପାରେ ନୂଆ ସୁବିଧା । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବା ଡିଜିସିଏ ଏହି ନୂଆ ସୁବିଧା ସମ୍ପର୍କିତ ଡ୍ରାଫ୍ଟ ଜାରି କରିଛି । ଏହା ଅନୁସାରେ ଏଣିକି ଯାତ୍ରୀ ବିମାନ ଟିକେଟ ବୁକ୍ କରିବାର ୪୮ ଘଣ୍ଟା ମଧ୍ୟରେ ବିନା କୌଣସି ଅତିରିକ୍ତ ଚାର୍ଜରେ କ୍ୟାନ୍ସଲ କିମ୍ବା ଟ୍ରାଭେଲ ତାରିଖରେ ପରିବର୍ତ୍ତନ କରିପାରିବେ ।

ଆହୁରି ମଧ୍ୟ ଯଦି ଟିକେଟରେ ପରିବର୍ତ୍ତନ କରିବାକୁ ଚାହୁଥିବେ, ଆଉ ସେହି ସିଟର ମୂଲ୍ୟ ଅଧିକ ଥିବ, ତେବେ ତାଙ୍କୁ କେବଳ ଟିକେଟର ଅତିରିକ୍ତ ଭଡ଼ା ଦେବାକୁ ପଡ଼ିବ । ଏଥିପାଇଁ କୌଣସି ଅତିରିକ୍ତ ଚାର୍ଜ ଲାଗିବନି । ସେହିଭଳି ନାଁରେ କୌଣସି ତ୍ରୁଟି ଥିଲେ ତାହାକୁ ୨୪ ଘଣ୍ଟାରେ ମଧ୍ୟରେ ମାଗଣାରେ ପରିବର୍ତ୍ତନ କରିପାରିବେ ।

ରିଫଣ୍ଡ ଉପରେ ମଧ ନିୟମ ଆସିପାରେ । ଯାତ୍ରୀ ଟିକେଟ ଏୟାରଲାଇନ୍‌ର ୱେବସାଇଟ ସିଧାସଳଖ ବୁକ୍ କରିଥାନ୍ତୁ କିମ୍ବା ଟ୍ରାଭେଲ ଏଜେଣ୍ଟ କିମ୍ବା କୌଣସି ପୋର୍ଟାଲରୁ, ରିଫଣ୍ଡର ଦାୟିତ୍ୱ ଏୟାରଲାଇନ୍ସର ରହିବ । ରିଫଣ୍ଡ ୨୧ କାର୍ଯ୍ୟଦିବସ ମଧ୍ୟରେ ଦେବାକୁ ହେବ । ଡ୍ରାଫ୍ଟ ଅନୁସାରେ ମେଡିକାଲ ଇମରଜେନ୍ସୀରେ ଏୟାରଲାଇନ ସଂପୂର୍ଣ୍ଣ ରିଫଣ୍ଡ ମଧ ଦେଇପାରେ ।

ତେବେ ଏହି ସୁବିଧା ସେହି ଫ୍ଲାଇଟ ଉପରେ ଲାଗୁ ହେବନାହିଁ ଯାହାର ଯାତ୍ରା ତାରିଖ ଯାତ୍ରୀ ବୁକିଂ କରିଥିବା ତାରିଖର ୫ ଦିନ ଭିତରେ (ଘରୋଇ ବିମାନ) କିମ୍ବା ୧୫ ଦିନ ଭିତରେ (ଅନ୍ତର୍ଜାତୀୟ ବିମାନ) ରହିଛି । ଅର୍ଥାତ ଏଭଳି କମ୍ ସମୟ ଭିତରେ ଟିକେଟ ବୁକ ଉପରେ ଏହି ନିୟମ ଲାଗୁ ହେବ ନାହିଁ । ଡିଜିସିଏ ଯାତ୍ରୀଙ୍କୁ ଏଥିପାଇଁ ନଭେମ୍ବର ୩୦ ପର୍ଯ୍ୟନ୍ତ ପରାମର୍ଶ ମାଗିଛି । ସବୁକିଛି ଠିକ୍ ରହିଲେ, ନିୟମ ତିଆରି ହେବ । କିନ୍ତୁ ଏହା କେବେଠାରୁ ଲାଗୁ ହେବ, ଏହା ନିର୍ଦ୍ଧାରିତ ହୋଇନାହିଁ ।

ବର୍ତ୍ତମାନ ଭାରତରେ ଏୟାର ଟିକେଟ କ୍ୟାନ୍ସଲ ଉପରେ କୌଣସି ସାଧାରଣ ୪୮ ଘଣ୍ଟିଆ ଗ୍ରେସ ପିରିୟଡ ନାହିଁ । ଅଧିକାଂଶ ଏୟାରଲାଇନ୍ସ ନିଜର ପଲିସି ଅନୁସାରେ ଫି' ନେଉଛନ୍ତି । ରିଫଣ୍ଡ ପ୍ରୋସେସ ମଧ ମନ୍ଥର । ଫଳରେ ଯାତ୍ରୀଙ୍କୁ ଅସୁବିଧାର ସାମ୍ନା କରିବାକୁ ପଡୁଛି । ବିଶେଷ କରି ଟ୍ରାଭେଲ ଏଜେଣ୍ଟସ କିମ୍ବା ପୋର୍ଟାଲରୁ ବୁକିଂରେ ରିଫଣ୍ଡରେ ବିଳମ୍ବ ସାଧାରଣ ।

ଡିଜିସିଏର ଏହି ପଦକ୍ଷେପ ଦ୍ୱାରା ଏଭଳି ଅସୁବିଧାର ସମାଧାନ ହୋଇପାରିବ । ଯାତ୍ରୀଙ୍କୁ ସୁବିଧା ହେବ । ତେବେ ବିଶେଷଜ୍ଞଙ୍କ ଅନୁସାରେ ଏହା ଯାତ୍ରୀଙ୍କ ପାଇଁ ବେଶ ଭଲ ହେବ । ଅବଶ୍ୟ କିଛି ଏୟାରଲାଇନ୍ସଙ୍କ ଅନୁସାରେ ଏଥିରେ ସେମାନଙ୍କର ଆୟ ଉପରେ ପ୍ରଭାବ ପଡ଼ିପାରେ ।



## ସିନେମାଫିନେମା ଟିଭିଫିବି

### ଗୋବିନ୍ଦାଙ୍କ ପ୍ରେମ ସମ୍ପର୍କକୁ ନେଇ ମୁହଁ ଖୋଲିଲେ ସୁନୀତା



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

କିଛି ମାସ ତଳେ ଗୋବିନ୍ଦା ଓ ସୁନୀତା ଆହୁଜାଙ୍କ ବିବାହ ବିଚ୍ଛେଦ ଖବର ଚର୍ଚ୍ଚାରେ ଥିଲା । ଜଣେ ମରାଠୀ ଅଭିନେତ୍ରୀଙ୍କ ସହ ଗୋବିନ୍ଦାଙ୍କର ପ୍ରେମ ସମ୍ପର୍କ ଥିଲା, ଯାହା ସ୍ୱାମୀ-ସ୍ତ୍ରୀଙ୍କ ବିଚ୍ଛେଦର କାରଣ ବୋଲି ଖବର ଆସିଥିଲା । ବେଶ କିଛି ଦିନର ବ୍ରେକ୍ ପରେ ସୁନୀତା ଏବେ ଗୋବିନ୍ଦାଙ୍କ ବିବାହୋତ୍ତର ପ୍ରେମ ସମ୍ପର୍କ ବିଷୟ ଉପରେ ପ୍ରତିକ୍ରିୟା ଦେଇଛନ୍ତି ।

ପାରସ ଛାବ୍ରା ନିଜର ପଡ୍‌କାଷ୍ଟ ଆବରା କା ଡାବରା ଶୋ'ରେ ସୁନୀତାଙ୍କୁ ପଚାରିଲେ, ଯଦି ଆପଣ ଗୋବିନ୍ଦାଙ୍କୁ ପିଲାଦିନୁ ଭଲପାଉଛନ୍ତି, ତେବେ କାହିଁକି ଶୁଣିବାକୁ ମିଳୁଛି ଯେ ଆପଣଙ୍କର ବିଚ୍ଛେଦ ହୋଇଛି କିମ୍ବା ପରସ୍ପର ମଧ୍ୟରେ ଝଗଡା ହେଉଛି । ଏହାର ଉତ୍ତର ଦେଇ ସୁନୀତା କହିଲେ, ମୁଁ ବାରମ୍ବାର ଗଣମାଧ୍ୟମକୁ କହିଛି ଯେ ମୁଁ ବି ଏହା ଶୁଣିଛି । କିନ୍ତୁ ଯେପର୍ଯ୍ୟନ୍ତ ନିଜ ଆଖିରେ ନ ଦେଖିଛି କିମ୍ବା ଗୋବିନ୍ଦାଙ୍କୁ ପ୍ରମାଣ ସହ ନ ଧରିଛି, ସେ ପର୍ଯ୍ୟନ୍ତ କିଛି କହିପାରିବି ନାହିଁ ।'

ସୁନୀତା ଆହୁରି କହିଲେ, ଯେଉଁ ଆଫେୟାର ବିଷୟରେ ମୁଁ ଶୁଣୁଛି, ଏ ସବୁ କରିବାର ଏହା ବୟସ ନୁହେଁ । ଗୋବିନ୍ଦାଙ୍କୁ ନିଜ ଝିଅ ଓ ପୁଅଙ୍କ ଭବିଷ୍ୟତ କଥା ଚିନ୍ତା କରିବା ଉଚିତ୍ । ମୁଁ ଏ ସବୁ କହୁଛି କାରଣ ମୁଁ ଗଣମାଧ୍ୟମକୁ ସ୍ପଷ୍ଟ କରିଛି ଯେ ଯାହା କହିବି ସତ କହିବି । ମୁଁ ମିଛ କହେ ନାହିଁ । ବିନା ଦ୍ୱିଧାରେ କହିବି ଏବଂ କିଛି ବି ଲୁଚାଇବି ନାହିଁ । କାରଣ ସେ ମୋର ସ୍ୱାମୀ । ଗଣମାଧ୍ୟମକୁ ମୁଁ ନିଜେ ଡାକି କହିବି ଯେ ମାମଲା ଏମିତି । ଗୋବିନ୍ଦାଙ୍କ ଫ୍ୟାନ୍‌ଙ୍କୁ ବି ପଚାରିବି, ଗୋବିନ୍ଦା ଯଦି ଏହା କରିଛନ୍ତି, ଆପଣଙ୍କୁ କ'ଣ ଠିକ୍ ଲାଗୁଛି ୪୦ ବର୍ଷୀୟା ପତ୍ନୀ ହେବା ଉଚିତ୍ ନା କୌଣସି ଏକ୍ସ ୱାଇ ଜେଡ୍ ହେବା ଉଚିତ୍ । ମୁଁ ବି ଦେଖିବାକୁ ଚାହୁଁଛି ଫ୍ୟାନ୍ ମୋ ପକ୍ଷ ନେଉଛନ୍ତି ନା ଗୋବିନ୍ଦାଙ୍କର ।

## ନୀଳାଚଳ ପଲିଟେକ୍ନିକ୍ କଲେଜ ଅଫ୍ ଇଂଜିନିୟରିଂରେ ପ୍ରଥମ ଆଇଏସ୍‌ଟିଇ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ୍ ଏଡୁକେସନ୍, ଓଡ଼ିଶା ଶାଖା ତରଫରୁ ନୀଳାଚଳ କଲେଜ ଅଫ୍ ଇଂଜିନିୟରିଂ, ଭୁବନେଶ୍ୱରଠାରେ ଅକ୍ଟୋବର ୩୧.୧୦.୨୫ ତାରିଖ ଦିନ ପ୍ରଥମ ଆଇଏସ୍‌ଟିଇ ଡ଼ିପ୍ଲୋମା ଇଂଜିନିୟରିଂ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଅଛି । ଏହି ସମ୍ମିଳନୀକୁ ସୋଆ ୟୁନିଭରସିଟିର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନ କରିଥିଲେ । ଦେଶର ପ୍ରଗତିରେ ବୈଷୟିକ ଶିକ୍ଷାର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଉପସଚିବ ସୁକାନ୍ତ କୁମାର ପ୍ରଧାନ, ବରିଷ୍ଠ ଓଏଏସ୍, ଓପେସାର ସଂପାଦକ ଇଂ.ସରୋଜ କୁମାର ସାହୁ, ନୀଳାଚଳ ପଲିଟେକ୍ନିକ୍ କଲେଜ ଅଫ୍ ଇଂଜିନିୟରିଂର ଅଧକ୍ଷ ଡଃ. ବିଷ୍ଣୁଚରଣ ପାତ୍ର, ଆଇଏସ୍‌ଟିଇର ଚେୟାରମ୍ୟାନ୍ ଡଃ. ପ୍ରଭାତ କୁମାର ପାଢୀ ଓ ସଂପାଦକ ଡଃ. କ୍ଷୀରୋଦ କୁମାର ରାଉତ, ବିଶିଷ୍ଟ ଅତିଥିବୃନ୍ଦ ଉପସ୍ଥିତ ରହି ବିକଶିତ ଭାରତ ଗଠନରେ ଛାତ୍ରଚାତ୍ରୀମାନଙ୍କର ଭୂମିକା ଏବଂ ଉତରଦାୟୀତ୍ୱ ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

ଟେକ୍ନିକାଲ୍ ସେସନ୍‌ରେ ବିଶିଷ୍ଟ ବୈଜ୍ଞାନିକ ଡଃ. ସରୋଜ କୁମାର ସିଂ, ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ. ପ୍ରଭାସ ମିଶ୍ର ଏବଂ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ଡଃ. ଶୁଭେନ୍ଦୁ କୁମାର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଭାଗ ନେଇଥିଲେ ।



# ବେଆଇନ ବାଲି ଚାଲାଣ : ପ୍ରଶାସନ ନୀରବଦ୍ରଷ୍ଟା



**୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧୀନ ତାଳଦା ପଞ୍ଚାୟତର ଏଡବାଂଶ ଗ୍ରାମ ଦେବୀ ନଦୀ ପଠାରୁ ଗତ କିଛି ଦିନ ଧରି ବେଆଇନ ଭାବେ ବାଲି ଚାଲାଣ ହେଉଛି । ବାଲି ମାଫିଆମାନେ ସମଗ୍ର ପଞ୍ଚାୟତରେ ଆତଙ୍କରାଜ ସୃଷ୍ଟି କରି ସେମାନଙ୍କ ଜୀବନଚର୍ଯ୍ୟା ଅସ୍ତବ୍ୟସ୍ତ କରୁଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରତିଦିନ ରାତି ୧୧ଟା ପରେ ଶତାଧିକ ହାଇୱା ବୋଝେଇ ବାଲି ସମ୍ପୃକ୍ତ ସ୍ଥାନରୁ ଖଣ୍ଡାସାହି–ବାଉରିଆକଣ ନଦୀ ବନ୍ଧ ମାର୍ଗରେ ଚାଲାଣ ହେଉଛି । ଏହି ବେଆଇନ ଚାଲାଣକୁ ରୋକିବାକୁ ଯେତେବେଳେ ଗ୍ରାମବାସୀ ପ୍ରୟାସ କରୁଛନ୍ତି ମାଫିଆମାନେ ତାଙ୍କୁ ଭୟଭୀତ କରାଇବା ସହ ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ନଦୀ ପଠାରୁ ବାଲି ଉତ୍ତୋଳନ ଓ ପରିବହନ ନିୟମିତ ଭାବେ ଜାରି ରହିଛି । ସ୍ଥାନୀୟ ଲୋକମାନେ ଅସ୍ତରଙ୍ଗ ପୁଲିସ, ଜିଲ୍ଲା ଖଣିଜ ଅଧିକାରୀ ଓ ଜିଲାପାଳଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲିଖିତ ଅବଗତ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଗ୍ରାମବାସୀଙ୍କ ମତରେ ଯଦି ଏହି ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଶୀଘ୍ର କଠୋର ପଦକ୍ଷେପ ନିଆ ନଯାଏ ତେବେ ଦେବୀ ନଦୀ ପଠା ଓ ପରିବେଶ ଉଭୟ ଗୁରୁତର ସମସ୍ୟାର ସମ୍ମୁଖୀନ ହେବ । ଏ ନେଇ ଗ୍ରାମର ରବୀନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ସେନାପତି, ପ୍ରବୀଣ ସେନାପତି, ରମାକାନ୍ତ ସେନାପତି, ରୁଦ୍ର ସେନାପତି, କାଶୀନାଥ ସାମଲ, ରମାକାନ୍ତ ବାରିକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ବେଆଇନ ବାଲି ଘାଟରେ କାଠ ବାଡ ଦେଇ ପ୍ରତିବାଦ କହିଛନ୍ତି । ଯଦି ଏଭଳି ବେଆଇନ ଖନନ କରାଯାଏ ତେବେ ବନ୍ୟା ପ୍ରଭାବିତ ଗ୍ରାମଟି ନଦୀ ଗର୍ଭରେ ଲୀନ ହେବାର ସମ୍ଭାବନା ସୃଷ୍ଟି ହୋଇଥିବା ସେମାନେ କହିଛନ୍ତି । ସେପଟେ, ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ସରକାରୀସ୍ତରରେ କୌଣସି ଅନୁମତି ନଥିବା ବେଳେ ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଓସିଆଁ ଓ ଏଡବାଂଶ ମୌଜାର କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଟଙ୍କା ଦେଇ ଏହି କୋଟି କୋଟି ଟଙ୍କାର ପ୍ରାକୃତିକ ଉତ୍ସକୁ ମାଫିଆମାନେ ଲୁଟ କରୁଥିବା ଗ୍ରାମବାସୀମାନେ କହିଛନ୍ତି । ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରି ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ପୂର୍ଣ୍ଣିମା |
| --- | --- |
| ୫.୧୧.୨୦୨୫ | ନକ୍ଷତ୍ର– ଅଶ୍ୱିନୀ, ମେଷଚନ୍ଦ୍ର |

| | |
| --- | --- |
| ମେଷ | : ବକେୟା ପଡ଼ିଥିବା ଅର୍ଥଲାଭ ହେବ। |
| ବୃଷ | : ଅର୍ଥଦଣ୍ଡ ଭୋଗିପାରନ୍ତି । |
| ମିଥୁନ | : ହଠାତ୍ ଦୂରଯାତ୍ରା କରିପାରନ୍ତି । |
| କର୍କଟ | : ନୂତନ ଆୟ ବୃଦ୍ଧି ପାଇବ । |
| ସିଂହ | : ସନ୍ତାନରେ ବାଧା । |
| କନ୍ୟା | : ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । |
| ତୁଳା | : ମାନସିକ ଅସ୍ଥିରତା ଦୂର ହେବ । |
| ବିଛା | : ବନ୍ଧୁଙ୍କ ସହଯୋଗ ପାଇବେ । |
| ଧନୁ | : ମାନସିକ ଚାପ ବୃଦ୍ଧି ପାଇବ । |
| ମକର | : ଅସ୍ଥିରତା ବୃଦ୍ଧି ପାଇବ । |
| କୁମ୍ଭ | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| ମୀନ | : ଅର୍ଥଲାଭ ଯୋଗ ରହିଛି। |

## ସଞ୍ଜ ନଇଁଲେ ବାଲି ଚୋରି : କୋଟି କୋଟିର ରାଜସ୍ୱହାନି

**ନିଆଳି, ୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୂର୍ଯ୍ୟ ବୁଡ଼ିଲେ, ଅନ୍ଧାର ଆସିଲେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ ହେଉଛି । ରାଜଧାନୀ ଉପକଣ୍ଠ ଅଞ୍ଚଳରେ ଚୋରି ହେଉଛି ରାଜସ୍ୱ । ମାଇନ୍ସ ବିଭାଗ, ସ୍ଥାନୀୟ ତହସିଲଦାର, ପୋଲିସ ଓ ଲୋକ ପ୍ରତିନିଧିଙ୍କ ଆଖି ଆଗରେ ନଦୀ ଗର୍ଭକୁ ଚିରି ବାଲି ମାଫିଆ ଲୁଟି ନେଉଛନ୍ତି କୋଟି କୋଟି ଟଙ୍କା ବାଲି । କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ, କନ୍ଦଳ ଓ ଶାଖା ନଦୀ ଗର୍ଭକୁ ଚିରି ଜେସିବ ମେସିନ୍ ଲଗାଇ ହାଇୱା ଓ ଟ୍ରାକ୍ଟର ସାହାଯ୍ୟରେ ବୋହି ନେଉଛନ୍ତି ନଦୀ ବାଲି । ଗତ ୧୫ ଦିନ ମଧ୍ୟରେ ୧୫ କୋଟି ଟଙ୍କାର ବାଲି ଚୋରି ହେଉଥିବା ନେଇ ଅଭିଯୋଗ ହୋଇଛି । କଟକ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି କଣ୍ଟାପଡ଼ା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଚୁପ୍ ।

ମିଳୁଥିବା ଅଭିଯୋଗ ଅନୁସାରେ ଆଉ ବନ୍ଧବାଡ ମାନୁ ନାହାଁନ୍ତି ବାଲି ମାଫିଆ । ସୂର୍ଯ୍ୟ ବୁଡିଲା ମାତ୍ରକେ ନଦୀ ଗର୍ଭକୁ ଚିରି ବୋହି ନେଉଛନ୍ତି କୋଟି କୋଟି ଟଙ୍କାର ବାଲି । ଏ କେଉଁ ଉପାନ୍ତ ଅଞ୍ଚଳରେ ନୁହେଁ ରାଜଧାନୀ ନାକ ତଳେ ଚାଲିଛି ନାଟ । ସଞ୍ଜ ଆସିଲେ ମାତ୍ରେ ରାସ୍ତା ଓ ନଦୀ ପଠାରେ ଶହ ଶହ ହାଇୱା ଲମ୍ବା ଲାଇନ୍ । କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ବଡବିଲ (ଅଣ୍ଡେଇସାହି), ବଡବିଲ, ଝାରପଡା ଠାରୁ ଆରମ୍ଭ କରି ଦେବୀ, କନ୍ଦଳ ଓ ଶାଖା ନଦୀ ପଠା ବାଲି ମାଫିଆଙ୍କ ଚରା ଭୂଇଁ ପାଲଟିଛି । ବର୍ଷାଦିନ ଯିବା ଓ ନଦୀରୁ ପାଣି ଖସିବା ପରେ କଣ୍ଟାପଡ଼ା ତହସିଲ ଅଧିନରେ ବିଭିନ୍ନ ସ୍ଥାନରେ ବେଆଇନ ବାଲିଘାଟ ପସରା ମେଲିଛି । ରାଜ୍ୟ ସରକାର ରାଜସ୍ୱ ଜଗିବା ପାଇଁ ଯେଉଁ ଅଧିକାରୀ ମାନଙ୍କୁ ନ୍ୟସ୍ତ କରିଛନ୍ତି ଓ ମୋଟା ଅଙ୍କର ଦରମା ଦେଉଛନ୍ତି ସେମାନଙ୍କ ଜ୍ଞାତ ସାରରେ କନ୍ଦଳ, ନଦୀ ଓ ଶାଖା ନଦୀ ଓ ମାଇନ୍ସ ବିଭାଗ । କିନ୍ତୁ ରାଜ୍ୟ ସରକାରଙ୍କ ରାଜସ୍ୱକୁ ସୁରକ୍ଷା ଦେବାରେ ବିଫଳ ହୋଇଛି ବୋଲି ଅଭିଯୋଗ ହୋଇଛି । କଣ୍ଟାପଡ଼ା ତହସିଲ ଅଧିନରେ ଯାଇଥିବା ଦେବୀ, କନ୍ଦଳ ଓ ଶାଖା ନଦୀ ମାନଙ୍କରେ ଆଉ କିଛି ଦିନ ପରେ ବାଲି ସରିଯାଇଥିବ ଓ ରାଜ୍ୟ ସରକାରଙ୍କ ରାଜସ୍ୱ ଲୁଟ ହୋଇଯାଇଥିବ କିନ୍ତୁ ଏଥିରେ ଲାଭ



ବାନ ହେବେ ବାଲି ମାଫିଆ ଓ ଏହାକୁ ସୁରକ୍ଷା ଦେଉଥିବା କିଛି ମୁଷ୍ଟିମେୟ ପ୍ରଶାସନ ଓ ନେତା । ସେହିପରି କେତେକ ହାତ ଗଣତି ବାଲିଘାଟ ନିଲାମ ମିଳିଛି । ସେମାନେ ମଧ୍ୟ ସୀମା ଆରପାର କରି ବାଲି ଲୁଟ କରିବା ସହିତ ହାଇୱା ଗାଡ଼ିରେ ଯାଉଥିବା ବାଲି ଚାଲାଣ ସମୟରେ ଟି.ପି ଦେଉନଥିବା ଅଭିଯୋଗ ହୋଇଛି । ତେବେ ରାଜ୍ୟ ସରକାର ଓ ଗୁଇନ୍ଦା ବିଭାଗ ଘଟଣାର ତଦନ୍ତ ପାଇଁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦୃଢ ଦାବି ହୋଇଛି ।

ନଦୀ ଗର୍ଭରୁ ବେଆଇନ ବାଲି ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି । ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ ହେଉଛି ଅଥଚ ରାଜ୍ୟ ସରକାର ଓ ରାଜସ୍ୱ ବିଭାଗର ନିଘା ନଥିଲା ପରି ମନେ ହେଉନଥିବା ଅଭିଯୋଗ ହୋଇଛି । ବେଆଇନ ବାଲିଘାଟରୁ ଜେସିବ ମେସିନ୍ ମାଧ୍ୟମରେ ହାଇୱା ମାଧ୍ୟମରେ ବାଲି ଚୋରା ଚାଲାଣ ହେଉଛି । ରାଜ ରାସ୍ତାରେ ପଇଁତରା ମାରୁଛି ପୋଲିସ

## ଏବେ ବି ଜାଲ ସାର୍ଟିଫିକେଟରେ ଚାଲିଛି ଶିକ୍ଷକତା

**କବିସୂର୍ଯ୍ୟନଗର, ୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବ୍ୟାପିଛି ଜାଲ୍ ସାର୍ଟିଫିକେଟର ଭୟ । ଜାଲ୍ ସାର୍ଟିଫିକେଟରେ ଫସି ଯାଇଛନ୍ତି ଶିକ୍ଷକ । ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି କରିଥିବା ୪୨୪ ଜଣ ଶିକ୍ଷକ ବହିଷ୍କାର ହେଲେଣି ତଥାପି ଆହୁରି ଲୁଚି ଯାଇଛି । ଏହି ଜାଲ ସାର୍ଟିଫିକେଟ କାରବାର ଆଜି ବା କାଲିର ନୁହେଁ । ବର୍ଷ ବର୍ଷ ଧରି ଜାଲ୍ ସାର୍ଟିଫିକେଟରେ ଅନେକ ଶିକ୍ଷକ ନିଯୁକ୍ତି ପାଇଛନ୍ତି ଏବଂ ପାଉଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଧରା ପଡିଲେଣି । ସାରା ରାଜ୍ୟରେ ବ୍ୟାପିଛି ଏହାର ଚେର । ହେଲେ ଏହାକୁ ରୋକିବାରେ ବିଫଳ ହୋଇଛନ୍ତି ସରକାର । ଜାଲ ସାର୍ଟିଫିକେଟ ଧାରୀ ନକଲି ଶିକ୍ଷକ ଖାଲି ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁ ନାହାନ୍ତି ବରଂ ଦକ୍ଷ ତଥା ଯୋଗ୍ୟ ଶିକ୍ଷକଙ୍କ ଜୀବନକୁ ନଷ୍ଟ କରୁଛନ୍ତି । ତେବେ କେଉଁଠୁ ଆସୁଛି ଏହି ଜାଲ ସାର୍ଟିଫିକେଟ ? ଏହି ବେଆଇନ କାମରେ କିଏ ସଂପୃକ୍ତ? କାହିଁକି ଗୁରୁତ୍ୱର ସହ ଏହି ଚୋରା କାରବାରକୁ ରୋକୁ ନାହାନ୍ତି ସରକାର ? ଶିକ୍ଷକ ପରୀକ୍ଷାରେ କାହିଁକି ସ୍ୱଚ୍ଛତା ରହୁନି? କାହିଁକି ଠିକ ଭାବରେ ସାର୍ଟିଫିକେଟ ଯାଞ୍ଚ କରାଯାଉନାହିଁ ? ଏମିତି ଅନେକ ପ୍ରଶ୍ନ ଶିକ୍ଷକ, ଶିକ୍ଷାବିତ ଏବଂ ଶିକ୍ଷାର୍ଥୀଙ୍କ ମନରେ । ଅନେକ ସମୟରେ ଶିକ୍ଷକ ନିଯୁକ୍ତି ସଠିକ ଭାବରେ କରାଯାଉନାହିଁ । ସମସ୍ତଙ୍କ




ସାର୍ଟିଫିକେଟ ମଧ୍ୟ ଠିକ ଭାବରେ ଯାଞ୍ଚ କରାଯାଉନାହିଁ । ଯାହା ଫଳରେ ପ୍ରକୃତ ଶିକ୍ଷକମାନେ ନିଯୁକ୍ତି ପାଇବାରେ ସମସ୍ୟା ହେଉଛି । ଏନେଇ ଯେଉଁମାନେ ଏହି ସାର୍ଟିଫିକେଟ ଯାଞ୍ଚରେ ରହୁଛନ୍ତି ସେମାନେ ତଦନ୍ତ ପରିସରକୁ ଆସିବା ଆବଶ୍ୟକ ।

ହେଲେ ଆବେଦନକାରୀଙ୍କୁ ଚାକିରି ପାଇଁ ନକଲି ସାର୍ଟିଫିକେଟ କେଉଁଠି ସଂସ୍ଥା ଦେଉଛି ତ କେତେକ ସ୍ଥଳରେ ସଂସ୍ଥା ଦେଇଥିବା ଅସଲିକୁ ନିଯୁକ୍ତି ସମୟରେ ଆବେଦନାକାରୀ ଟ୍ୟାମ୍ପରିଙ୍ଗ କରି ନକଲି କରିଥିବା ଆଲୋଚନା ହେଉଛି । ଏବେ ବି ମାଳ ମାଳ ନକଲି ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟ ଯାଇ ଦରମା ନେଉଛନ୍ତି । ସରକାରଙ୍କ ଆଦେଶରେ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଧର୍ମକୁ ଆଖିଠାର । ନକଲିଙ୍କୁ ବଞ୍ଚାଇବାରେ ସହଯୋଗ କରୁଛନ୍ତି ଶିକ୍ଷା ଅଧିକାରୀ । କେବଳ ସାର୍ଟିଫିକେଟରେ ଜାଲି ଶିକ୍ଷକ ନୁହନ୍ତି.. କାହାର ୨ ନକଲି ତ ଆଉ କାହାର ସିଟି, ବିଇଡି ସାର୍ଟିଫିକେଟ ଜାଲ ରହିଛି । ସେହିପରି ଆଉ କାହାର ଜାତି ପ୍ରମାଣ ପତ୍ର, କିଏ କାହା ନାଁରେ ନିଯୁକ୍ତି ମଧ୍ୟ ପାଇଛନ୍ତି । ଏପଟେ ଗଞ୍ଜାମରେ ଚାକରି କରୁଛନ୍ତି ସିନା ନକଲିଙ୍କ ଘର ଅନ୍ୟ ଜିଲାରେ । ନକଲି ସାର୍ଟିଫିକେଟରେ ନିଯୁକ୍ତିର ମଜା ନେଇ ସ୍ତ୍ରୀ ଚାକିରି ପାଇବା ପରେ ସ୍ୱାମୀ ମଧ୍ୟ କିଣା ସାର୍ଟିଫିକେଟରେ ଶିକ୍ଷକତା କରୁଛନ୍ତି । ଆଉ କିଏ ମାଟ୍ରିକରେ ଥାର୍ଡ ଡିଭିଜନ ଥାଇ ସିଟି ଓ ବିଇଡିରେ ଫାଷ୍ଟ ଡିଭିଜନର ସାର୍ଟିଫିକେଟ ଦାଖଲ କରିଥିବା ନଜିର ରହିଛି । ସବୁଠୁ ବଡ଼ କଥା ହେଉଛି ଗଞ୍ଜାମ ଡିପିସିଙ୍କ ନିକଟରେ ଦାଖଲ କରିଥିବା ନକଲି ସାର୍ଟିଫିକେଟ ଆଉ ଜିଲ୍ଲା କାର୍ଯ୍ୟାଳୟରେ ମିଳୁନି । ଏଣୁ ନିଯୁକ୍ତି ସମୟରେ ଧରାଯାଇଥିବା ମେରିଟ ଲିଷ୍ଟ କୁ ଯାଞ୍ଚ କଲେ ସବୁ ଗୁମର ଖୋଲିବ ବୋଲି କେତକ ଶିକ୍ଷବିତ ମତ ରଖିଛନ୍ତି । ଗଞ୍ଜାମ ଜିଲାରେ ନକଲି ଶିକ୍ଷକଙ୍କୁ ଧରିବାରେ ପ୍ରଶାସନ ବିଫଳ ହୋଇଥିବା କୁହାଯାଇଛି । ଅନ୍ୟ ଜିଲାରୁ ଆସି ଏଠି ନକଲି ସାର୍ଟିଫିକେଟରେ ଶିକ୍ଷକତା କରି ଏବେ ଅବସର ନେବାକୁ ବସିଲେଣି ତ ଆଉ କେହି କେହି ମୋଟା ଅଙ୍କର ହାତଗୁଞ୍ଜା ଦେଇ ନିଜ ଜିଲ୍ଲାକୁ ବଦଳି ହେଇଗଲେଣି । ନକଲି ଧରିବା ପାଇଁ ସରକାରଙ୍କ ଉଦ୍ୟମ ଶିକ୍ଷାଧିକାରୀ ମାନଙ୍କ ଦ୍ୱାରା ଫସର ଫାଟୁଛି । ନକଲି ଶିକ୍ଷକଙ୍କ ଦୌରାତ୍ମ୍ୟରେ ଅସଲି ଶିକ୍ଷକମାନେ ମାନସିକ ନିର୍ଯାତନାର ଶିକାର ହେଉଥିବା ଆଲୋଚନା ହେଉଛି । ଏଠି ପ୍ରଶ୍ନ ଉଠିଲାଣି ପୋଲିସ, କ୍ରାଇମବ୍ରାଞ୍ଚ, ଭଳି ତଦନ୍ତକାରି ସଂସ୍ଥାର ନୀରବତା କାହିଁକି । ନିଯୁକ୍ତି ଦେଇଥିବା ଡିପିସିଙ୍କୁ ତଦନ୍ତ ପରିସର୍ଭୁକ୍ତ କରାଯାଉନି କାହିଁକି? ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଓ ଡିପିସିଙ୍କ ରେକର୍ଡ ରୁମ ଯାଞ୍ଚ ହେଉନି କାହିଁକି? ନିଯୁକ୍ତି ସମୟରେ ଶିକ୍ଷକ ମାନେ ଦେଇଥିବା ସେଲ୍ଫ ଆଫିଡ଼ାଫିଟ ଗଲା କୁଆଡେ? ଯଦିଓ ଏ ସବୁର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ ତାହାହେଲେ ନକଲି ଶିକ୍ଷକ ଧରିବାରେ ସରକାର ସଫଳ ହେବେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି ।

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

**ବେତନଟୀ, ୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଗ୍ରାମର ଜଣେ ବୃଦ୍ଧ ପୋଖରୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡି ଜନୈକ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଛି । ଘଟଣାରୁ ପ୍ରକାଶ ଦାନ୍ତିଆମୁହାଁ ଗ୍ରାମର ୬୫ବର୍ଷ ବୟସ୍କ ବୃଦ୍ଧ ବାଣୁଆ ସିଂ ଗାଁ ନିକଟସ୍ଥ ପୋଖରୀକୁ ଆଜି ମାଛ ଧରିବାକୁ ଯାଇଥିବା ବେଳେ ଗଭୀର ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ସେହି ପୋଖରୀକୁ ଗାଧୋଇବାକୁ ଯାଇ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ତାଙ୍କୁ ପାଣି ଭିତରୁ ଉଦ୍ଧାର କରିଥିଲେ ଏବଂ ତାଙ୍କ ପରିବାରକୁ ଖବର ଦେଇଥିଲେ । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା । ବଡ଼ଜାମବଣି ଫାଣ୍ଡି ଅଧିକାରୀ ଭାବଗ୍ରାହୀ ମହାନ୍ତ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବେତନଟୀ ପୁଲିସ ୫୬/ ୨୫ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର ଏମଏମ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ସୂଚନା ମିଳିଛି ।

## ବିଡିଓଙ୍କ ଘରୁ ଲୁଟ୍

**ନବରଙ୍ଗପୁର, ୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଶନିବାର ଛୁଟିରେ ନବରଙ୍ଗପୁର ବ୍ଲକ ବିଡିଓ ସୁନୀଲ ଖରା ନିଜ ପରିବାର ଲୋକଙ୍କୁ ଭେଟିବାକୁ ରାୟଗଡା ଯାଇଥିଲେ। ଆଜି ସକାଳେ ସେ ରାୟଗଡାରୁ ଫେରି ବ୍ଲକ ପରିସରରେ ଥିବା ତାଙ୍କ ସରକାରୀ ବାସ ଭବନ ଖୋଲିବା ବେଳକୁ ଦୁଇଟି ଭେଣ୍ଟିଲେଟର ଭାଙ୍ଗି ଚୋରମାନେ ପଶି ଚୋରି କରିଥିବା ଦେଖିବାକୁ ପାଇଥିଲେ । ତାଙ୍କ ଘରୁ ୨୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି ।

## ପୁଣି ଧସିଲା ଦୟା ନଦୀ ବନ୍ଧ

**କଣାସ, ୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଦୟାନଦୀର ବାମ ପାର୍ଶ୍ୱ ନଦୀବନ୍ଧ ବସନ୍ତପୁର ନିକଟରେ ୧୫୦ ମିଟରରୁ ଉର୍ଦ୍ଧ୍ୱ ଧସିଯାଇଥିବା ଦେଖିବାକୁ ମିଳିଛି । ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ନଯିବା ପାଇଁ ଏକ ବୋର୍ଡ ମରାଯାଇଥିବା ଲେଖାଯାଇଛି । ଗତ ବର୍ଷ ଉକ୍ତ ସ୍ଥାନରେ ନଦୀବନ୍ଧ ଧସି ଯିବାରୁ ଜଳସେଚନ ବିଭାଗ ଉଚ୍ଚ ଅଧିକାରୀମାନେ ବାରମ୍ବାର ଉକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ନଦୀ ଗର୍ଭରେ ପଥର ପ୍ୟାକିଙ୍ଗ କରିଥିଲେ । ନଦୀ ବନ୍ଧର ଅପର ପାର୍ଶ୍ୱରେ ଗାର୍ଡୱାଲ କରିଥିବାବେଳେ ନଦୀ ବନ୍ଧକୁ ମଧ୍ୟ ଚଉଡା କରିବା ସହିତ ରାସ୍ତା ଢଳାଇ କରିଥିଲେ । ସ୍ଥାନୀୟ ଲୋକମାନଙ୍କ ଠାରୁ ପ୍ରକାଶ ନଦୀ ଡ୍ରେଜର ସାହାର୍ଯ୍ୟରେ ନଦୀ ଗର୍ଭ ଖନନ କରାଯାଇଥିବାରୁ ନଦୀ ବନ୍ଧରୁ ମାଟି ନଦୀ ଗର୍ଭକୁ ବାରମ୍ବାର ଧସି ଯାଉଥିବା ବୁଦ୍ଧିଜୀବୀମାନଙ୍କ ଠାରୁ ପ୍ରକାଶ । ବନ୍ଧର ଢଳାଇ ରାସ୍ତାରୁ ପ୍ରାୟ ୫ ଫୁଟ ତଳକୁ ବନ୍ଧ ଧସି ଯାଇଥିବା ଜଣାପଡିଛି । ଆଜି ଜଳସେଚନ ବିଭାଗର ଉଚ୍ଚ ଅଧିକାରୀମାନେ ଉକ୍ତ ସ୍ଥାନକୁ ଆସି ବାରମ୍ବାର ନଦୀବନ୍ଧ ଧସୁ ଥିବା ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଛନ୍ତି । ଜଗନ୍ନାଥ ସଡକ ଜଙ୍କିଆଠାରୁ ଗଡିଶାଗୋଦା ଦେଇ କରମଳା ଏବଂ ବ୍ରହ୍ମଗିରିକୁ ଯିବା ରାସ୍ତା ହୋଇଥିବାରୁ ଉକ୍ତ ବନ୍ଧରେ କଣାସ ବ୍ଲକର ଗଡସାହି, ଖଣ୍ଡହତା, ଗଡିଶାଗୋଦା, ଯାମଳଗୋଦା, ଆଳିବାଡ, ଗୋପୀନାଥପୁର ଏବଂ ବ୍ରହ୍ମଗିରୀ ବ୍ଲକର ତିନି ଚାରୋଟି ପଞ୍ଚାୟତର ଜନସାଧାରଣ ଦୈନନ୍ଦିନ ଉକ୍ତ ରାସ୍ତା ଉପରେ ଯାତାୟାତ କରିଥାନ୍ତି । ଏ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ଉଚ୍ଚ ଅଧିକାରୀମାନେ ବୁଲି ଦେଖି ଯାଇଛନ୍ତି । ନଦୀରୁ ଜଳ କମିବା ପରେ ଯାହା ସ୍ଥାୟୀ ବ୍ୟବସ୍ଥା କରାଯିବ ।

## ୫୦ ହଜାର ଟଙ୍କାର ଶାଗୁଆନ ଓ ପଣସ ପଟା ଜବତ

**ଖଣ୍ଡପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବନବିଭାଗ କର୍ମଚାରୀ ସୋମବାର ସକାଳ ୮ ଘଣ୍ଟା ସମୟରେ ଖଳିସାହି ଗ୍ରାମର ରାଜୁଆ ସାହିରେ ଅଚାନକ ଚଢାଉ କରି କ୍ରୀଡା ଶିକ୍ଷକ ଧନେଶ୍ୱର ବେହେରାଙ୍କ ବାସଗୃହ ମଧ୍ୟରୁ ବିପୁଳ ପରିମାଣର ଶାଗୁଆନ ଓ ପଣସ ପଟା ଜବତ କରିଛି । ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଚଢାଉ କରି ବାସଗୃହ ମଧ୍ୟରେ ରଖାଯାଇଥିବା ପଟା ଗୁଡିକୁ ଜବତ କରିଥିଲେ । ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଜବତ ପଟା ଗୁଡ଼ିକର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କଠାରୁ ପ୍ରକାଶ ।

## ୨ଶିଶୁଙ୍କ ସମେତ ୭ ଦାଦନ ଶ୍ରମିକ ଉଦ୍ଧାର: ଦଲାଲ ଗିରଫ

**କଣ୍ଟାବାଞ୍ଜି, ୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲାରେ ୨ଶିଶୁଙ୍କ ସହ ଦାଦନ ଚାଲାଣ ହେଉଥିବା ସମୟରେ ଶିଶୁ ଓ ଦାଦନଙ୍କୁ ଉଦ୍ଧାର କରିବା ସହ ଜଣେ ଦଲାଲକୁ ଗିରଫ କରିଛି ପୁଲିସ୍ । ଖବର ଅନୁସାରେ ବଲାଙ୍ଗିର ଜିଲା ତୁରେକେଲା ରୋଡ଼ ରେଳ ଷ୍ଟେସନରୁ ୨ଶିଶୁଙ୍କ ସମେତ ୭ଦାଦନଙ୍କୁ ରାତି ସମୟରେ ରେଳଗାଡ଼ି ଯୋଗେ ହାଇଦ୍ରାବାଦ ପଠାଇବାକୁ ଯୋଜନା କରିଥିଲେ ଦଲାଲ ହଳନଭଟା ଗାଁର ଭମ୍ରବର ସୁନା (୫୫) । ତୁରକେଲା ଓ ଲାଠୋର ପୁଲିସ ମିଳିତ ଭାବେ ପାଟ୍ରୋଲିଂ କରୁଥିବା ସମୟରେ ମହୁଲପାଟି ନିକଟରୁ ଦଲାଲଙ୍କ ସମେତ ଶିଶୁ ଓ ଦାଦନଙ୍କୁ ଠାବ କରିଥିଲେ । ଶ୍ରମିକ ମାନଙ୍କୁ ନିଜ ଗାଁ ହଳନଭାଟାରେ ଛାଡି ଦେଇଥିଲେ ପୁଲିସ୍ । ପରେ ଦଲାଲକୁ ଅଟକ ରଖି ତଦନ୍ତ ଜାରି ରଖିବା ସହ ଏକ ମାମଲା ରୁଜୁକରି କଣ୍ଟାବାଞ୍ଜି ଅଦାଲତ ଚାଲାଣ କରିଥିଲେ । ଦଲାଲ ଭମ୍ରବରଙ୍କ ଜାମିନ ଆବେଦନକୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନାମଞ୍ଜୁର କରିଥିବାରୁ, ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ଉପ କାରାଗାରକୁ ପଠାଇ ଦିଆ ଯାଇଥିବା ତୁରେକେଲା ଥାନା ଭାରପ୍ରାପ୍ତ ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

## ପୋଲିଓ ଟୀକା ନେଇ ଶିଶୁକନ୍ୟା ମୃତ!

**ଭଦ୍ରକ : ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲିଓ ଟୀକା ନେଇ ଜଣେ ୩ ମାସର ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନନ୍ଦପାଟଣା ଗ୍ରାମରେ ଏଭଳି ଘଟଣା ଘଟିଛି । ଏନେଇ ଶିଶୁକନ୍ୟାର ପରିବାର ଲୋକେ ନାୟକାଣୀଡ଼ିହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ନନ୍ଦପାଟଣା ଗ୍ରାମର ରାଜାରାମ ଜାନାଙ୍କ ୩ ମାସର ଶିଶୁକନ୍ୟା ସୋମବାର ଦିନ ୧୧ଟା ବେଳେ ନନ୍ଦପାଟଣା ଅଙ୍ଗନବାଡି କେନ୍ଦ୍ରରେ ପୋଲିଓ ଟୀକା ନେଇଥିଲେ । ସନ୍ଧ୍ୟାରେ ଶିଶୁକନ୍ୟାକୁ ଜ୍ୱର ଆସିବାରୁ ଶୋଇ ପଡ଼ିଥିଲା । ସକାଳେ ଶିଶୁକନ୍ୟାର ନିଶ୍ୱାସ ଚାଲୁନଥିବା ଦେଖି ପରିବାର ଲୋକେ ତୁରନ୍ତ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଶିଶୁକନ୍ୟାର ପରିବାର ଲୋକେ ଏନେଇ ନାୟକାଣୀଡ଼ିହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ପରିବା ଦରରେ ତାତି, ଖାଉଟି ଛାନିଆଁ

**କଳିଙ୍ଗନଗର, ୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶାରେ ସନାତନି ହିନ୍ଦୁ ପରିବାରରେ ଧର୍ମମାସ କାର୍ତ୍ତିକରେ ଉପବାସର ପବିତ୍ର ମାସ ଅଧିକାଂଶ ନିରାମିଷ ଭୋଜନ କରିଥାନ୍ତା । ଏହାର ସୁଯୋଗରେ ପରିବା ବେପାରୀମାନେ ଏହି ଧର୍ମ ମାସ କାର୍ତ୍ତିକ ଆରମ୍ଭରୁ ହିଁ ବେପାରୀ ରେଟ ବଢ଼ାଇ ପରିବା ଦରରେ ନିଆଁ ଲାଗିଛି । ସେୟାର ମାର୍କେଟ ଭଳି ମାସ ଆରମ୍ଭରୁ ସହରରେ ପରିବା ଦର ପ୍ରତିଦିନ ବଢ଼ି ବଢ଼ି ଚାଲିଛି । ଗୋଟିଏ ପଟେ ଆମିଷ ଘରେ ପଶୁ ନଥିବା ବେଳେ ସବୁଜ ପରିବା ଦର ବୃଦ୍ଧି ଖାଉଟିଙ୍କୁ କନ୍ଦାଉଛି । ପରିବା ଦର ବୃଦ୍ଧିର ପ୍ରଭାବ ସିଧାସଳଖ ଲୋକଙ୍କ ହାଣ୍ଡିଶାଳ ଉପରେ ପଡ଼ିଛ । ବିଶେଷ କରି ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରିବ ପରିବାର ଲୋକ ଦର ବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି । ସବୁଠାରୁ ବଡ଼ କଥା ହେଲା, ଓଡ଼ିଶା ସମେତ ଯାଜପୁର ଜିଲ୍ଲାରେ ଆଉ ସବୁଜ ପରିବା ପୂର୍ବଭଳି ଚାଷ ହେଉନାହିଁ । ଯେଉଁଥିପାଇଁ ଏବେ କଦଳୀ, କାଙ୍କଡ଼, ଝୁଡ଼ଙ୍ଗ ଭଳି କରିବା ପାଇଁ ମଧ୍ୟ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଫଳରେ ସେଠାରେ ବର୍ଷା ହେଲେ କଳିଙ୍ଗନଗର ବାସୀ କାନ୍ଦୁଛନ୍ତି । ଏହି ସୁଯୋଗକୁ ହାତଛାଡ଼ ନକରି ବେପାରୀମାନେ ପରିବା ଦର ବଢ଼ାଇଦେଇଛନ୍ତି । ଫଳରେ ସବୁଜ ପରିବା ମୂଲ୍ୟ ନିଆଁ ଭଳି ଜଳୁଛି । ଗରିବ ଓ ମଧ୍ୟବିତ୍ତ ପରିବାର ଖାଉଟି ଚିନ୍ତାରେ ଦୁଇ ଗୁଣ ବଢିଛି । ଗତ ସପ୍ତାହ ମଧ୍ୟରେ ପ୍ରତି କିଲୋ ପରିବା ଉପରେ ୧୦ରୁ ୧୫ ଟଙ୍କା ପର୍ଯ୍ୟନ୍ତ ଦର ବଢ଼ିଛି । ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଡୁବୁରୀ, ଦାନଗଦି, ଯଖପୁରା, ବଙ୍ଗଳା, ସରଙ୍ଗପୁର ଓ ଫୁଲଝର ହାଟ ଶିଳ୍ପାଞ୍ଚଳ ଛକ ବଜାର ସହିତ ବ୍ୟାସନଗର ପରିବା ବଜାର ରେ ଦେଖାଯାଉଥିବା ରେଟ୍ ହେଉଛି– ଟମାଟୋ: ୫୦ ପ୍ରତି କିଲୋ, ଭେଣ୍ଡି: ୮୦, କଲରା: ୬୦, ଆଳୁ: ୨୦,ପିଆଜ: ୨୫, ମାଟିଆଳୁ: ୮୦, ଫୁଲକୋବି: ୨ଟି ୮୦,ବନ୍ଧାକୋପି: ୪୦, ଅମୃତଭଣ୍ଡା: ୩୦, କଦଳୀ: ପ୍ରତିଟି ୧୦, ଦେଶୀ କାଙ୍କଡ଼: ୨୦୦, କାକୁଡ଼ି: ୬୦, କଖାରୁ: ୩୦, ଝୁଡ଼ଙ୍ଗ: ୬୦, ବିନ୍ସ: ୮୦, ବାଇଗଣ: ୭୦, ଜହ୍ନି: ୭୦, ପୋଟଳ: ୮୦ ଏଭଳି ଦର ବୃଦ୍ଧି ସହିତ ୫୦୦ ଟଙ୍କାରେ ଏକ ଥଳି ପରିବା ମଧ୍ୟ ପୁରୁନାହିଁ । ବେପାରୀମାନଙ୍କ ମତାନୁସାରେ, ଲଗାଣ ବର୍ଷା ଯୋଗୁ ଉପକୂଳ ଓଡ଼ିଶା ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ବ୍ୟାସନଗର ପରିବା ଚାଷ ଭାରି ପ୍ରଭାବିତ ହୋଇଛି । ଫଳରେ ଓଡ଼ିଶା ଏବେ ବେଙ୍ଗାଲୁରୁ, ନାସିକ, ରାଞ୍ଚି, କଲକାତା ଓ ଆନ୍ଧ୍ରପ୍ରଦେଶରୁ ପରିବା ଆଣିବାକୁ ବାଧ ହେଉଛି । ଏହି ରାଜ୍ୟଗୁଡ଼ିକରୁ ଆସୁଥିବା ପରିବା ଉପରେ ପରିବହନ ଖର୍ଚ୍ଚ ଓ ମଧ୍ୟସ୍ଥ ବେପାରୀମାନଙ୍କ ଲାଭ ପ୍ରତିଯୋଗିତାରେ ଦର ଆକାଶଛୁଆଁ ହୋଇଯାଇଛି । ସ୍ଥାନୀୟ ବଜାରରେ ନିୟନ୍ତ୍ରଣ ମେକାନିଜମ ନ ଥିବାରୁ ବେପାରୀମାନେ ନିଜ ମନ ଇଚ୍ଛାମତେ ଦର ନିର୍ଦ୍ଧାରଣ କରୁଛନ୍ତି । ଫଳରେ କଳାବଜାରୀ ଓ ମନମୁତାବିକ ଦର ବୃଦ୍ଧି ଚାଲିଛି । କଳାବଜାରୀ ଓ ନିୟନ୍ତ୍ରଣ ଅଭାବ ପାଇଁ ହେଉ ନାହିଁ ସୁ – ବ୍ୟବସ୍ଥା କି ନିଆଯାଉ ନାହିଁ କାର୍ଯ୍ୟାନୁଷ୍ଠାନ । ଏହାର ସୁଯୋଗ ନେଇ ବେପାରୀ ମାନେ ଗ୍ରାହକମାନଙ୍କ ପାଖରୁ ମନ ଇଚ୍ଛା ଲୁଟୁଛନ୍ତି । ପ୍ରଶାସନର ନାହିଁ ଅଙ୍କୁଶ । ଗ୍ରାହକମାନେ କହୁଛନ୍ତି, ଯଦି ସରକାର ଚାଷୀମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ପ୍ରତି ବ୍ଲକ୍‌ମାନଙ୍କ ସ୍ତରରେ ଗୋଟେ ଶୀତଳ ଭଣ୍ଡାର ସୃଷ୍ଟି କରନ୍ତି, ତେବେ ଏଭଳି ଅସମାଞ୍ଜସ ଦର ବୃଦ୍ଧି ରୋକାଯାଇପାରିବ । କାର୍ତ୍ତିକ ମାସ ଚାଲିଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ସବୁଜ ପରିବା ଦରରେ ନିୟନ୍ତ୍ରଣ ନିମନ୍ତେ ପଦକ୍ଷେପ ନେବା ସହ ଲାଭଖୋର ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି ।

## ଶିକ୍ଷକଙ୍କ ମଧ୍ୟାହ୍ନଭୋଜନ ସାମଗ୍ରୀ ଲୁଟ୍ ଘଟଣାର ତଦନ୍ତ ଆରମ୍ଭ

**ଖଣ୍ଡପଡ଼ା, ୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ କିଆଝର ଉଚ୍ଚ ବିଦ୍ୟାଳୟରୁ ସହକାରୀ ଶିକ୍ଷକ ମୁରଲୀଧର ବାରିକ ଗତ ଶନିବାର ମଧ୍ୟାହ୍ନଭୋଜନ ସାମଗ୍ରୀ ନେଉଥିବା ନେଇ ସାଧାରଣରେ ଅଭିଯୋଗ ଉଠିଥିଲା । ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର କର, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁଙ୍କ ସମେତ ପ୍ରକାଶ କୁମାର ବାରିକ ସୋମବାର ଦିବା ୧୧ ଘଣ୍ଟା ସମୟରେ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଉପରୋକ୍ତ ଅଭିଯୋଗର ତଦନ୍ତ କରିଥିବା ଜଣାଯାଇଛି । ଘଟଣା ସମ୍ପର୍କରେ ତଦନ୍ତ ସହ ଖୋଳତାଡ ବେଳେ ଅଭିଯୋଗର ସତ୍ୟତା ଥିବା ନେଇ ତଦନ୍ତକାରୀ ଟିମ ଜାଣିବାକୁ ପାଇଥିଲେ । ତେବେ ଅଭିଯୋଗ ସଂପର୍କରେ ଉକ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ପୁରା ନୀରବ ରହିଥିବା ବେଳେ ଅନୁଷ୍ଠାନର ଅନ୍ୟ ଶିକ୍ଷକମାନେ ମଧ୍ୟ କୌଣସି ସୂଚନା ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ମୋଟାମୋଟି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ତଦନ୍ତରେ ଅସହଯୋଗ କରିଥିବା ଜଣାପଡିଛି । ଅପରପକ୍ଷେ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ନେବା ଘଟଣାରେ ଶିକ୍ଷକଙ୍କ ସଂପୃକ୍ତି ନେଇ ସମଗ୍ର କିଆଝର ପଞ୍ଚାୟତରେ ଗତ ୩ ଦିନ ଧରି ସରଗରମ ଆଲୋଚନା ହେଉଥିବା ବେଳେ ଉକ୍ତ ଘଟଣାକୁ ଚପାଇବା ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବେ ପୁରାଦମରେ ଲାଗି ପଡିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ତଦନ୍ତକାରୀ ଟିମ ନୟାଗଡ ଜିଲ୍ଲା ଶିକ୍ଷାଧିକାରୀଙ୍କ କ'ଣ ରିପୋର୍ଟ ପ୍ରଦାନ କରୁଛି ଓ ସଂପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ପ୍ରଶାସନ, ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଆଲୋଚନା ହେଉଛି ।

ରାଷ୍ଟ୍ର ନିର୍ମାଣରେ ସାଧାରଣ ଲୋକଙ୍କର ମଧ୍ୟ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନିଜ ଭାଷଣରେ ଅନେକଥର କହିଛନ୍ତି, ଯେଉଁ ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ଅମର ପଟ୍ଟନାୟକ ପ୍ରଭାବିତ ହୋଇଛନ୍ତି । ତେଣୁ ଯଦି ଜଣେ ସାଧାରଣ ଲୋକ ରାଷ୍ଟ୍ର ନିର୍ମାଣରେ ସାମିଲ ହୋଇପାରୁଛି ତା'ହେଲେ ଅମର ପଟ୍ଟନାୟକଙ୍କ ଭଳି ଜଣେ ବିଜ୍ଞ, ବରିଷ୍ଠ ଓ ଅଭିଜ୍ଞ ନେତା କାହିଁକି ସେକଥା କରିପାରିବେ ନାହିଁ? ସେଥିପାଇଁ କ'ଣ ଦଳ ଦରକାର? ଲୋକଙ୍କ ସେବା କରିବା ପାଇଁ ମନୋବୃତ୍ତିର ଅବଶ୍ୟକତା ସବୁବେଳେ ଅଧିକ । ତେଣୁ କୌଣସି ଦଳରେ ନଥାଇ ମଧ ରାଷ୍ଟ୍ର ପାଇଁ କାମ କରିହେବ, ଯଦି ନିଜର ନୀତି ଆଦର୍ଶରେ ସାଧୁତା ଏବଂ ସଚ୍ଚୋଟତା ରହିବ, ଏଥିସହିତ ଲୋକଙ୍କ ସେବା କରିବାର ଲକ୍ଷ୍ୟ ଥିବ ମନରେ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୫ ନଭେମ୍ବର, ୨୦୨୫ | ବୁଧବାର



# ଓଡ଼ିଶା ଏକ୍ସପ୍ରେସ୍


## ଅମର ଶଙ୍ଖ ଫୁଙ୍କୁଥିଲେ ଏବେ ପଦ୍ମ ବାସ୍ନାରେ ମୁଗ୍ଧ

ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ନେତା ଅମର ପଟ୍ଟନାୟକ। ବିଜେପି କାର୍ଯ୍ୟାଳୟକୁ ଆସି ବିଧିବଦ୍ଧ ଭାବେ ସାମିଲ୍ ହୋଇଛନ୍ତି ଅମର ପଟ୍ଟନାୟକ । ମିଶ୍ରଣ ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବ ଉତ୍ସବରେ ଅମର ପଟ୍ଟନାୟକଙ୍କ ଅନେକ ସମର୍ଥକ ଏବଂ ବିଜେପି ବରିଷ୍ଠ ନେତା ଓ କର୍ମୀ ମଧ୍ୟ ଉପସ୍ଥିତ ଥିଲେ ।

ବିଜେପି ମିଶ୍ରଣ ସଭାରେ ଅମର ପଟ୍ଟନାୟକ କହିଲେ ଯେ, ମୋ ଜୀବନର ରାଜନୈତିକ କ୍ୟାରିଅର ମାତ୍ର ୮ ବର୍ଷର । ଆଜି ତାହାର ଲାଇଫ୍ ଚେଞ୍ଜିଂ ମୁହୂର୍ତ୍ତ । ୨୦୦୮ରେ ଓଡ଼ିଶା ପାଇଁ ଜନସେବା କରିବି ବୋଲି ଚାକିରି ଛାଡିଥିଲି। ରାଜ୍ୟସଭାରେ ସୁଯୋଗ ମିଳିବା ପରେ ଓଡ଼ିଶାର ଦାବିକୁ ଦିଲ୍ଲୀରେ ରଖିବାକୁ ଚେଷ୍ଟା କରିଛି । ରାଷ୍ଟ୍ର ନିର୍ମାଣ କରିବା ପାଇଁ ଆଜି ଜାତୀୟ ଦଳରେ ଯୋଗ ଦେଲି । ବିଜେପି ହେଉଛି ଏକମାତ୍ର ଜାତୀୟ ଦଳ ଯେଉଁଠି ରାଷ୍ଟ୍ର ନିର୍ମାଣ ପାଇଁ ସୁଯୋଗ ମିଳିବ। ସେଥିପାଇଁ ବିଜେପିରେ ଯୋଗ ଦେଇଛି । ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବା ସମୟରେ ମୋର ରୁମ ଟାଙ୍କୁରୀ ଉଠେ । ସେ ଏକଥା ମଧ କହିଛନ୍ତି ମୁଁ ଦଳ କଥାରେ ନୁହେଁ କାମରେ ବିଶ୍ୱାସ କରେ ।

ଏ ଖବରଟି ପଢ଼ି ଜଣେ ସାଧାରଣ ଲୋକର ମନରେ ନିଶ୍ଚେ ପ୍ରଶ୍ନ ଆସିବ ଯେ– ପ୍ରଧାନମନ୍ତ୍ରୀଙ୍କ ଭାଷଣ କ'ଣ ଅମର ପଟ୍ଟନାୟକ ପୂର୍ବରୁ କେବେ ସଂସଦରେ ଶୁଣିନଥିଲେ, ଏଇ ଶେଷ ବେଳକୁ ତାଙ୍କ ରୁମ ଟାଙ୍କୁରି ଉଠିଲା ? ରୁମଟାଙ୍କୁରା ଭାଷଣ କ'ଣ ଅତୀତରେ କେବେ ଦେଇନାହାନ୍ତି ପ୍ରଧାନମନ୍ତ୍ରୀ? ଏଇଭଳି ଭାଷଣ ପ୍ରଧାନମନ୍ତ୍ରୀ ପ୍ରଥମଥର ଦେଲେ ଏବଂ ଯାହାକୁ ଶୁଣି ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରଭାବିତ ହେଲେ? ପାଞ୍ଚବର୍ଷ ଭିତରେ ତ ଅନେକଥର ଶୁଣିଥିବେ, କାଇଁ ସେତେବେଳେ ତ ଦଳ ଛାଡ଼ିନଥିଲେ ?

ନେତାଙ୍କ ଉପରୁ ଏଇ କାରଣରୁ ହିଁ ଲୋକଙ୍କର ଆସ୍ଥା ତୁଟି ଯାଉଛି । ଦିନେ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଏବଂ ସରଳତା ତାଙ୍କୁ ପ୍ରଭାବିତ କରିଥିଲା ବୋଲି ତ ସିଏ ଶଙ୍ଖ ଦଳରେ ଯୋଗ ଦେଇଥିଲେ । ପାଞ୍ଚବର୍ଷ ପରେ ହଠାତ୍ ମୋଦୀଙ୍କ ଭାଷଣରେ ରୁମ ଟାଙ୍କୁରି ଉଠିଲା ? ?

ବିଜେପି ମିଶ୍ରଣ ସଭାରେ ଅମର ପଟ୍ଟନାୟକ ଯେଉଁ କଥାଟି କହିଛନ୍ତି ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି– ରାଷ୍ଟ୍ର ନିର୍ମାଣ କରିବା ପାଇଁ ସେ ବିଜେପି ଭଳି ଏକ ଜାତୀୟ ଦଳରେ ଯୋଗ ଦେଇଛନ୍ତି । ବିଜେପି ହେଉଛି ଏକମାତ୍ର ଜାତୀୟ ଦଳ ଯେଉଁଠି ରାଷ୍ଟ୍ର ନିର୍ମାଣ ପାଇଁ ସୁଯୋଗ ମିଳିବ ।

ଏତିକି କଥା ବୁଝିବା ପାଇଁ ପାଞ୍ଚବର୍ଷ ଲାଗିଗଲା? – ଏଭଳି ପ୍ରଶ୍ନ ଯେକୌଣସି ସାଧାରଣ ଲୋକଙ୍କ ମନକୁ ଆସିବା ସ୍ୱାଭାବିକ ।

ରାଷ୍ଟ୍ର ନିର୍ମାଣରେ ସାଧାରଣ ଲୋକଙ୍କର ମଧ୍ୟ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନିଜ ଭାଷଣରେ ଅନେକଥର କହିଛନ୍ତି, ଯେଉଁ ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ଅମର ପଟ୍ଟନାୟକ ପ୍ରଭାବିତ ହୋଇଛନ୍ତି । ତେଣୁ ଯଦି ଜଣେ ସାଧାରଣ ଲୋକ ରାଷ୍ଟ୍ର ନିର୍ମାଣରେ ସାମିଲ ହୋଇପାରୁଛି ତା'ହେଲେ ଅମର ପଟ୍ଟନାୟକଙ୍କ ଭଳି ଜଣେ ବିଜ୍ଞ, ବରିଷ୍ଠ ଓ ଅଭିଜ୍ଞ ନେତା କାହିଁକି ସେକଥା କରିପାରିବେ ନାହିଁ? ସେଥିପାଇଁ କ'ଣ ଦଳ ଦରକାର?

ଲୋକଙ୍କ ସେବା କରିବା ପାଇଁ ମନୋବୃତ୍ତିର ଅବଶ୍ୟକତା ସବୁବେଳେ ଅଧିକ । ତେଣୁ କୌଣସି ଦଳରେ ନଥାଇ ମଧ ରାଷ୍ଟ୍ର ପାଇଁ କାମ କରିହେବ, ଯଦି ନିଜର ନୀତି ଆଦର୍ଶରେ ସାଧୁତା ଏବଂ ସଚ୍ଚୋଟତା ରହିବ, ଏଥିସହିତ ଲୋକଙ୍କ ସେବା କରିବାର ଲକ୍ଷ୍ୟ ଥିବ ମନରେ ।

# କାର୍ତ୍ତିକ ବ୍ରତର ପ୍ରାସଙ୍ଗିକତା

■ ନିରଞ୍ଜନ ମେକାପ ■

ଭାରତୀୟ ହିନ୍ଦୁଧର୍ମାଚାର ମଧ୍ୟରେ 'କାର୍ତ୍ତିକ ବ୍ରତ'ର ସାଂସ୍କୃତିକ ମହତ୍ତ୍ୱ ଅତୁଳନୀୟ । ଶାସ୍ତ୍ର ପୁରାଣାଦିରେ ବର୍ଣ୍ଣିତ ଅଛି ଯେ ମନୁଷ୍ୟ ପବିତ୍ର କାର୍ତ୍ତିକ ମାସରେ 'ବ୍ରତ ଆଚରଣ' କରିବା ଦ୍ୱାରା ସଂସାରର ସମସ୍ତ ଦୁଃଖ, ନୈରାଶ୍ୟ, କ୍ଳେଶ ଓ ପାପରୁ ନିଷ୍କୃତି ଲାଭ କରି ମରଣ କାଳରେ ବୈକୁଣ୍ଠକୁ ଗମନ କରିଥାଏ । ଅପରପକ୍ଷେ କାର୍ତ୍ତିକ ମାସର ମେଘମୁକ୍ତ ନୀଳିମା ଆକାଶ, ଶୀତଳ ମନ୍ଦମନ୍ଦ ବାୟୁ ଓ ନରମ ହିତୈଷୀ ସୂର୍ଯ୍ୟାଲୋକ ମନୁଷ୍ୟ ମନରେ ନବ ପୁଲକ ସଂଚାର କରି ସୁସ୍ଥ ନିରାମୟ ଜୀବନଯାତ୍ରା କରିବାକୁ ପ୍ରେରଣା ଯୋଗାଇଥାଏ । କାର୍ତ୍ତିକ ମାସର ଶ୍ରେଷ୍ଠତ୍ୱ ସଂପର୍କରେ ସ୍କନ୍ଦପୁରାଣରେ କୁହାଯାଇଛି– **'ନ କାର୍ତ୍ତିକ ସମୋ ମାସୋ ନ କୃତନେ ସମଂ ଯୁଗମ୍, ନ ବେଦ ସଦୃଶଂ ଶାସ୍ତ୍ରଂ ନ ତୀର୍ଥଂ ଗଙ୍ଗାୟା ସମମ୍ ।'** ଅର୍ଥାତ୍ କାର୍ତ୍ତିକ ଭଳି ଅନ୍ୟ ମାସ ନାହିଁ, ସତ୍ୟଯୁଗ ପରି ଯୁଗ ନାହିଁ, ବେଦ ସମାନ ଶାସ୍ତ୍ର ନାହିଁ ଓ ଗଙ୍ଗାନଦୀ ପରି ତୀର୍ଥ ନାହିଁ। ଏହି କାର୍ତ୍ତିକ ମାସ ପରମପୁରୁଷ ବିଷ୍ଣୁ ଓ ପିତୃତୀର୍ଥ ପରି ଶ୍ରେଷ୍ଠ ଓ ଦୁର୍ଲ୍ଲଭ ଏବଂ କଲ୍ୟାଣକାରୀ ଅଟେ। **ମାସାନାଂ କାର୍ତ୍ତିକ ଶ୍ରେଷ୍ଠୋ ଦେବାନାଂ ମଧୁସୂଦନଃ ତୀର୍ଥ ନାରାୟଣ ଶାଖ୍ୟଂ ହି ତ୍ରିତୟ ଦୁର୍ଲଭଂ କଳୌ** (ସ୍କନ୍ଦ–ପୁରାଣ–ବୈ, ଖ, କା, ମା– ୧/ ୧୪) ତୁଳାରାଶିକୁ ରବିଙ୍କର ସାମାନ୍ୟସ୍ପର୍ଶ ହେବା ସହିତ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ। 'କାର୍ତ୍ତିକ' ଶବ୍ଦକୁ ଅର୍ଥ କରିବାକୁ ଯାଇଁ ଇଂରାଜୀ ଭାଷାରେ କୁହାଯାଇଛି । Kartik means who bestous power and pleasrure or giving of courage. ପୂଣ୍ୟାତ୍ମାମାନେ କାର୍ତ୍ତିକ ମାସ ପ୍ରାରମ୍ଭରୁ 'କାର୍ତ୍ତିକ ବ୍ରତ'କୁ ନିଷ୍ଠାର ସହିତ ପାଳନ କରିଥାଆନ୍ତି ।

ମହର୍ଷି ଯାସ୍କଙ୍କ ମତରେ ବ୍ରତ ଏକ ନିଷ୍ଠାପର କର୍ମବିଶେଷ । 'ବୃତ୍ର' ଧାତୁରୁ ଉଣାଦି, ଅତନ୍ତ୍ର ପ୍ରତ୍ୟୟ ହୋଇ 'ବ୍ରତ' ଶବ୍ଦ ନିଷ୍ପନ୍ନ ହୋଇଅଛି । ଯାସ୍କଙ୍କ ମତରେ 'ବାରୟତି' ଇତି ବ୍ରତ' ଅର୍ଥାତ୍ ଯେଉଁ କର୍ମକର୍ତ୍ତାକୁ ସ୍ତ୍ରୀ ଆଦି ଅପଚାର କର୍ମରୁ ବାରଣ କରେ, ତାହା ବ୍ରତ ପଦବାଚ୍ୟ ଅଟେ । ଶ୍ରୀହନୁମାନ ଶର୍ମା, ତାଙ୍କ ଲିଖିତ ବ୍ରତ ପରିଚୟରେ କହିଛନ୍ତି– **'ବତ୍ୟତୋ ବର୍ଜତେ ସର୍ବଭୋଗଃ ଯତ୍ର ତତ୍ର ବ୍ରତମ୍'** ଅର୍ଥାତ ଯେଉଁ କର୍ମରେ ସର୍ବଭୋଗ ବର୍ଜନ କରାଯାଇଥାଏ, ତାକୁ ବ୍ରତ ବୋଲି କୁହାଯାଇଥାଏ। ଏକାଧାରାରେ କହିଲେ ଯେଉଁ ମାନସିକ କର୍ମ ଦ୍ୱାରା ସର୍ବସୁଖ ଧର୍ମମୋକ୍ଷାଦି ଚତୁର୍ବର୍ଗ କାମନା ପୂରଣ କରିବା ପାଇଁ ଉପବାସ ପୂର୍ବକ ଉଭୟେ ସ୍ତ୍ରୀ ଓ ପୁରୁଷମାନେ ନିଷ୍ଠାର ସହିତ ପାଳନ କରିଥାଆନ୍ତି, ତାହା 'ବ୍ରତ' ପଦବାଚ୍ୟ ହୋଇଥାଏ । ଆଧାତ୍ମିକ ଦୃଷ୍ଟିରୁ ବିଚାର କରିଲେ ଓଷାରେ ପାର୍ଥିବ ସୁଖକାମନା ଯେପରି ତୀବ୍ରତର ଯାହା ବ୍ରତ ଆଚରଣରେ ନଥାଏ । ବ୍ରତ ହେଉଛି ବ୍ୟକ୍ତି ବିଶେଷର ନିଷ୍କାମ ଓ ଅପାର୍ଥିବ ସୁଖ କାମନା କରିବାର ଏକ ଧର୍ମମାର୍ଗ। ବ୍ରତରେ ଉପାସର ବିଧାନ ନଥାଏ, ଯେପରି ଓଷାରେ ଶେଷ ପର୍ଯ୍ୟନ୍ତ ନିର୍ଜ୍ଜଳା ଉପବାସର ନିୟମ ରହିଅଛି । ବ୍ରତ ପାଳନ ସମୟ ଅବଧି ମଧ୍ୟରେ ପୂଜା ସରିଲେ ନୈବେଦ୍ୟ ଭୋଜନ କରାଯାଇଥାଏ । ତେଣୁ ବ୍ରତ ଏକ ବ୍ୟକ୍ତି କେନ୍ଦ୍ରିକ ନିଷ୍ଠାପର ଧର୍ମୀୟ ଚେତନାର ମୁକ୍ତିମାର୍ଗ ବା ମନୁଷ୍ୟ ବ୍ରତ ପାଳନ ଦ୍ୱାରା ଧର୍ମ ଅର୍ଜନ କରି ପାପମୁକ୍ତ ହୋଇଥାଏ । କାର୍ତ୍ତିକ ମାସରେ ବ୍ରତ ପାଳନ କରିବା ପାଇଁ ଯେତେ ନିଷ୍ଠାର ସହିତ ଦିନଚର୍ଯ୍ୟା ଓ ଦେବବିଧି କରାଯାଏ, ତାହା ଅନ୍ୟ କୌଣସି ମାସରେ ଦେଖାଯାଇ ନଥାଏ ।

ସ୍କନ୍ଦ ପୁରାଣର ବୈଷ୍ଣବ ଖଣ୍ଡରେ କାର୍ତ୍ତିକ ମାସର ମାହାତ୍ମ୍ୟ ସଂପର୍କରେ କୁହାଯାଇଛି।

**ରୋଗାପହଂ ପାତକନାଶକୃତପରଂ**
**ସଦ୍‌ବୁଦ୍ଧିଦଂ ପୁତ୍ରାଧନାଦିସାଧକମ୍,**
**ମୁକ୍ତେ ନିଧାନଂ ନହି କାର୍ତ୍ତିକବ୍ରତାତ୍**
**ବିଷ୍ଣୁ ପ୍ରିୟାଦନ୍ୟଦିହାସ୍ତି ଭୂତଳୋ**

ଅର୍ଥାତ କାର୍ତ୍ତିକ ମାସ ହେଉଛି ରୋଗବିନାଶକ, ସଦ୍‌ବୁଦ୍ଧି ପ୍ରଦାୟକ ଓ ଲକ୍ଷ୍ମୀଙ୍କ ସାଧକ ତଥା ମୁକ୍ତି ପ୍ରଦାନରେ ସହାୟକ ହୋଇଥାଏ। ଆମ ହିନ୍ଦୁ ଶାସ୍ତ୍ରରେ କାର୍ତ୍ତିକ ହେଉଛି ଧର୍ମମାସ ବା ଧର୍ମ ଅର୍ଜନ କରିବାର ସମୟ। ଧର୍ମର ଶାସ୍ତ୍ରୀୟ ଅର୍ଥ ହେଉଛି ଧାରୟତି ଇତି ଧର୍ମ, ଅର୍ଥାତ୍ ଯାହାକୁ ମଣିଷ ଧାରଣ କରି ବା ଯାହାକୁ ଆଶ୍ରୟ କରି ସାବଲୀଳ ନିରୋଗ ଓ ପାପମୁକ୍ତ ଜୀବନଯାପନ କରେ ତାହାକୁ 'ଧର୍ମ' ବୋଲି କୁହାଯାଏ। କିନ୍ତୁ ଯେଉଁମାନେ ଧର୍ମପଥରୁ କିମ୍ବା ଧର୍ମମାର୍ଗରୁ ବିଚ୍ୟୁତ ହୁଅନ୍ତି, ତାହାଙ୍କୁ ପଶୁ ବୋଲି କୁହାଯାଇଥାଏ ଅର୍ଥାତ୍ ଧର୍ମେଣ ହୀନାଃ ପଶୁଭିଃ ସମାନାଃ। ତେଣୁ ଧର୍ମ ଅର୍ଜନ କରିବା ପାଇଁ କାଳକ୍ଷେପଘନୀତି ଅବଲମ୍ବନ କରିବା ଅନୁଚିତ–କାରଣ ଧର୍ମପ୍ରାପ୍ତ ଦ୍ୱାରା ଇହକ୍ଲେଶ ସହିତ ମୃତ୍ୟୁ ଭୟ ପରିହର ହୋଇଥାଏ। **'ଗୃହୀତ ଭବ କ୍ଳେଶେଷୁ ମୃତ୍ୟୁନା ଧର୍ମାଚରେତ'** ଅର୍ଥାତ୍ ମୃତ୍ୟୁ ଦେବତା ଯମରାଜ ଆସି କେଶ ଆକର୍ଷଣ କଲେ ମଧ ମଣିଷ ଧର୍ମ ପଥରୁ ବିଚ୍ୟୁତ ହେବ ଉଚିତ୍ ନୁହେଁ । ଧର୍ମ ଏକମାତ୍ର ସଖା ଯିଏ କି ମୃତ୍ୟୁ ପରେବି ସଂଗରେ ରହିଥାଏ । ଏଣୁ ପବିତ୍ର କାର୍ତ୍ତିକ ମାସରେ ବ୍ରତ ଆଚରଣ କଲେ, ମନୁଷ୍ୟ ଇହ ଓ ପରକାଳ ପାଇଁ ଧର୍ମ ଅର୍ଜନ କରିବାକୁ ସକ୍ଷମ ହୋଇଥାଏ।

**ଧର୍ମ ମାସ କାର୍ତ୍ତିକ:** ଏ ସମଗ୍ର ସୃଷ୍ଟିରେ ଧର୍ମ ବା ଧର୍ମ ଦେବତା କହିଲେ ସୂର୍ଯ୍ୟଙ୍କୁ ବୁଝାଯାଏ । ସୂର୍ଯ୍ୟ ହିଁ ବିଷ୍ଣୁ, ବିଷ୍ଣୁ ହିଁ ସୂର୍ଯ୍ୟଦେବତା। ସୂର୍ଯ୍ୟଙ୍କୁ ପୂର୍ବାହ୍ନରେ ଋକବେଦ, ମଧାହ୍ନରେ ଯର୍ଜୁବେଦ ଓ ସାୟଂକାଳରେ ସାମବେଦ ରୂପେ ସ୍ତୁତି କରାଯାଏ ବୋଲି ବିଷ୍ଣୁ ପୁରାଣର ଦ୍ୱାଦଶ ଅଧ୍ୟାୟରେ କୁହାଯାଇଛି । ଉଭୟ ଗ୍ରନ୍ଥ ବିଷ୍ଣୁପୁରାଣ ଏବଂ ଶ୍ରୀମଦ୍ ଭାଗବତରେ (୬ଷ୍ଠ ୩୯)ରେ ସୂର୍ଯ୍ୟଙ୍କର କି ନାମ ହୁଏ ତାହା ମଧ ବର୍ଣ୍ଣିତ ହୋଇଛି ଯଥା–୧) ବୈଶାଖ ମାସରେ ଅର୍ଯ୍ୟମା (ପିତୃଗଣଙ୍କ ମୁଖ୍ୟ) ୨) ଜ୍ୟେଷ୍ଠରେ ମିତ୍ର ୩) ଆଷାଢରେ ବରୁଣ ୪) ଶ୍ରାବଣରେ ଇନ୍ଦ୍ର ୫) ଭାଦ୍ରବରେ ବିବସ୍ୱାନ ୬) ଆଶ୍ୱିନ ତ୍ୱଷ୍ଟା ୭) କାର୍ତ୍ତିକରେ ବିଷ୍ଣୁ ୮) ମାର୍ଗଶୀରରେ ଅଂଶୁ ୯) ପୌଷମାସରେ ଭଗ ୧୦) ମାଘମାସରେ ପର୍ଜନ୍ୟ ୧୨) ଚୈତ୍ରମାସରେ ଧାଣ । ଏଥିପାଇଁ କାର୍ତ୍ତିକ ମାସରେ ବିଷ୍ଣୁଙ୍କୁ ଆରାଧନା କରାଯାଇଥାଏ। ଏହି ମାସରେ ବିଷ୍ଣୁ ମତ୍ସ୍ୟ ଅବତାର ହୋଇ ପ୍ରବଳ ପ୍ରତାପୀ ଶଙ୍ଖାସୁରକୁ ନିଧନ କରିଥିଲେ । ତେଣୁ ମତ୍ସ୍ୟକୁ ଏହି ମାସରେ ଈଶ୍ୱର ଜ୍ଞାନ କରି ମହତ୍ ଲୋକମାନେ ମତ୍ସ୍ୟ ଆହାର ବର୍ଜନ କରିଥାଆନ୍ତି ।

ଓଡିଶାର ଆଦିକବି ଶୁଦ୍ରମୁନି ଶାରଳା ଦାସ ସ୍ୱରଚିତ ମହାଭାରତର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସଂପର୍କରେ ବର୍ଣ୍ଣନା କରିଅଛନ୍ତି । ଏହି ପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ 'ଭୋଜରାଜ' ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା'ରୁ ଜଣାଯାଏ ଯେ କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ । ପଦ୍ମପୁରାଣରେ ଲିଖିତ ଏକ କିମ୍ବଦନ୍ତୀ ଅନୁଯାୟୀ ସାଗର ସୁତ ରାକ୍ଷସ ଜଳନ୍ଧରର ଅତ୍ୟାଚାରରେ ଅତିଷ୍ଠ ହୋଇ ଦେବତାମାନେ ବିଷ୍ଣୁଙ୍କ ନିକଟରେ ଶରଣାପନ୍ନ ହେବାରୁ, ମହାପ୍ରଭୁ ଦେବତାମାନଙ୍କୁ ପରାମର୍ଶ ନେଇ କହିଥିଲେ ଯେ ଏହିଠାରୁ ଦେବଗଣ କରିବେ ବ୍ରତ (ଯଜ୍ଞ) ଆଚରଣ ।

**କାର୍ତ୍ତିକ ମାସେ ପ୍ରାତଃ ସ୍ନାନା ଆବର**
**ତୁଳସୀ ସେବନ**
**ହୋଇବ ନିରାମିଷ ଭୋଜି। କ୍ରୋଧ**
**ମତ୍ସ୍ୟର ମୋହ ତେଜି**
**ସକଳ ବିଘ୍ନ ଯିବକ୍ଷୟ। ମରିବ ସେ**
**ତନୁଜ ତନୟ।**

ପବିତ୍ର ମହାକାର୍ତ୍ତିକ ମାସର ଏହା ମୂଳ ଉତ୍ସ ଓ ମୁଖ୍ୟ ବୈଶିଷ୍ଟ୍ୟ ଅଟେ, ଅର୍ଥାତ୍ ମନୁଷ୍ୟ ଯେତେବେଳେ ଦୁର୍ଗୁଣ ରୂପକ ଆସୁରିକ ମାୟାରେ ଆଚ୍ଛନ୍ନ ହୋଇପଡେ ଓ ସେଥିରେ ଅଭିଭୂତ ହୋଇ କ୍ଳେଶରେ ପୀଡିତ ହୁଏ, ସେହି ସମୟରେ କାର୍ତ୍ତିକ ବ୍ରତ ତାହା ପାଇଁ ପରିତ୍ରାଣର ମାର୍ଗ ଓ ଆଶ୍ରୟସ୍ଥଳ ହୋଇପଡିଥାଏ । ତାମସିକ ଓ ରାଜସିକ ଶକ୍ତିକୁ କେବଳ ଆଧାତ୍ମିକ ବା ସାତ୍ତ୍ୱିକ ଶକ୍ତି ଦ୍ୱାରା ପରାହତ କରାଯାଇଥାଏ। କାର୍ତ୍ତିକ ବ୍ରତ ମନୁଷ୍ୟର ଚିତ୍ତ ଓ ଅନ୍ତକରଣକୁ ଭଗବତ୍ ପରାୟଣ ଦ୍ୱାରା ଶୁଦ୍ଧତା ପ୍ରଦାନ କରି ସମସ୍ତ ଆବିଳତା ଏବଂ ଅହଂକାରକୁ ଦୂରୀଭୂତ କରିଥାଏ। ଶୁଦ୍ଧପୂତ ଆଚାର ଓ ସାନ୍ନିଧ ଦ୍ୱାରା ମନୁଷ୍ୟର ଅନ୍ତରାତ୍ମାର ବିଶୋଧନ ଘଟେ ଓ ସେ ଇହଲୋକର ମନ୍ଦକୃତକର୍ମରୁ ତ୍ରାହି ଲାଭ କରି ବିଷ୍ଣୁଙ୍କର ଶରଣ ଯାଇଥାଏ । କାର୍ତ୍ତିକ ବ୍ରତ ପାଳନ କଲେ ମନୁଷ୍ୟକୁ ଅକ୍ଷୟ ଫଳ ଲାଭ କରିବାକୁ ସମର୍ଥ ହୋଇଥାଏ । ଖ୍ୟାତନାମା ଦର୍ଶନବିତ୍ ମହର୍ଷି ଭର୍ତ୍ତୃହରି ତାଙ୍କ ପ୍ରଣୀତ ଶତକତ୍ରୟରେ କହିଛନ୍ତି ଯେ ଏ ପୃଥିବୀରେ ଯେଉଁ ମନୁଷ୍ୟ ଦାନ, ତପ ଓ ଧର୍ମାଚରଣ କରେ ନାହିଁ, ସେ ମନୁଷ୍ୟ ରୂପୀ 'ପଶୁ' ଭାବରେ ପୃଥିବୀର ଭାର ସ୍ୱରୂପ ଅଟନ୍ତି । ତେଣୁ ଶ୍ରଦ୍ଧା ରହିତ, ନାସ୍ତିକ, ସଂଶୟବାଦୀ ଓ ତର୍କବୁଦ୍ଧି ସମ୍ପନ୍ନ ମନୁଷ୍ୟ ତୀର୍ଥବାସୀ ହେଲେ ମଧ ଫଳପ୍ରାପ୍ତ ହୋଇପାରିନଥାଏ । କିନ୍ତୁ ଯେଉଁମାନେ ବିଦ୍ୟାନୁରାଗୀ, ଭଗବତ୍ ବିଶ୍ୱାସୀ ଓ ତପବ୍ରତ ନିଷ୍ଠାର ସହିତ କାର୍ତ୍ତିକ ବ୍ରତ ପାଳନ କରନ୍ତି, ସେମାନେ ଏହି ମାସରେ ପୁଷ୍କର, କୁରୁକ୍ଷେତ୍ର, ଅକ୍ରୁରତୀର୍ଥ, କାଶୀ ସହ ଗଙ୍ଗାସ୍ନାନର ଫଳ ଅବଶ୍ୟ ପ୍ରାପ୍ତ ହୋଇଥାଆନ୍ତି । ବିଷ୍ଣୁ କାର୍ତ୍ତିକ ମାସକୁ ପ୍ରବର ମାସ ବୋଲି କୁହାଯାଏ । ଏହି ମାସ ବୈଷ୍ଣବମାନଙ୍କର ଅତି ପ୍ରିୟ ମାସ । କାର୍ତ୍ତିକ ମାସରେ ଯେଉଁ ନର ଯଥାବିଧିରେ ବ୍ରତ ଆଚରଣ କରେ, ତାହାର ପିତୃପୁରୁଷମାନେ ମଧ ନରକରୁ ଉଦ୍ଧାର ପାଇଥାଆନ୍ତି । ସେଥିପାଇଁ ପୁରାଣଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ଜୀବନରେ କୌଣସି ଯଜ୍ଞ ଓ ତପ ଆଦି ଆଚରଣ ନକରି କେବଳ ବିଧାନାନୁଯାୟୀ ପବିତ୍ର କାର୍ତ୍ତିକ ବ୍ରତ ପାଳନ କଲେ ମହାବିଷ୍ଣୁଙ୍କ ପଦପ୍ରାପ୍ତ ହୋଇଥାଏ । ସଂସାରର ଚାରିଗୋଟି ଧର୍ମାଚରଣ କରିବାର ମାର୍ଗ ହେଉଛି– ୧) ଏକାଦଶୀ ପାଳନ ୨) ତୁଳସୀସେବା ଓ ସେବନ ୩) ଦ୍ୱାପରାପୁରୀକୁ ଯାତ୍ରା ୪) କାର୍ତ୍ତିକ ବ୍ରତ ଆଚରଣ, କେବଳ ସୃଷ୍ଟିକର୍ତ୍ତା ସ୍ୱୟଂ ପରବ୍ରହ୍ମ ବିଷ୍ଣୁ ନୁହଁନ୍ତି ଏହି ବ୍ରତ ପାଳନ ଦ୍ୱାରା ବ୍ରହ୍ମା, ମହେଶ୍ୱରଙ୍କ ସହିତ ଦଶଦିଗପାଳ ମଧ ସନ୍ତୋଷ ଲାଭ କରିଥାଆନ୍ତି । ଉପନିଷଦର ସେହି ମହତ୍ତ୍ୱବାଣୀ– ତ୍ୟାଗ ଦ୍ୱାରା ଭୋଗ ଏହି ପବିତ୍ର ବ୍ରତାଚରଣରେ ହିଁ ବାସ୍ତବ ରୂପ ନେଇଥାଏ । ଏଣୁ ଏହି ମହାକାର୍ତ୍ତିକର ଅମୃତମୟ ଆଧାତ୍ମିକ ଭାବନା ଗଗନ ପବନରେ ତରଙ୍ଗାୟିତ ହୋଇଥାଏ । ଏଥିପାଇଁ ଭକ୍ତକବି ମହାଦେବ ଦାସ ଲେଖିଛନ୍ତି–

**ବିଷ୍ଣୁ ଅତି ଅନ୍ତପ୍ରୀତି ।**
**ଯହି ପ୍ରସନ୍ନ ବେଦଯତି**
**ଶିବ ସହିତ ଦିଗପାଳେ ।**
**ସନ୍ତୋଷ ଯହିଁ ବ୍ରତ ଫଳେ**

**ବ୍ରତ ପାଳନର ବିଧି:** କାର୍ତ୍ତିକ ମାସ ହେଉଛି ସୂର୍ଯ୍ୟଦେବଙ୍କ ଅୟନାନ୍ତ କାଳ ଅର୍ଥାତ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟକୁ ଆସୁରୀକ କାଳ ବୋଲି କୁହାଯାଏ । ତେଣୁ ଏହି ସମୟରେ ଧର୍ମପ୍ରାପ୍ତ ହେବା ପାଇଁ ଶୁଭଦାୟକ ଦେବଦେବୀଙ୍କ ଉପାସନା, ଯଜ୍ଞ, ତପ ଓ ବ୍ରତାଦି ପାଳନ କରିବା ପାଇଁ ପବିତ୍ର କାର୍ତ୍ତିକ ମାସ ହେଉଛି ଅତ୍ୟନ୍ତ ଅନୁକୂଳ ଓ ପ୍ରଶସ୍ତ ମଧ । ଏହି ମାସର ଅଧିପତି ବିଷ୍ଣୁ । ତେଣୁ ଏହି ମାସରେ ସୂର୍ଯ୍ୟ ନାରାୟଣଙ୍କ ଆରାଧନା କରିବା ଦ୍ୱାରା ସମସ୍ତ ଦେବଦେବୀଙ୍କର ଶୁଭାଶୀର୍ବାଦ ପ୍ରାପ୍ତ ହୋଇଥାଏ । ଏହି ମାସରେ ପ୍ରାତଃ ସ୍ନାନ, ଅର୍ଘ୍ୟ ଦାନ, ନାରାୟଣଙ୍କ ନାମ ଉଚ୍ଚାରଣ, ବିଷ୍ଣୁ ସହସ୍ର ନାମ ପଠନ ଓ ଶ୍ରବଣ କାର୍ତ୍ତିକ ମାହାତ୍ମ୍ୟ ଶ୍ରବଣ, ସାତ୍ତ୍ୱିକ ଆହର, ହବିଷ୍ୟାନ ଗ୍ରହଣ ଓ ବଂଟନ, ପିତୃଶ୍ରାଦ୍ଧ, ତୁଳସୀ ବୃକ୍ଷ ପୂଜା, ସନ୍ଧ୍ୟା ସମୟରେ ଦୀପ ପ୍ରଜ୍ୱଳନ ଆଦି କରିବା ବିଧେୟ ଅଟେ । ପ୍ରାତଃ ସ୍ନାନ ଦ୍ୱାରା ଦେହନିର୍ମଳ ଓ ଚିତ୍ତ ଶାନ୍ତି ରହେ, ଦାନ ଦ୍ୱାରା ମନରେ ପବିତ୍ରତା ଆସେ ଓ ଅହଂକାରର ନାଶ ଘଟେ। ବ୍ରତାଚାରୀମାନେ ଆଳସ୍ୟ, ଅତିନିଦ୍ରା, ମୈଥୁନ, ରାଜସିକ ଓ ତାମସିକ ଆହାର ଆଦି ବର୍ଜନ କରିବା ଉଚିତ୍ ଅଟେ। ବ୍ରତ ଆଚରଣ କରୁଥିବା ବ୍ୟକ୍ତି ଭୂତଳରେ କୁଶ ଶର୍ଯ୍ୟାରେ କରିବା ଦ୍ୱାରା ତାଙ୍କର ସମସ୍ତ ପ୍ରକାର ବିଦ୍ୱେଷ, ସଂଦିଗ୍ଧତା, ଉଦ୍‌ବେଗତା ତଥା ପାପାଦି ସମୂଳେ ଅଗ୍ନିରେ ଧ୍ୱଂସ ପାଇଲା ପରି ବିନିଷ୍ଟ ହୋଇଥାଏ। ଏଥିପାଇଁ କାର୍ତ୍ତିକ ମାହାତ୍ମ୍ୟରେ କୁହାଯାଇଛି–

**'କାର୍ତ୍ତିକ ବ୍ରତ ମନେ ଧରି ।**
**ଯେ ମୋତେ ସେବେ ମନେ କରି**
**ତା'ର ଦୁର୍ଗତି ଦୂରେଯାଇ ।**
**ଏକେ ସେ ଅନ୍ତେମୋତେ ପାଇ।'**

ବ୍ରହ୍ମପୁରାଣ, ପଦ୍ମପୁରାଣ ଓ କାର୍ତ୍ତିକ ମହାତ୍ମ୍ୟରେ ବର୍ଣ୍ଣିତ ଅଛି ଯେଉଁ ବ୍ୟକ୍ତି ନିଷ୍ଠା ଓ ଉତ୍ସାହର ସହିତ କାର୍ତ୍ତିକ ବ୍ରତ ପାଳନ କରେ, ସେ ଅଚିରେ ଦେବତ୍ୱ ପ୍ରାପ୍ତି ହୋଇଥାଏ ଏବଂ ଶହେ ଜନ୍ମ ପାଇଁ ଏହି ପୂଣ୍ୟ ସାହାଯ୍ୟ କରିଥାଏ । ଅଶେଷ ଜନ୍ମ ପାପ ହରେ । ନିଶ୍ଚିନ୍ତେ ବସେ ବିଷ୍ଣୁ ପୁରୋ। କାର୍ତ୍ତିକ ମାହାତ୍ମ୍ୟରେ କାର୍ତ୍ତିକ ମାସକୁ କାର୍ତ୍ତିକଃ କୃଷ୍ଣ ବଲ୍ଲଭା ବୋଲି କୁହାଯାଇଛି ।

ପବିତ୍ର କାର୍ତ୍ତିକ ମାସର ଶେଷ ପଞ୍ଚଦିବସକୁ 'ପଂଚୁକ' ବା 'ପଂଚୁକ ବ୍ରତ' ବୋଲି ହିନ୍ଦୁଶାସ୍ତ୍ରରେ ଅବିହିତ କରାଯାଇଛି । ପ୍ରବାଦାନୁଯାୟୀ ଏହି ପାଞ୍ଚଦିନ ସଦାମତ୍ସ୍ୟାହାରୀ ବକ ଆମିଷ ଭକ୍ଷଣ କରିନଥାଏ। ତେବେ କେତେକଙ୍କ ମତରେ ଏହାକୁ 'ବକ ପଂଚୁକ' ମଧ କୁହାଯାଇଥାଏ । ନିଷ୍ଠା, କାଷ୍ଠା ଓ ଉପବାସର ଶେଷ ପର୍ବ 'ପଂଚୁକ ବ୍ରତ'କୁ ହବିଷ୍ୟାଳୀ ଓ ଅନ୍ୟାନ୍ୟ ଲୋକମାନେ ପୂର୍ଣ୍ୟବାସ ଅଁଳାନବମୀ ଠାରୁ ଆରମ୍ଭ କରିବା ଶାସ୍ତ୍ରାନୁମୋଦିତ ହୋଇଅଛି। କାରଣ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଅନୁଯାୟୀ କାର୍ତ୍ତିକ ମାସ ଶୁକ୍ଳ ନବମୀକୁ ହିଁ ଅଁଳା ନବମୀ କୁହାଯାଇଥାଏ ଓ ଏହିଦିନ ଅଁଳା ବୃକ୍ଷ ତଳେ ନାରାୟଣ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରାଯିବା ଶାସ୍ତ୍ରର ଅଭିମତ ଅଟେ। ଅଁଳା ବୃକ୍ଷରେ ଉଭୟେ ତ୍ରିମୁଖ୍ୟ ଦେବତା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବାସ କରିଥାଆନ୍ତି। ତେଣୁ ମନ୍ତ୍ରରେ କୁହାଯାଇଛି–

**ନମସ୍କୃତ୍ୟ ହ୍ୟାମାଳକାଂ ଦେବୀ**
**ପତ୍ରମାଳାଦ୍ୟଳ କୃତାଂ**
**ବ୍ରହ୍ମା ବିଷ୍ଣୁ ଶିବଶ୍ଚପି ତତ୍ରାଶ୍ଚାପି**
**ତତ୍ରାଧିଷ୍ଠାନମାଶ୍ରିତାଃ**

ଏଣୁ ହବିଷ୍ୟାଳୀ ଓ ଅନ୍ୟାନ୍ୟ ବ୍ରତାଚାରୀମାନେ ପ୍ରାତଃକାଳରୁ ସ୍ନାନ ଶୌଚ ଦାଦି ସାରି ଅଁଳା ବୃକ୍ଷ ତଳେ ହବିଷ୍ୟାନ୍ନ ରନ୍ଧନ କରିବା ପରେ ସେହି ନୈବେଦ୍ୟକୁ ବୃକ୍ଷରୂପୀ ବିଷ୍ଣୁଙ୍କୁ ସମର୍ପିତ କରିବା ସହ ଅଁଳାବୃକ୍ଷ ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରି ନାମସଂକୀର୍ତ୍ତନ ଆଦି କରିବା 'ଧାତ୍ରୀ ସ୍ନାନ' ବିଧି ପରମ୍ପରାରେ ନିୟମ ରହିଛି। ଅଁଳାର ଅନ୍ୟନାମ ଧାତ୍ରୀ । ଅଁଳା ବୃକ୍ଷ ସାନ୍ନିଧରେ ନିଜ ଜୀବନର ତିନିକାଳ ବିଷୟରେ ଜ୍ଞାନ ଉଦିତ ହୋଇଥାଏ ବୋଲି 'ରାମଚରିତ ମାନସ' ରେ କୁହାଯାଇଛି– ଜାନହି ତିନିକାଳ ନିଜ ଜ୍ଞାନା, କରତଳ ଗତ ଆମଳକ ସାମନା । ଅଁଳା ବୃକ୍ଷମୂଳେ ପୂଜା ଉପାସନା କଲେ, ମନ, ଶରୀରରେ ତେଣୁ ପ୍ରତି ବ୍ରତାଚାରୀ କାର୍ତ୍ତିକ ଶୁକ୍ଳ ନବମୀ ଦିନ ଅଁଳା ବୃକ୍ଷ ପୂଜା କରିବା ଶାସ୍ତ୍ର ଅନୁମୋଦିତ ଅଟେ ।

ପୁରୁଷୋତ୍ତମ ମାହାତ୍ମ୍ୟ ଅନୁଯାୟୀ ବର୍ଷକ ବାରମାସର ନାମକରଣ ମଧ୍ୟରୁ କାର୍ତ୍ତିକ ମାସର ନାମ ହେଉଛି ଦାମୋଦର । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ଦାମୋଦର। କବି ଜୀବଗୋସ୍ୱାମୀଙ୍କ 'ବୈଷ୍ଣବ ତୋଷଣୀ' ଅନୁଯାୟୀ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ତିନିବର୍ଷ ସେହି ଜନ୍ମବର୍ଷ କାର୍ତ୍ତିକରେ ଯାମଳାର୍ଜ୍ଜୁନ ଉଞ୍ଜନ, ପାଞ୍ଚବର୍ଷ ବେଳେ କାର୍ତ୍ତିକ ମାସର ଶୁକ୍ଳ ଅଷ୍ଟମୀରେ ଗୋଚାରଣଲୀଳା, ଅଷ୍ଟମ ବର୍ଷ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ଗୋବର୍ଦ୍ଧନ ଧାରଣ ଓ ଗୋବିନ୍ଦ ଅଭିଷେକ ଏବଂ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ବରୁଣ ଲୋକ ଗମନ କରିଥିଲେ । ତେଣୁ ଶାସ୍ତ୍ରାନୁଯାୟୀ ବିଷ୍ଣୁ କାର୍ତ୍ତିକ ଶୁକ୍ଳପକ୍ଷରେ ଜଳରେ ବାସ କରିଥାଆନ୍ତି । ଏଥିପାଇଁ ବ୍ରତାଚାରୀମାନେ ବ୍ରାହ୍ମ ମୁହୂର୍ତ୍ତରୁ ଶର୍ଯ୍ୟାତ୍ୟାଗ କରି ସ୍ନାନ ଶୌଚ ପରେ ଦାମୋଦର କି ଶ୍ରୀଜଗନ୍ନାଥ ମହାପ୍ରଭୁ ଆରାଧନା କଲେ ଅଶେଷ ପୂଣ୍ୟ ଲାଭ ହୋଇଥାଏ।

**ନରସ୍ତତ୍ରାପ୍ୟ ଶକ୍ତଶ୍ୱେତ ବୁକ**
**ପଂଚକମ୍‌ତ୍ତମମ୍**
**ପୀତୟେ ଦେବଦେବସ୍ୟ ବାନା**
**ବୁଲିଭି ବେଦବ୍ରତୀ**

ବ୍ରତାଚାରୀମାନେ ପ୍ରାତଃସ୍ନାନ ଓ ତର୍ପଣ ଆସି ପରିସମାପ୍ତ କରି ଗୃହଦେବୀ ମା' ବୃନ୍ଦାବତୀ ବା ଚଉରା ପୂଜା କରିବା ସହିତ ଭକ୍ତିର ସହିତ ଉଦ୍ୟାପନ କୃତ୍ୟରେ ତୁଳସୀ ମଞ୍ଜରୀ ପ୍ରୟୋଗ ପରିହାର୍ଯ୍ୟ ଅଟେ । ତୁଳସୀର ମାଳା ଗଳାରେ ଧାରଣ କରି କାର୍ତ୍ତିକ ବ୍ରତ ସମ୍ପାଦନ କଲେ ଅଶେଷ ପୂଣ୍ୟ ମିଳିପାରିଥାଏ। ଗୃହିଣୀମାନେ ଚଉଁରା ନିକଟରେ ପଞ୍ଚବର୍ଣ୍ଣର ମୁରୁଜରେ ବିଭିନ୍ନ ପ୍ରକାର ଚିତା ଚିତ୍ର ଆଦି ପକାଇଥାନ୍ତି। କାର୍ତ୍ତିକ ମାସ ସାରା ପ୍ରତିଦିନ ସନ୍ଧ୍ୟାରେ ଚଉଁରାସ୍ଥିତ ତୁଳସୀ ମୂଳରେ ସଂଜବତୀ ଦେଲେ ମନୁଷ୍ୟକୁ ନର୍କ ଗତିରୁ ନିବୃତି ମିଳିଥାଏ । କାର୍ତ୍ତିକ ମାସରେ ହବିଷ୍ୟାଳୀ ମାନେ ହବିଷ୍ୟାନ୍ନରେ ତୁଳସୀ ପକାଇ ଭକ୍ଷଣ କରିବା ଦ୍ୱାରା ସମସ୍ତ ଜନ୍ମର ପାପ ନାଶ ହୋଇଥାଏ।

ଯେଉଁମାନେ କାର୍ତ୍ତିକ ବ୍ରତ ପାଳନ କରନ୍ତି, ସେମାନେ ଆକାଶଦୀପ ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ। କାର୍ତ୍ତିକ ମାସରେ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ବା ଅତୀତର ପିତୃପୁରୁଷଙ୍କ ପଥ ପ୍ରଦର୍ଶନ ଏବଂ ସେମାନଙ୍କର ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ଦ୍ୱାରା ସେମାନେ ଅତି ପ୍ରସନ୍ନ ହୋଇ ଆଶୀର୍ବାଦ ପ୍ରଦାନ କରିଥାଆନ୍ତି । ତେଣୁ ପ୍ରାୟତଃ ସମସ୍ତ ଗୃହରେ ପୂର୍ବେ ଆକାଶଦ୍ୱୀପ ପ୍ରଜ୍ୱଳନ କରିବା ଏକ ପରମ୍ପରା ଥିଲା, ବିଶେଷ କରି ବ୍ରତାଚାରୀମାନେ ପ୍ରତି ଗ୍ରାମରେ ଅନ୍ତତଃ ଆକାଶ ଦ୍ୱୀପ ଜଳାଇବା ଏକ ଶାସ୍ତ୍ରୋକ୍ତ ବିଧି ଅଟେ ।

କାର୍ତ୍ତିକ ମାସଟି ରୁଦ୍ର ଓ ପାର୍ବତୀଙ୍କ ଜ୍ୟେଷ୍ଠପୁତ୍ର ଦେବ ସେନାପତି କୁମାର କାର୍ତ୍ତିକଙ୍କ ନାମରେ କୀର୍ତ୍ତିତ ଅଟେ। କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଦିନ କାର୍ତ୍ତିକେୟଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ଶାରୀରିକ ଉଷ୍ଣତା ଓ ଚିରଯୌବନ ପ୍ରାପ୍ତ ହୋଇ ଆୟୁଷ ବୃଦ୍ଧି ହୋଇଥାଏ । ବ୍ରତାଚାରୀମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବିଶେଷ କରି କାର୍ତ୍ତିକେୟଙ୍କୁ ଆରାଧନା କରିବା ଏକ ଶାସ୍ତ୍ରସ୍ଥ ବିଧାନ। କାର୍ତ୍ତିକ ବ୍ରତ ଆଚରଣ ପୂର୍ବକ କୁମାର କାର୍ତ୍ତିକେଶ୍ୱରଙ୍କୁ ଏହି ମାସରେ ଲୋକମାନେ ପୁତ୍ର ପ୍ରଦାନ କରିବା ପାଇଁ ଆରାଧନା କରିଥାନ୍ତି ।

**ବ୍ରତର ଅଧିକାରୀ:** କେବଳ ବିଧବା ଲୋକମାନେ ଯେ କାର୍ତ୍ତିକ ବ୍ରତ ପାଳନ କରିବେ ତାହା ନୁହେଁ। ନାରଦୀୟ ପୁରାଣମତରେ, ଏହି ପବିତ୍ର ବ୍ରତ ବ୍ରାହ୍ମଣ, କ୍ଷତ୍ରୀୟ ବୈଶ୍ୟ ଓ ଶୁଦ୍ର– ଏହି ଚାରିଜାତି, ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥୀ ଓ ସନ୍ୟାସୀ ଏହି ଚାରି ଆଶ୍ରମ, ସର୍ବୋପରି ପ୍ରତ୍ୟେକ ମନୁଷ୍ୟ ବିଧି, ବିଧାନ ଓ ଆଗ୍ରହର ସହିତ ପାଳନ କରିବାରେ କିଛି ଅସୁବିଧା ନାହିଁ ଅଧିକନ୍ତୁ କାର୍ତ୍ତିକ ପରି ବିଷ୍ଣୁମୟ ମାସରେ ବ୍ରତ ଆଚରଣ କଲେ ମନୁଷ୍ୟ ପୁରୁଷୋତ୍ତମ ବିଷ୍ଣୁଙ୍କ ବୈକୁଣ୍ଠଧାମ ପ୍ରାପ୍ତ ହୋଇଥାଏ। ହିନ୍ଦୁଧର୍ମ ବ୍ୟତୀତ ଜୈନ ଓ ଶିଖ ଧର୍ମାବଲମ୍ବୀ ମଧ କାର୍ତ୍ତିକ ମାସକୁ ପବିତ୍ର ମାସ ଭାବେ ପାଳନ କରିଥାଆନ୍ତି। ବ୍ରତଏ ଭବବନ୍ଧନରୁ ମଣିଷକୁ ମୁକ୍ତି ଦେବାରେ ଏକ ଶୁଦ୍ଧପୂତ କ୍ରିୟା। ତେଣୁ ପୂଣ୍ୟ କାର୍ତ୍ତିକ ମାସରେ ଯେଉଁମାନେ ବ୍ରତ ଆଚରଣ କରନ୍ତି, ସେମାନେ ସୁଖ, ସ୍ୱାଚ୍ଛନ୍ଦ୍ୟରେ ପରିବାରରେ ଜୀବନ ବିତାଇ, ଇହଲୋକ ତ୍ୟାଗ ପରେ ସ୍ୱର୍ଗଭୂମିରେ ଅନନ୍ତ ଶାନ୍ତି ବୋଲି ହିନ୍ଦୁ ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ହୋଇଅଛି।

– ଜୟ ଜଗନ୍ନାଥ –


*ଇଚ୍ଛାପୁର, ଶ୍ରୀବଳଦେବଜୀଉ*
*କେନ୍ଦ୍ରାପଡା,*
*ମୋ.–୭୮୭୩୯୮୩୯୧୧*


# ନଈ ପରି ଭାଷାର ଗତି, ନ ହେଉ ଇତି - (୨)



## ଇତିହାସର ଇତି କଥା

**ସତ୍ୟବାଦୀ ବଳିଆରସିଂହ**

ଜଣେ ବ୍ରିଟିଶ ଆଇସିଏସ୍ ଅଫିସର ଏଲ୍‌ଏସ୍‌ଏସ୍ ଓଁ ମାଲି ଆମ ଓଡ଼ିଆ ଭାଷା ଉପରେ କିଭଳି ମତ ଦେଇଛନ୍ତି ତାହା ଅନୁଧ୍ୟାନ କରିବା। ଦେଶୀମାନଙ୍କ ଅପେକ୍ଷା ବିଦେଶୀମାନଙ୍କ ଆଖି ଅଧିକ ତୀକ୍ଷ୍ଣ, କାରଣ ଆଗନ୍ତୁକର ଆଖିରେ ଗୋଟେ ଜାତିର ଗୁଣ ଓ ଖୁଣ ସହଜରେ ଧରା ପଡ଼ିଯାଏ । ବଙ୍ଗ, ବିହାର, ଓଡ଼ିଶା ଗୋଟିଏ ପ୍ରଦେଶ ଥିବାବେଳେ ସେ ବଙ୍ଗର ହୁଗୁଳି, ଖୁଲଣା ଓ ଦାର୍ଜିଲିଂ ବିହାରର ପାଟଣା ଓ ଦରଭଙ୍ଗା ଏବଂ ଓଡ଼ିଶାର କଟକ, ବାଲେଶ୍ୱର ଓ ସମ୍ବଲପୁରର ଡିଷ୍ଟ୍ରିକ୍ଟ ଗେଜେଟିଅର ସେ ଲେଖିଛନ୍ତି । ସେ ବଙ୍ଗଳା ଭାଷା ସହିତ ଓଡ଼ିଆ ଭାଷାର ଏକ ତୁଳନାତ୍ମକ ପ୍ରସଙ୍ଗ ଅବତାରଣା କରିଛନ୍ତି । ତାଙ୍କ ମତରେ ଓଡ଼ିଆ ଓ ବଙ୍ଗଳା ବ୍ୟାକରଣ ପ୍ରାୟ ଏକାପରି କିନ୍ତୁ ଉଚ୍ଚାରଣ ଦୃଷ୍ଟିରୁ ସେ ବଙ୍ଗଳା ଭାଷା ଠାରୁ ଓଡ଼ିଆ ଭାଷାକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ଉଭୟ ଭାଷାକୁ ଲକ୍ଷ୍ୟ କରି ସେ ଲେଖିଛନ୍ତି ଯେ ଓଡ଼ିଆ ଭାଷା ଯେପରି ଲେଖାଯାଏ, ସେପରି କୁହାଯାଏ । ଓଡ଼ିଆ ଶବ୍ଦର ପ୍ରତି ଅକ୍ଷର ସ୍ପଷ୍ଟ ଭାବରେ ଉଚ୍ଚାରିତ ହୁଏ । କିନ୍ତୁ ଆମ ପଡ଼ୋଶୀ ବଙ୍ଗଳା ଭାଷାରେ ସେପରି ହୁଏନାହିଁ । ତେଣୁ ବିଦେଶୀମାନେ ବଙ୍ଗଳା ଭାଷା ଭଲ ଭାବରେ ବୁଝିପାରନ୍ତି ନାହିଁ । ଏହାର କାରଣ ବଙ୍ଗଳାରେ କେତେକ ବ୍ୟଞ୍ଜନ ବର୍ଣ୍ଣ ଅସ୍ପଷ୍ଟ ଭାବରେ ଉଚ୍ଚାରିତ ହୁଏ ଏବଂ କେତେକ ସ୍ୱରବର୍ଣ୍ଣ ଭାଙ୍ଗିଯାଏ । ଓ ମାଲିଙ୍କ ଭାଷା ତାହା ସ୍କର୍ଡ କନସୋନା ଓ ବ୍ରୋକନ ଭାଓ୍ୱେଲ। ଏହି ଯେମିତି ବଙ୍ଗଳା ଭାଷାରେ–

'ପଦ୍ମଚରଣ' ଲେଖାଯାଏ, 'ପଦ ଚରଣ' କୁହାଯାଏ।

'ଐତିହ୍ୟ' ଲେଖାଯାଏ, 'ଅସୂର୍ଯ୍ୟ' କୁହାଯାଏ।

'ଦେଖ' ଲେଖାଯାଏ, 'ଦେଖୋ' କୁହାଯାଏ

'ଉଦଘାଟନ' ଲେଖାଯାଏ, 'ଉଦ୍‌ବୋଧନ' କୁହାଯାଏ।

ଓଡ଼ିଆରେ ଲେଖିବା ଓ କହିବା ସମାନ ଥିବାବେଳେ ବଙ୍ଗଳାରେ ଲେଖା ଗୋଟ ଓ କହିବା ଭିନ୍ନ ଅଟେ। ଏ ଦିଗରେ ଆଉ ପାଦେ ଆଗକୁ ଯାଇ ମାଲି ସାହେବ ଓଡ଼ିଆ ଭାଷାର ଲାଳିତ୍ୟ ଓ ସ୍ୱଷ୍ଟତା ବିଷୟରେ ଯାହା କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ। ଓଡ଼ିଆ ଭାଷା ତାଙ୍କ ଦୃଷ୍ଟିରେ 'କଂପ୍ରିହେସିଭ' ଓ 'ପଏଟିକାଲ୍'। ପୁଣି ପ୍ଲିଜା ସାଉଣ୍ଡିଂ ଓ ମ୍ୟୁଜିକାଲ ଇଣ୍ଟୋନେସନ ମଧ ଓଡ଼ିଆ ଭାଷା ସହିତ ଜଡ଼ିତ । ଅର୍ଥାତ୍ ଓଡ଼ିଆ ଭାଷା ବ୍ୟାପକ, କାବ୍ୟିକ, ସୁମଧୁର ଓ ସୁସଙ୍ଗତ । ଆମର ଦୁଇ ପ୍ରତିବେଶୀ ବଙ୍ଗଳା ଓ ତେଲୁଗୁ ଭାଷା ଠୁ ମିଠା ବୋଲି କୁହାଯାଏ । ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଆ ଶବ୍ଦ ଭଣ୍ଡାର ବିପୁଳ, ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସମ୍ପର୍କିତ ଅନେକ ଶବ୍ଦ ଓଡ଼ିଆ ଭାଷା ଭଣ୍ଡାରକୁ ବିପୁଳତର କରିଛି । କିଛି ଜନଜାତୀୟ ଶବ୍ଦ ମଧ ଓଡ଼ିଆ ଭାଷାକୋଷ ଅନ୍ତର୍ଭୁକ୍ତ ।

ମାତୃଭାଷାରେ ଯେଉଁ ଶିକ୍ଷା ଦିଆଯାଏ, ତାହା ଅଧିକ ଦୃଢ଼ ହୁଏ । ଏପରିକି ମାତୃଭାଷାରେ ବିଜ୍ଞାନ ଶିକ୍ଷା ଦିଆଯିବା ପାଇଁ ଦାବି ହେଉଛି । କେନ୍ଦ୍ର ଶିକ୍ଷା ବିଭାଗ ପକ୍ଷରୁ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବର୍ଷକ ତଳେ ମେଡିକାଲ ସାଇନ୍ସର ୨୪ଟି ବହି ଓଡ଼ିଆ ଭାଷାରେ ପ୍ରକାଶ କରି ଉନ୍ମୋଚନ କରିଥିଲେ । ଭାରତର ଜଣେ ଶ୍ରେଷ୍ଠ ବୈଜ୍ଞାନିକ ସତ୍ୟେନ୍ଦ୍ରନାଥ ବୋଷଙ୍କ ମତରେ ନିଜ ମାତୃଭାଷାରେ ବିଜ୍ଞାନ ଶିକ୍ଷା ଦିଆଗଲେ ତାହା ଅଧିକ ଫଳପ୍ରଦ ହେବ ।

ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଦ୍ୟା ପ୍ରଫେସର କର୍ମଦେବ ମହାରଣା ମାତୃଭାଷା ଶୀର୍ଷକ ଏକ ପ୍ରବନ୍ଧରେ ଲେଖିଛନ୍ତି, ଚରକ, ସୁଶ୍ରୁତ, ଆର୍ଯ୍ୟଭଟ୍ଟ, ଭାସ୍କର, କାଳିଦାସ, ଚାଣକ୍ୟ, ସକ୍ରେଟିସ୍, ଆରିଷ୍ଟଟଲ, ପ୍ଲାଟୋ, ଆର୍କିମିଡିସଙ୍କ ସମୟରେ ଇଂରାଜୀ ଭାଷା ନଥିଲା ଏବଂ ଉପରୋକ୍ତ ପ୍ରାଜ୍ଞଗଣ ଇଂରାଜୀ ଜାଣିନଥିଲେ । ମେସୋପଟାମିଆ, ମିଶରର ଚିତ୍ରଲିପି ଓ ସେତେବେଳର ସଂସ୍କୃତ, ଗ୍ରୀକ ଓ ଲାଟିନ ଭାଷାରେ ହିଁ ଇତିହାସ, ବିଜ୍ଞାନ, ଗଣିତ, ଆଇନ ଲେଖା ହୋଇଥିଲା । ପରେ ସମୟ ଥିଲା ଯେତେବେଳେ ବିଜ୍ଞାନର ଭାଷା କେବଳ ଗ୍ରୀକ ଓ ଲାଟିନ ଏବଂ ରାଜନୈତିକ ଭାଷା କେବଳ ଫରାସୀ ଥିଲା । ତେବେ ନିଜର ଲିପି ନଥିବା ଇଂରାଜୀ ଭାଷା ପରିପୁଷ୍ଟ ଓ ଉନ୍ନତ ହେଲା। କିପରି ? ଉପରୋକ୍ତ ଜ୍ଞାନୀଗଣଙ୍କ କୃତି ସମୂହ ଫାର୍ଶୀ, ଲାଟିନରେ ଅନୁବାଦ ହୋଇ ବିଶ୍ୱରେ ଜ୍ଞାନ ବିଭବର ପ୍ରସାରଣ ହେଲା। ମହମ୍ମଦଙ୍କ ପୂର୍ବରୁ ଆରମବୀ ଏକ ଅଖ୍ୟାତ ଭାଷା ଥିଲା । ନବମ ଶତାବ୍ଦୀରୁ ଏହି ଭାଷା ଗ୍ରୀକ୍, ଲାଟିନ୍, ସଂସ୍କୃତରୁ ଅନୁବାଦ ଦ୍ୱାରା ଗଣିତ, ବିଜ୍ଞାନ, ଦର୍ଶନ, ଚିକିତ୍ସା ବିଜ୍ଞାନର ଜ୍ଞାନକୁ ଇଉରୋପର ଅନ୍ଧକାର ଯୁଗରେ ବଞ୍ଚାଇ ରଖିଲା । ନଚେତ ଅଧିକାଂଶ କୃତୀ ବିଲୁପ୍ତ ହୋଇଥାନ୍ତା। ବୁଦ୍ଧ, ମହାବୀର ଆଦିଙ୍କ ବିକଳ୍ପ ଦୃଷ୍ଟାନ୍ତ ସତ୍ତ୍ୱେ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଧାରଣା ଥିଲା ଯେ କେବଳ ଶାସ୍ତ୍ରୀୟ ଭାଷାମାନଙ୍କ ବିକଳ୍ପ ହୋଇପାରିବ ତାହା ଦାନ୍ତେ ପ୍ରଚଳିତ ଲୋକଭାଷା ଇତାଲୀୟରେ କାବ୍ୟ, ମହାକାବ୍ୟ ରଚିତ ଓଡ଼ିଆରେ ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ତୁଳସୀ ଦାସଙ୍କ ରାମଚରିତ ମାନସ ଲେଖି ଏହା ପ୍ରମାଣ କଲେ। ଗାଲିଲିଓ ବିଜ୍ଞାନ କ୍ଷେତ୍ରରେ ଇତାଲୀୟ ଭାଷାରେ ପଦାର୍ଥ ବିଜ୍ଞାନ ଆଲୋଚନା କରି ଏହି ଭ୍ରମ ଧାରଣ ଅପସାରଣ କରାଇଲେ। ଏହା ପରେ ସବୁ ସଭ୍ୟ ସମାଜରେ ସବୁ ପ୍ରକାର ଜ୍ଞାନର ଚର୍ଚ୍ଚା ଓ ଆବିଷ୍କାର ଗୁଡ଼ିକ ମାତୃଭାଷା ମାନଙ୍କରେ ହେବାକୁ ଆରମ୍ଭ କଲା । ବର୍ତ୍ତମାନ ପୃଥିବୀର ପ୍ରତ୍ୟେକ ବିକଶିତ ଦେଶରେ ସମସ୍ତ ଅଧାପନା, ଉଚ୍ଚତର ସେମିନାର ଆଲୋଚନା, ଆବେକ୍ଷଣ, ବିଜ୍ଞାନ, ଗଣିତ ମଧ କେବଳ ମାତୃଭାଷାରେ ହୋଇଥାଏ। ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ସମସ୍ତଙ୍କ ସୁବିଧା ପାଇଁ ଇଂରାଜୀ ବ୍ୟବହୃତ ହୁଏ ।

ପ୍ରସିଦ୍ଧ କମ୍ପ୍ୟୁଟର ବିଜ୍ଞାନୀ ଡାଇକ୍‌ଷ୍ଟ୍ରା କହିଛନ୍ତି ଜଣେ ସୁଦକ୍ଷ କମ୍ପ୍ୟୁଟର ପୋଗ୍ରାମର ହେବା ପାଇଁ ଗଣିତ ପ୍ରତି ଅନୁରକ୍ତି ଉତ୍ତାରୁ ନିଜ ମାତୃଭାଷାରେ ଅସାଧାରଣ ଦକ୍ଷତା ସର୍ବଶ୍ରେଷ୍ଠ ସଙ୍ଗୀନ ଅବଲମ୍ବନ। ର୍ବମାନ ଏହା ପ୍ରମାଣିତ ଯେ ମାତୃଭାଷାରେ ହିଁ ଶିଶୁକୁ ନୂତନ ଓ ଜଟିଳ ଭାବଧାରା, ମୀମାଂସାଗୁଡ଼ିକୁ ଅପେକ୍ଷାକୃତ ସହଜ ଭାବରେ ବୋଧଗମ୍ୟ ହୁଏ ଏବଂ ସେ ନୂତନ ଜ୍ଞାନକୁ ଶୀଘ୍ର ଗ୍ରହଣ କରି ସାଧ କରିଥାଏ । ସେ ବଡ଼ହେଲେ ଅଲ୍ପାୟସ ଦ୍ୱାରା ଇଂରାଜୀ ଓ ଅନ୍ୟ ଭାଷାରେ ପାରଦର୍ଶୀ ହୁଏ । ଗଣିତ, ବିଜ୍ଞାନ, ଦର୍ଶନ, ସାହିତ୍ୟ ଆଦିର ଚର୍ଚ୍ଚା ପାଇଁ ନିଜ ମାତୃଭାଷାର ଅଭ୍ୟୁତଥାନରେ ସାହାଯ୍ୟ କରିବା ପରିବର୍ତ୍ତେ ଏହାକୁ ହେୟଜ୍ଞାନ କରି କୌଣସି ବ୍ୟକ୍ତି ବା ଜାତି ସଭ୍ୟତାର ଶୀର୍ଷକୁ ଯାଇନାହିଁ। ମାତୃଭାଷାରେ ଶିକ୍ଷାଦାନ ଏହି ଜଗତୀକରଣ ଯୁଗରେ ଏକ ବିପରିତ ଧାବନ ନୁହେଁ, ବରଂ ନିଜ ଜାତିକୁ ପ୍ରଗତିର ଜ୍ଞାନ ବିଜ୍ଞାନର ଶୀର୍ଷରେ ପହଞ୍ଚାଇବାର ଏକମାତ୍ର ପନ୍ଥା । ଏହା ପରିତାପର ବିଷୟ ଯେ ଓଡ଼ିଶାର ଅଧିକାଂଶ ଶିକ୍ଷିତ ବ୍ୟକ୍ତି ଏ କଥା ବର୍ତ୍ତମାନ ଯାଏଁ ହୃଦ୍‌ବୋଧ କରିପାରୁ ନାହାନ୍ତି ଏବଂ ଆଜୀବନ ହୀନମତା ହୋଇ ରହୁଛନ୍ତି ।

ଓଡ଼ିଆ ଏକ ପୁରାତନ ଭାଷା। ପୁରାତନ ପୋଥି, ପାଣ୍ଡୁଲିପିରୁ ଅନୁବାଦିତ କରି ସାଂରକ୍ଷଣ କରାଯିବାରେ ସଂସ୍କୃତ ତଳକୁ ଓଡ଼ିଆ ଭାଷା ରହିଛି ।

ଆମ ଓଡ଼ିଆ ଭାଷା ପ୍ରାଚୀନ ତଥା ବିଜ୍ଞାନ ସମ୍ମତ ଭାଷା। ଏହି ଭାଷାରେ ସରକାର ପ୍ରଶାସନ ନଚାଲିବା ଓ ବ୍ୟବହାର କ୍ରମଶଃ କମିଯାଉଥିବାରୁ ଭାଷା ଉପରେ ଆଘାତ ଲାଗିଛି । ଅତୀତରେ ଏହି ଭାଷା ଉପରେ ଅନେକବାର ଆକ୍ରମଣ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଦୁର୍ବଳ କରିଦେବା ପାଇଁ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର କରାଯାଇଛି । ୧୮୬୯ ମସିହାରେ ବଙ୍ଗୀୟ ଲେଖକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଏକ ପୁସ୍ତକ ଲେଖି ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟେ ବୋଲି ମତ ପ୍ରକାଶ କରିଥିଲେ । ସେତେବେଳେ ସଡ଼ିଆ ଭାଷା ନାନା ପ୍ରକାର ସଙ୍କଟ ଓ ବିବାଦର ସମ୍ମୁଖୀନ ହୋଇଥିଲା । ଏହିଭଳି ଏକ ଘଡ଼ିସନ୍ଧି ସମୟରେ ଉତ୍କଳ ଦୀପିକାରେ ସମ୍ପାଦକ ଗୌରୀଶଙ୍କର ରାୟ, ଗଙ୍ଗାଧର ମେହେର, ଉତ୍କଳ ଗୌରବ ମଧୁସୂଦନ ଦାସ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ପ୍ୟାରୀମୋହନ ଆଚାର୍ଯ୍ୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଓଡ଼ିଆ ଭାଷାର ପ୍ରାଚୀନତା ଓ ସ୍ୱତନ୍ତ୍ରତା ସମ୍ପର୍କରେ କ୍ରମାଗତ ଭାବେ ଲେଖାମାନ ପ୍ରକାଶ କଲେ । **(କ୍ରମଶଃ)**


***ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା***
***ମୋ. ୯୨୩୭୦୮୯୫୦୯***






# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର    ୫ ନଭେମ୍ବର ୨୦୨୫ ବୁଧବାର    ପୃଷ୍ଠା ୫


# ବାଣିଜ୍ୟେ ବସତେ ଲକ୍ଷ୍ମୀ

କପିଳ ସଂହିତାରେ ବର୍ଣ୍ଣିତ ଅଛି- ବର୍ଷାଣାଂ ଭାରତ ଶ୍ରେଷ୍ଠୋ ଦେଶାଣାମ୍ ଉତ୍କଳଶ୍ରୁତଃ, ଉତ୍କଳସ୍ୟ ସମୋଦେଶଃ ଦେଶୋନାସ୍ତି ମହୀତଳେ। କଳା, ସଂସ୍କୃତି, ସ୍ଥାପତ୍ୟ, ବୀରତ୍ୱର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ଯୋଗୁ ମଧ୍ୟ ଓଡ଼ିଶା କେବଳ ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ରୂପେ ପରିଗଣିତ ହୋଇଥିଲା ତାହା ନୁହେଁ, ବରଂ ଦ୍ୱୀପ, ଦ୍ୱୀପାନ୍ତର, ଦେଶ ଦେଶାନ୍ତର ଉର୍ଦ୍ଧ୍ୱକୁ ଯାଇ ସମଗ୍ର ବିଶ୍ୱ ଦରବାରରେ ବିଶ୍ୱବନ୍ଦିତ ହୋଇପାରିଥିଲା। ସେହିପରି ଓଡ଼ିଶାର ଇତିହାସ ମଧ୍ୟ ଅତି ସୁପ୍ରାଚୀନ ଓ ଗୌରବମୟ ଅଟେ ।

ଏହି ପୂଣ୍ୟତୋୟା କଳିଙ୍ଗର ଅତୀତ ଇତିହାସକୁ ଅବଲୋକନ କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭିତରୁ ଏକ ଅଲିଭା ସ୍ୱାକ୍ଷର ଭାବେ ଯାହା ଏବେବି ଦୀପ୍ତିମନ୍ତ ତାହା ହେଲା ତାର ନୌବାଣିଜ୍ୟ ପରମ୍ପରା। ସେତେବେଳେ ଓଡ଼ିଶାର ଭୌଗୋଳିକ ପରିସ୍ଥିତି ମଧ୍ୟ ଏହି ସୁଦୂରପ୍ରସାରି ନୌବାଣିଜ୍ୟ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା । ଦକ୍ଷିଣରେ ଗୋଦାବରୀଠାରୁ ଉତ୍ତରରେ ଗଙ୍ଗାନଦୀର ମୁହାଣ







ପର୍ଯ୍ୟନ୍ତ ପୂର୍ବରେ ବଙ୍ଗୋପସାଗରର ସୁଦୀର୍ଘ ବେଳାଭୂମି ଦିନେ ଓଡ଼ିଆ । ସାଧବପୁଅମାନଙ୍କର ବୋଇତ ଦ୍ୱାରା ଅଧ୍ୟୁଷିତ ହେଉଥିଲା। ସେଇଥିପାଇଁ ଭାରତ ମହାସାଗରରୁ ଗଙ୍ଗାସାଗରକୁ ଛୁଇଁଥିବା ବିସ୍ତୃତ ସାମୁଦ୍ରିକ କ୍ଷେତ୍ରର ନାମ ଥିଲା କଳିଙ୍ଗ ସାଗର। ଏହି ସାଗରକୁ ସ୍ପର୍ଶ କରିଥିବା ଗୋଦାବରୀ, ଋଷିକୂଲ୍ୟା, ପ୍ରାଚୀ, ଚନ୍ଦ୍ରଭାଗା, ବ୍ରାହ୍ମଣୀ, ବୈତରଣୀ, ମହାନଦୀ, ସୁବର୍ଣ୍ଣରେଖା, ଦାମୋଦର, ଗଙ୍ଗା ଆଦି ନଦୀଗୁଡ଼ିକ ଥିଲା ସୁଗଭୀର ଓ ନୌକା ଯାତାୟାତର ସୁଗମ ପଥ। ଏହି ବୃହତ୍ ନଦୀ ସହ ସମ୍ପୃକ୍ତ ଉପନଦୀ ଓ ଶାଖାନଦୀ କଳିଙ୍ଗର ସବୁ ଅଞ୍ଚଳରେ ବ୍ୟାପିଥିବାରୁ ଜଳପଥ ଗମନାଗମନର ମୁଖ୍ୟ ମାର୍ଗ ହୋଇଥିଲା। କଳିଙ୍ଗର କୌଣସି ଭାଗ ବିଚ୍ଛିନ୍ନ ନଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ତନ୍ତୀ, ତେଲି, କୁମ୍ଭାର, କମାର, ଚମାର, ବଣିଆ, ବଢ଼େଇ, କାଚରା, ପାଟରା ଆଦି ବିଭିନ୍ନ ଜାତି ନିଜ କର୍ମକୁଶଳତାରେ ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରି ନିଜ ନିଜ ବୋଇତରେ ବେପାର ବଣିଜ କରିବାକୁ ଦେଶ ବିଦେଶକୁ ଯାତ୍ରା କରୁଥିଲେ।

ସାଧବପୁଅ ଥିଲା କଳିଙ୍ଗର ଗର୍ବ। ବଣିଜ କରୁଥିବା ବ୍ୟକ୍ତିଙ୍କୁ ସାର୍ଥ ଓ ଏହାର ମୁଖ୍ୟଙ୍କୁ ସାର୍ଥବାହ କୁହାଯାଉଥିଲା। ବୋଧହୁଏ ପରବର୍ତ୍ତୀ କାଳରେ ଏହା 'ସାଧବ' ଶବ୍ଦକୁ ରୂପାନ୍ତରିତ ହୋଇଛି। ମହାମେଘବାହନ ସମ୍ରାଟ ଐର ଖାରବେଳଙ୍କ ସମୟରୁ ଉଲ୍ଲେଖ ହୋଇଆସୁଛି କଳିଙ୍ଗାଃ ସାହସିକାଃ। କାଳିଦାସଙ୍କ



ରଘୁବଂଶରେ କଳିଙ୍ଗର ରାଜାଙ୍କୁ ମହୋଦଧିପତି ବୋଲି ବର୍ଣ୍ଣନା କରାଯାଇଛି। କଳିଙ୍ଗ ସହ ସିଂହଳ ଦ୍ୱୀପର ନୌବାଣିଜ୍ୟ କଥା କବି ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ 'ଲାବଣ୍ୟବତୀ'ରେ ବର୍ଣ୍ଣିତ ହୋଇଛି। ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ ସାଧବ ଯୁବତୀମାନେ ଅତି ପ୍ରମୋଦରେ

ଗଲେ ବହିତ୍ର ବନ୍ଦାଇ

ଆପଦସ୍ଥଳୀମାନଙ୍କରେ ହୁଳହୁଳି ଦେଇ।

ନୌବାଣିଜ୍ୟରେ ଧୂରୀଣ, ସୁଦକ୍ଷ ଓ ଶକ୍ତିଶାଳୀ ଥିଲେ କଳିଙ୍ଗର ସାଧବପୁଅ ସେଥିପାଇଁ ନୀତିଶ୍ଳୋକରେ ବର୍ଣ୍ଣିତ ଅଛି-

ବାଣିଜ୍ୟେ ବସତେ ଲକ୍ଷ୍ମୀ
ତଦର୍ଦ୍ଧଂ କୃଷି କର୍ମଣି
ତଦର୍ଦ୍ଧଂ ରାଜ ସେବାୟାଂ
ଭିକ୍ଷା ନୈବ ଚ ନୈବ ଚ।

ଏହି ବୀର ପ୍ରସବିନୀ ଐତିହାସିକ ଭୂଖଣ୍ଡର ନିର୍ଭୀକ ଓଡ଼ିଆମାନେ ଅନନ୍ତହୀନ ନୀଳ ପାରାବାର ବକ୍ଷ ଭେଦକରି ପଣ୍ୟ ଦ୍ରବ୍ୟଭରା ବୋଇତ ନେଇ ଦେଶ ବିଦେଶକୁ ଯାଉଥିଲେ ଏବଂ ବେପାର ବଣିଜ କରି ଧନରତ୍ନ ମଣିମୁକ୍ତା ଇତ୍ୟାଦି ବୋହି ଆଣି ବିଭବଶାଳୀ କରିଥିଲେ ନିଜର ମାତୃଭୂମିକୁ । ଏହି ଦୁଃସାହସିକ ଓଡ଼ିଆମାନେ ମହୋଦଧିର ସମସ୍ତ ବିପଦକୁ ଭୃକ୍ଷେପ ନ କରି ଦିଗନ୍ତ ବିସ୍ତାରି ଜଳରାଶି ମଧ୍ୟରେ ବିନା ଯାନ୍ତ୍ରିକ ସହାୟତାରେ ପାଲଟଣା ବୋଇତରେ ଯାଇ ଉଚ୍ଚକୋଟିର ନୌଚାଳନାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ଗ୍ରୀକ୍ ପର୍ଯ୍ୟଟକ ଟୋଲେମିଙ୍କ ବର୍ଣ୍ଣିତ ମତରୁ ଜଣାପଡ଼େ ପୂର୍ବ ସାଗରରେ ସମୁଦ୍ରବାହୀ ପୋତ ସାହାଯ୍ୟରେ ସୁବର୍ଣ୍ଣଭୂମି (ବର୍ମା), ଶ୍ୟାମ (ଥାଇଲାଣ୍ଡ), କମ୍ବୋଜ (କାମ୍ବୋଡ଼ିଆ), ତାମ୍ରପର୍ଣ୍ଣ (ସିଂହଳ), ଜାଭା, ସୁମାତ୍ରା, ବୋର୍ଣ୍ଣିଓ ସହ ନୌବାଣିଜ୍ୟ ସ୍ଥାପନ କରିପାରିଥିଲେ ଏବଂ ତତ୍‌ସହିତ କେତେକ ଦେଶରେ ଉପନିବେଶ ମଧ୍ୟ ସ୍ଥାପନ କରିଥିଲେ। ଟୋଲେମିଙ୍କ ବିବରଣୀ ଅନୁଯାୟୀ ପାଲୁର ନିକଟସ୍ଥ ବନ୍ଦରରୁ ପୋତ ଗୁଡ଼ିକ ସମୁଦ୍ର ବକ୍ଷକୁ ଯାଉଥିଲା। 'ମହାକର୍ମ ବିଭଙ୍ଗ' ନାମକ ଗ୍ରନ୍ଥରେ କଳିଙ୍ଗ ଓ କୋଶଳର ସୌଦାଗରମାନେ ତାମ୍ରଲିପ୍ତ ବନ୍ଦରରୁ ପୋତ ଯୋଗେ ସୁବର୍ଣ୍ଣ ଭୂମିକୁ ଯାତ୍ରା କରୁଥିବାର ବର୍ଣ୍ଣନା କରାଯାଇଛି। ବୌଦ୍ଧ ଗ୍ରନ୍ଥ ଅନୁଯାୟୀ ସିଂହଳର ରାଣୀ ଅନୁଜାଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିବା ପାଇଁ ସମ୍ରାଟ ଅଶୋକଙ୍କର କନ୍ୟା ସଂଘମିତ୍ରା ଓ ପୁତ୍ର ମହେନ୍ଦ୍ର ତାମ୍ରଲିପ୍ତ ବନ୍ଦରରୁ ସିଂହଳ ଅଭିମୁଖରେ ଯାତ୍ରା କରିଥିଲେ। ଚୀନ୍ ପରିବ୍ରାଜକ ହୁଏନସାଂ ୬୩୯ ଖ୍ରୀ:ଅ:ରେ ଉଡ୍ର (ଉଚା), କଙ୍ଗୋଦ (କିଂୟୋତ), କଳିଙ୍ଗ (କି ଲିଙ୍ଗକିଆ) ପରିଦର୍ଶନ କରିଥିଲେ। ତାଙ୍କର ବିବରଣୀରୁ ଜଣାଯାଏ ଯେ, ଚରିତ୍ର (ଚେଲିତାଲୋ) ବନ୍ଦର ଏକ ସମୃଦ୍ଧ ପୋତାଶ୍ରୟ ଥିଲା। କଙ୍ଗୋଦରୁ କୃଷ୍ଣକାୟ ହସ୍ତୀ ଧରାଯାଇ ବିଦେଶକୁ ରପ୍ତାନି କରାଯାଉଥିଲା।

କଳିଙ୍ଗ ବଣିକ ଗୋଷ୍ଠୀ ସମ୍ବନ୍ଧରେ ମିଳିଥିବା ବିସ୍ତୃତ ବିବରଣୀ ଅନୁସାରେ ତତ୍କାଳୀନ ସମୟରେ ଭାରତର ୯ଟି ସର୍ବବୃହତ୍ ବନ୍ଦର ମଧ୍ୟରୁ କେବଳ



ଓଡ଼ିଶାରେ ୫ଟି ଥିଲା। ଏହି ୫ଟି ବନ୍ଦର ହେଲା - ତାମ୍ରଲିପ୍ତି (ତାମଲୁକ), କୋଶମ୍ବ (ବାଲେଶ୍ୱର), କୋନ୍ନଗର (କୋଣାର୍କ), ପାଲୁର (ଚିଲିକା), ପିଥୁଣ୍ଡ (କଳିଙ୍ଗପଟନମ୍)। ଏହା ବ୍ୟତୀତ ଅନ୍ୟ ଲୋକପ୍ରିୟ ବନ୍ଦର ଗୁଡ଼ିକ ହେଲା - ଦୋସରନ୍ (ବୈତରଣୀ ମୁହାଣ), ଆଦାମସ୍ (ସୁବର୍ଣ୍ଣରେଖା ମୁହାଣ), ପକୁରା (ଗଞ୍ଜାମ), ନନ୍ନିଗେନ (ପୁରୀ), ଚେଲିତୋଳ (ତିର୍ତ୍ତୋଲ), କଣ୍ଟକ ସିଲାଇ (ଘଣ୍ଟଶୀଳା), ପିପିଲି (ବାଲେଶ୍ୱର), ଛାନୁଆ (ଚାନ୍ଦବାଲି), ମନନ୍ଦ (ମହାନଦୀ), ସମ୍ବଳକ (ସମ୍ବଲପୁର), ଦୋସରା (ବଲାଙ୍ଗୀର), ସୁକ୍ତିମତୀପୁର (ବଲାଙ୍ଗୀରର ସକମା), ଲଛନପୁର, ସାରଥ, ଧାମରା, ଚିଲିକା, ମାଣିକପାଟଣା ଇତ୍ୟାଦି ଆହୁରି ଅନେକ। ମେଘାସ୍ଥିନିସ୍‌ଙ୍କ ବିବରଣୀ ଅନୁସାରେ କଳିଙ୍ଗ ଉପକୂଳର ଦୈର୍ଘ୍ୟ ଥିଲା ୭୦୦ ମାଇଲ। ଚିଲିକାର ପାଲୁର ବନ୍ଦରରେ ଥିବା କଳିଙ୍ଗର ବୃହତ୍ ବୋଇତରେ ବସି ଟଲେମି ମାଳଦ୍ୱୀପ ଯାଇଥିବା କଥା ସେ ନିଜେ



ଉଲ୍ଲେଖ କରିଛନ୍ତି। ଚୀନ୍ ପରିବ୍ରାଜକ ଫାହିୟାନ୍ (୪୧୫ ଖ୍ରୀ:ଅ:) ୨୦୦ ଯାତ୍ରୀ ସହ ଓ ହୁଏନସାଂ (୬୪୫ ଖ୍ରୀ:ଅ:) ସଂଗୃହୀତ ବିପୁଳ ସମ୍ଭାର ସହ କଳିଙ୍ଗର ବୃହତ୍ ବୋଇତରେ ଚୀନ୍ ପ୍ରତ୍ୟାବର୍ତ୍ତନ କରିଥିବା କଥା ମଧ୍ୟ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି।

ଉତ୍କଳୀୟ ବଣିକମାନେ ସାଧୁ ଓ ପରୋପକାରୀ ଥିଲେ। ଏ ସଂକ୍ରାନ୍ତରେ ଗଳ୍ପଟିଏ। ଗୋଟିଏ ସହରରେ ଥିଲେ ଜଣେ ଅତ୍ୟନ୍ତ ଧନୀ ବଣିକ। ସେ ଥିଲେ ଅତ୍ୟନ୍ତ ସୁଖୀ। ତାଙ୍କ ଘର ସଦାବେଳେ ବନ୍ଧୁବାନ୍ଧବ, କଥାବାର୍ତ୍ତା ଓ ହାସ୍ୟରୋଳରେ ଭରି ରହୁଥିଲା। ବ୍ୟସ୍ତତା ଭିତରେ ବି ସେ ସର୍ବଦା ପ୍ରସନ୍ନ ରହୁଥିଲେ। ଥରେ ତାଙ୍କ ଘରକୁ ବୁଲି ଆସିଲେ ତାଙ୍କ ଘନିଷ୍ଠ ବନ୍ଧୁ। ବନ୍ଧୁ ରହୁଥିଲେ ଦୂର ଏକ ସହରରେ। ସେ ମଧ୍ୟ ଥିଲେ ଜଣେ ଅତ୍ୟନ୍ତ ଧନୀ ଓ ସଫଳ ବ୍ୟବସାୟୀ। ତାଙ୍କର ମଧ୍ୟ ଥିଲା ଅଚଳାଚଳ ସମ୍ପତ୍ତି। କିନ୍ତୁ ସେ ସର୍ବଦା ଚାପଗ୍ରସ୍ତ ହୋଇ ରହୁଥିଲେ। ଦିନେ ବଣିକଙ୍କୁ ତାଙ୍କ ବନ୍ଧୁ କହିଲେ- ଭାଇ ସମସ୍ତେ ଭାବୁଛନ୍ତି ଯେ ମୁଁ ମୋ ଜୀବନରେ ଅଜସ୍ର ସଫଳତା ପାଇଥିବାରୁ ଏବଂ ଅଚଳାଚଳ ସମ୍ପତ୍ତି ଉପାର୍ଜନ କରିଥିବାରୁ ବହୁତ ସୁଖୀ। କିନ୍ତୁ ପ୍ରକୃତରେ ତାହା ନୁହେଁ। ମୁଁ କେବେ ବି ସୁଖୀ ହୋଇପାରିନାହିଁ। ଅଧା ସମୟ ସମ୍ପତ୍ତି ଉପାର୍ଜନ କରିବା ଲାଗି ପରିଶ୍ରମରେ କଟିଲା। ଏବେ ମନରେ ଭୟ ରହୁଛି ଯେ ସତର୍କ ନ ହେଲେ କାଳେ ସେ ସବୁ ଚାଲିଯିବ। ସେଥିଲାଗି ମୋ କାରବାର ଚଳାଉଥିବା ଲୋକଙ୍କ ଉପରେ ମୋତେ କଡ଼ା ନଜର ରଖିବାକୁ ପଡୁଛି। ମନରେ ଆଶଙ୍କାର ଭାବ ରହୁଛି । କିନ୍ତୁ ତୁମକୁ ଦେଖୁଛି ଯେ ତୁମେ ମସ୍ତ ଖୁସିରେ ଅଛ। ହସଖୁସିରେ ଅଛ କେମିତି?

ବଣିକ କହିଲେ- ପାଞ୍ଚଟି ଶବ୍ଦକୁ ଗଣ୍ଠିଧନ କରି ରଖିଛି। ସେଗୁଡ଼ିକ ହେଲା ଶ୍ରଦ୍ଧା, ବିଶ୍ୱାସ, ବୈରାଗ୍ୟ, ଅର୍ପଣ ଓ ଭକ୍ତି। ପ୍ରଥମ କଥା ହେଲା ମୁଁ ମୋ ଚାରି ପାଖର ସବୁ ଲୋକଙ୍କୁ ଗଭୀର ଶ୍ରଦ୍ଧା ଓ ବିଶ୍ୱାସ କରେ। ତେଣୁ ସେମାନେ ବି ମୋତେ ଭଲ ପାଆନ୍ତି। ଏଥିରେ କାହାକୁ ଜଗିବାର ଲୋଡ଼ା ପଡ଼େନାହିଁ। ଏ ଧନସମ୍ପତ୍ତିକୁ ମୁଁ ଈଶ୍ୱରଙ୍କ ଦାନ ବୋଲି ଭାବେ। ତେଣୁ ମୋର ଏସବୁ ପ୍ରତି ଏକ ବୈରାଗ୍ୟ ରହିଛି। ସେଇ ବୈରାଗ୍ୟ ହେତୁ ମୋ ସମ୍ପତ୍ତିକୁ ମୁଁ ସାଧାରଣ ଲୋକଙ୍କ ଖୁସି ପାଇଁ ଦାନ ଧର୍ମରେ ବ୍ୟୟ କରେ। କାହାକୁ ଖାଲି ହାତରେ ଫେରାଏ ନାହିଁ। ସେଇ ଅର୍ପଣରୁ ହିଁ ଶାନ୍ତି ମିଳେ। ଶେଷରେ ରହିଲା ଈଶ୍ୱରଙ୍କ ପ୍ରତି ମୋର ଗଭୀର ଆସ୍ଥା। ତାଙ୍କ ପ୍ରତି ଆସ୍ଥା ରଖିଲେ ଭୟଶୂନ୍ୟ ହୁଏ। ତେଣୁ ଆନନ୍ଦରେ ଦିନ କଟେ। ଏହି ଗଳ୍ପରେ ବର୍ଣ୍ଣିତ ବଣିକ ଭଳି ଥିଲେ ଆମର ତଥାକଥିତ ସାଧବ ଗୋଷ୍ଠୀ।

ଏହି ସାଧବଗଣଙ୍କ ଦ୍ୱାରା ପୃଥିବୀ ପ୍ରସିଦ୍ଧ ସୂକ୍ଷ୍ମ ବସ୍ତ୍ର, କୋଶଳର କୋଶା ବସ୍ତ୍ର ଓ କପାବସ୍ତ୍ର, ହୀରାକୁଦର ସୁନା, ରୂପା, ହୀରା, ପଦ୍ମରାଗ, ସ୍ଫଟିକ, ରକ୍ତମଣି, ନୀଳମଣି, ପାନ୍ନାର ସହିତ ବିଭିନ୍ନ ଧାତୁକର୍ମ, ତାରକସି କାମ ଏବଂ ମାଟିପାତ୍ର, ଲୁଣ, ଚାଉଳ ଆଦି ରପ୍ତାନି ହେଉଥିବା କଥା ଚାଣକ୍ୟଙ୍କ 'ଅର୍ଥଶାସ୍ତ୍ର'ରୁ ଜଣାପଡ଼େ। ସେହିପରି



ରଣପୁର ଓ ତିଗିରିଆର ତନ୍ତୀମାନଙ୍କ ଦ୍ୱାରା ପ୍ରସ୍ତୁତ ସୂକ୍ଷ୍ମବସ୍ତ୍ର ବାଉଁଶନଳୀ ମଧ୍ୟରେ ମୁଦ ଦେଇ ବିଦେଶକୁ ରପ୍ତାନି କରାଯାଉଥିଲା ବୋଲି ପ୍ରଥମ ଶତାବ୍ଦୀରେ ରଚିତ ପେରିପ୍ଲସ୍ ଅଫ୍ ଦି ଆରିଥ୍ରିଆନ୍ ସି ପୁସ୍ତକରେ ଉଲ୍ଲେଖ କରାଯାଇଛି।

ବୈଶାଖରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଶୂଦ୍ର ଶିଳ୍ପୀକୂଳର ସାଧବଗଣ ରପ୍ତାନୀ ଉଦ୍ଦେଶ୍ୟରେ ବିଭିନ୍ନ ବସ୍ତୁ ନିର୍ମାଣ ଓ ସଂଗ୍ରହ ଅଭିଯାନ ଶେଷ କରି କାର୍ତ୍ତିକ ଅମାବାସ୍ୟା ବା ଆଲୋକର ପର୍ବ ଦୀପାବଳୀ ଦିନ ଲକ୍ଷ୍ମୀପୂଜା ପାଳନ କରିଥାଆନ୍ତି। ପରଦିନ ପ୍ରାତଃକାଳରୁ ସାଧବାଣୀ ଦ୍ୱାରା ବୋଇତ ବନ୍ଦାପନା ପରେ ସଂଗୃହିତ ଜିନିଷପତ୍ର ଲଦାହୁଏ



କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ । ଏହି ସମୟରେ ଉତ୍ତରା ଅନୁକୂଳ ପବନ ଅର୍ଥାତ୍ ଅକ୍ଟୋବର-ନଭେମ୍ବର ମାସରେ ଉତ୍ତରା ପବନ ପ୍ରବାହିତ ହେବାରୁ ଓ ଝଡ଼ବର୍ଷାର ଆଶଙ୍କା ନ ଥିବାରୁ, କଳିଙ୍ଗ ଉପକୂଳରୁ ଓଡ଼ିଆ ସାଧବଗଣ ନିଜର ପଣ୍ୟସମ୍ଭାରଯୁକ୍ତ ବିଶାଳ ବୋଇତମାଳା ନୀଳାମ୍ବୁ ସାଗର ବକ୍ଷରେ ମେଲାଇ ପୂର୍ବ ଦ୍ୱୀପପୁଞ୍ଜକୁ ନେଇ ଯାଉଥିଲେ। କାର୍ତ୍ତିକଠାରୁ ଚୈତ୍ର ପର୍ଯ୍ୟନ୍ତ ସେଠାରେ



ବାଣିଜ୍ୟ କାରବାର କରି ଦକ୍ଷିଣାପବନ ବୋହିବା ଆରମ୍ଭ ହେବାମାତ୍ରେ, ବୈଶାଖ ମାସ ପୂର୍ବରୁ ଓଡ଼ିଶାର ପୋତାଶ୍ରୟଗୁଡ଼ିକୁ ଫେରି ଆସୁଥିଲେ। ଦୀର୍ଘଦିନର ବିଚ୍ଛେଦ ପରେ ସାଧବ ପରିବାରରେ ଏହି ଅପୂର୍ବ ମିଳନକୁ ମହାଆଡ଼ମ୍ବର ସହିତ ପାଳନ କରାଯାଉଥିଲା ବୈଶାଖର ପ୍ରଥମ ଦିନ ପଣାସଂକ୍ରାନ୍ତି ଭାବରେ। ଆଜି ଆମେ ବୈଶାଖ ମାସର ପ୍ରଥମ ଦିନରେ ପଣା ପିଉଛୁ, ଜଳଦାନ ଦେଉଛୁ, କାର୍ତ୍ତିକ ମାସରେ ଡଙ୍ଗା ଭସାଉଛୁ, ମାତ୍ର ପୂର୍ବ ଗୌରବର ସେହି ବାଣିଜ୍ୟିକ ପରମ୍ପରାକୁ ସମ୍ପୂର୍ଣ୍ଣ ରୂପେ ପାଶୋରି ପକାଇଛୁ।

'ଆ କା ମା ବଇ'ର ଅର୍ଥ :

ଛୋଟ ବୋଇତଟି ପାଣିରେ ଭସାଇବା ବେଳେ ଓଡ଼ିଆଙ୍କ ପାଟିରୁ ବାହାରି ପଡୁଥିବା ଆ କା ମା ବଇ ଶବ୍ଦଟିର ଅର୍ଥ ଏପର୍ଯ୍ୟନ୍ତ ବହୁ ଓଡ଼ିଆ ଜାଣିନାହାନ୍ତି । କେତେକଙ୍କ ମତରେ ଏହାର ଅର୍ଥ ଆଷାଢ଼ରେ ଆସି କାର୍ତ୍ତିକରେ ଯାଅ, ଭୟ କରନାହିଁ। ଆଉ କେତେକ ଏହାକୁ ହିନ୍ଦୁମାନଙ୍କର ଚାରିଟି ଧାର୍ମିକ ମାସ- ଆଷାଢ଼, କାର୍ତ୍ତିକ, ମାର୍ଗଶୀର, ବୈଶାଖ ବୋଲି କହୁଥିବା ବେଳେ ଆଉ କେତେକ ବିଜ୍ଞ ଏହି ଚାରି ମାସର ଅନୁକୂଳ ମୌସୁମୀବାୟୁ ଯୋଗୁଁ ସାଧବପୁଅ ବଣିଜ କରିବାକୁ ବିଦେଶ ଯାଆନ୍ତି ବୋଲି କହିଥାନ୍ତି। ତେବେ ଦୁଇଟିଯାକ କଥା ସମ୍ପୂର୍ଣ୍ଣ ମିଛ। ଓଡ଼ିଆ ନାରୀର ଓଷାବ୍ରତ ସହ ବେପାରବଣିଜର ଇତିହାସ ପାଠ କରିବା ହିଁ ସୂଚାଇଥାଏ ଅତୀତ ଉତ୍କଳର ନୌବାଣିଜ୍ୟ ପରମ୍ପରା। ତେଣୁ ଆ, କା, ମା, ବଇ, ଧାର୍ମିକ ମାସ ନୁହେଁ, ବରଂ ସାଧବପୁଅ ଦ୍ୱାରା ସୃଷ୍ଟି ଚାରିଟି ମୁଖ୍ୟ ଉପନିବେଶର ସଂକ୍ଷିପ୍ତ ନାମ ଆ- ଆନମ (ଭିଏତନାମ), କା- କାମ୍ବୋଡ଼ିଆ, ମା- ମାଳୟ, ବଇ- ବାଲିଦ୍ୱୀପ । କାର୍ତ୍ତିକ ପୂର୍ଣ୍ଣମୀର ପାହାନ୍ତ ପ୍ରହରରେ ଏହି ଚାରିଟି ଶବ୍ଦ ଉଚ୍ଚାରଣ କରି ପାନଗୁଆ ସହ ଛୋଟିଆ ବୋଇତଟିଏ ଭସାଇ ଦେବାର ଅର୍ଥ ହେଲା, ବହୁବର୍ଷ ପୂର୍ବେ ଏହି ମାହେନ୍ଦ୍ର ବେଳାରେ ଓଡ଼ିଆ ଘରର ବୋହୂମାନେ ବନ୍ଦାପନା କରି ସାଧବପୁଅଙ୍କୁ ବିଦାୟ ଦେଉଥିଲେ ବିଦେଶରେ ବେପାର ବଣିଜ କରିବା ପାଇଁ। ସାଧବପୁଅର ମଙ୍ଗଳ କାମନା କରିବା ଉଦ୍ଦେଶ୍ୟରେ ଘରର ପ୍ରୌଢ଼ାଗଣ ପୂର୍ଣ୍ଣମୀ ପୂର୍ବର ୫ ଦିନ ନିଷ୍ଠାପର ଭାବେ ବିଭିନ୍ନ ପୂଜାର୍ଚ୍ଚନାରେ ବ୍ୟସ୍ତ ରହୁଥିଲେ, ଯାହା ପଞ୍ଚୁକ ନାମରେ ଖ୍ୟାତ। ପାନ ଗୁଆ ହେଉଛି ଶୁଭ ଓ ବନ୍ଧୁତାର ସୂଚକ, ଯାହା ଏବେ ମଧ୍ୟ ଓଡ଼ିଆ ପରମ୍ପରାରେ ପ୍ରଚଳିତ।

ସାଧବପୁଅର ବଂଶଧର ଭାବେ ପରିଚିତ ଓଡ଼ିଆ ଯୁବସମାଜ ଆଜି ଦିଗହରା। ଜାତି ଭିତ୍ତିରେ ଭାଗ ଭାଗ ହୋଇ ନିଜ କୌଳିକ ବୃତ୍ତିରୁ ନିବୃତ୍ତ। ଶିକ୍ଷାର ବ୍ୟବସାୟୀକରଣ ଯୋଗୁଁ ଗରିବ ଓଡ଼ିଆ ଉଚ୍ଚଶିକ୍ଷା / ପ୍ରାୟୋଗିକ ଶିକ୍ଷାପ୍ରାପ୍ତିଠାରୁ ମଧ୍ୟ ବହୁ ଦୂରରେ।

ଏବେ ବି ସମୟ ଅଛି। ଆସନ୍ତୁ ସମସ୍ତେ ଏକାଠି ହେବା। ଅତୀତର ସେହି ଗୌରବ ଗାରିମାକୁ ଫେରାଇ ଆଣିବାକୁ ସଂକଳ୍ପବଦ୍ଧ ହେବା। ଓଡ଼ିଶାର ଦୁଃଖ, ଦୈନ୍ୟ, କଷଣକୁ ହଟାଇ ଦେଇ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା। ଆମ ପୂର୍ବପୁରୁଷଙ୍କ ଆତ୍ମା ସ୍ୱର୍ଗରେ ଥାଇ ଶାନ୍ତିଲାଭ କରିବ।

---



# ଆ.କା.ମା.ବୈ

ଓଡ଼ିଆ ଭାଷାରେ ପ୍ରଚଳିତ ରହିଛି ଏମିତି ଏକ କଥା । ବର୍ଷକେ ଥରେ କାର୍ତ୍ତିକ ମାସରେ ଏହି କଥାଟି ଆପଣା ଛାଏଁ ଚାଲି ଆସେ ମନକୁ । ଏତେବେଳେ ବୟସ ନିର୍ବିଶେଷରେ ପ୍ରାୟ ଓଡ଼ିଆ ପୁଷ୍କରିଣୀ ବା ସମୁଦ୍ରରେ ଭସାଉଥାଏ କଦଳୀ ପାଟୁକାରେ ତିଆରି ଡଙ୍ଗା ।

**କାର୍ତ୍ତିକ ମାସ** : ପୌରାଣିକ, ଧାର୍ମିକ ତଥା ଭୌଗୋଳିକ ଦୃଷ୍ଟିକୋଣରୁ କାର୍ତ୍ତିକ ମାସର ମଧ୍ୟ ଗୁରୁତ୍ୱ ରହିଛି । ଅନୁରୂପ ପ୍ରଭାବ ରହିଛି ଜନଜୀବନରେ । କେବଳ ଜନଜୀବନ କାହିଁକି ପକ୍ଷୀ ଜଗତ ବି କାଳେ ମାନନ୍ତି ଏହି ମାସକୁ । କୁହାଯାଏ କାର୍ତ୍ତିକ ମାସ ଶେଷ ପାଞ୍ଚଦିନ ପଞ୍ଚକ ସମୟରେ ବଗ ବି କାଳେ ମାଛ ଛୁଏଁନି । ଏହା କଥାର ଏକ ଛଟା ହେଉ ବା ଆଉ କିଛି, ଋତୁ ଚକ୍ରରେ ଶରତ ଋତୁ ହିଁ ଆଣି ଆସେ ଏଇ କାର୍ତ୍ତିକ ମାସକୁ । ଏହି ସମୟରେ ଆକାଶ ସାଧାରଣତଃ ମେଘମୁକ୍ତ ରହିଥାଏ । ବିଶେଷକରି ଆଶ୍ୱିନ, କାର୍ତ୍ତିକ ଓ ମାର୍ଗଶୀର ଏହି ତିନିମାସ ଅନ୍ୟ ମାସଗୁଡ଼ିକ ତୁଳନାରେ ଥାଏ ଶାନ୍ତି । ପୁନଶ୍ଚ ଧର୍ମ ମାସ କାର୍ତ୍ତିକ ହୋଇଥାଏ ଶୁଭପ୍ରଦ ।

**ନୌବାଣିଜ୍ୟର ସ୍ମୃତି** : ଅତୀତରେ କାର୍ତ୍ତିକ ପୂର୍ଣ୍ଣମା ଦିନ ପ୍ରତ୍ୟୁଷରୁ ଉତ୍କଳର ସାଧବ ପୁଅମାନେ ସେମାନଙ୍କର ବିଭିନ୍ନ କାରିଗରୀ, ଶିଳ୍ପ, ବସ୍ତ୍ର, ସୁଗନ୍ଧ ଦ୍ରବ୍ୟ, ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ବେପାର ପାଇଁ ବୋଇତରେ ଅଝାଲ ଭିଡ଼ି ପାରି ହୁଅନ୍ତି ସାତ ଦରିଆ ତେର ନଈ । ଜାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦେଶରେ ସେମାନେ କରୁଥିଲେ ବେପାର ବଣିଜ । ରହୁଥିଲେ ବର୍ଷ ବର୍ଷ । ତାପରେ ସୁନା, ରୁପା, ମଣି, ମୁକ୍ତା ପ୍ରଭୃତି ମୂଲ୍ୟବାନ ଧାତୁମାନ ସଂଗ୍ରହ କରି ନିଜ ସାମଗ୍ରୀର ବିକ୍ରିବଟା ପରେ ଧନଧାନ୍ୟ ହୋଇ ଫେରୁଥିଲେ ସ୍ୱଦେଶ । ସେମାନଙ୍କର ପ୍ରତ୍ୟାବର୍ତ୍ତନ ଆଣି ଦେଉଥିଲା ଶାନ୍ତି, ମୈତ୍ରୀ ଓ ପ୍ରୀତିର ସନ୍ଦେଶ । କେବଳ ସେତିକି ନୁହେଁ ତାହା ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ଓ ଆତ୍ମୀୟତାଭାବ ସୃଷ୍ଟି କରୁଥିଲା । ସେଇ ମହାନ ସ୍ମୃତିରେ ଏବେ ବି କାର୍ତ୍ତିକ ମାସର ପୂର୍ଣ୍ଣମା ତିଥି ହୋଇଛି ବୋଇତ ବନ୍ଦାଣ ଓ ଭସାଣର ପ୍ରତୀକ ।

**ବୋଇତ ବନ୍ଦାଣ ଉତ୍ସବ** : କେବଳ ଧର୍ମଧାରାରେ ଯେ ଏହି ଉତ୍ସବ ପାଳିତ ହୁଏ ତାହା ନୁହେଁ ସରକାରୀ ସ୍ତରରେ ଏହି ଐତିହାସିକ କୀର୍ତ୍ତିର ରୋମନ୍ଥନ ବି କରାଯାଏ । ପାରାଦ୍ୱୀପରେ ଅନୁଷ୍ଠିତ ହୁଏ ବର୍ଣ୍ଣାଢ଼୍ୟ ବୋଇତ ବନ୍ଦାଣ ଉତ୍ସବ । ଅନୁଷ୍ଠିତ ହୁଏ କଟକର ବାଲିଯାତ୍ରା ଉତ୍ସବ ଚଳିତ ବର୍ଷ କରୋନା କଟକଣା ପାଇଁ ଏହା ଉପରେ ପ୍ରଶାସନ ସରକାରୀ ନୀତିନିୟମକୁ କାର୍ଯ୍ୟକାରୀ କରୁଛନ୍ତି। ଏହି ବାଲିଯାତ୍ରା ଉତ୍ସବ କେବେ ଠାରୁ ଓ କାହିଁକି ପ୍ରଚଳିତ ହୋଇଛି ତାର ସଠିକ ତଥ୍ୟ ପ୍ରମାଣ ନାହିଁ । ଐତିହାସିକ ଗବେଷକମାନେ ମଧ୍ୟ ଏହା ଉପରେ ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି । କେତେକଙ୍କ ଯୁକ୍ତି କାର୍ତ୍ତିକ ପୂର୍ଣ୍ଣମା ଦିନ ଶ୍ରୀଚୈତନ୍ୟ ମହାପ୍ରଭୁ କଟକରେ ପଦାର୍ପଣ କରି ଉଦ୍ଦଣ୍ଡ ନୃତ୍ୟ ସହକାରେ ବିଭୁ ପ୍ରେମରେ ଆତ୍ମ ବିସ୍ମୃତ ହୋଇ ମହାନଦୀର ବାଲିଘାଟରେ ଗଡ଼ିଥିଲେ । ସେହିଦିନ ଠାରୁ କାଳେ ଏ ପବିତ୍ର ଘାଟ ଗଡ଼ଗଡ଼ିଆ ଘାଟ ନାମରେ ପରିଚିତ ହୋଇଛି । ଆଉ ସେହି ସୁବର୍ଣ୍ଣ ସ୍ମୃତିକୁ ସାଉଁଟି ଆୟୋଜିତ ହୋଇଆସୁଛି ବାଲିଯାତ୍ରା ଉତ୍ସବ । ଅନ୍ୟ ଗୋଟିଏ ମତ ହେଲା ଏହି ଦିନ ବେପାର ବଣିଜ ସାରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଥିବା ସାଧବମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏପରି ଏକ ଉତ୍ସବ ଆୟୋଜିତ ହୋଇ ଆସୁଥିଲା । ସେଇ ପରମ୍ପରା ଏବେ ମଧ୍ୟ ରହିଛି । କେତେକଙ୍କ ମତରେ କାର୍ତ୍ତିକ ପୂର୍ଣ୍ଣମା ଦିନ ସାଧବମାନେ ବୋଇତରେ ବାଲିଦ୍ୱୀପକୁ ଯାତ୍ରା କରୁଥିବାରୁ ଏହି ଉତ୍ସବର ନାମ ବାଲିଯାତ୍ରା ହୋଇଛି । ଏଥିରୁ ଯେଉଁ ମତଟି ହେଉନା କାହିଁକି ବୋଇତ ବନ୍ଦାଣ ଓ ବାଲିଯାତ୍ରା ନୌବାଣିଜ୍ୟ ସମୃଦ୍ଧ ଉତ୍କଳର ପରିଚୟ ପ୍ରଦାନ କରିଥାଏ । କାହାଣୀ କହିଥାଏ କଳିଙ୍ଗାଃ ସାହସିକାଃ ।

**ବଙ୍ଗୋପ ସାଗରର ଅନ୍ୟ ନାମ** : ଐତିହାସିକ ତଥ୍ୟ କହେ ଓଡ଼ିଶାରେ ନଦନଦୀ ବିସ୍ତୃତ ସମୁଦ୍ରଉପକୂଳ ଥିବାରୁ ଉତ୍କଳୀୟମାନେ ନୌଯାତ୍ରାରେ ନିପୁଣ ଥିଲେ । ସେତେବେଳେ ଆଜିର ବଙ୍ଗୋପସାଗରର ନାମ ଥିଲା ପୂର୍ବାମ୍ବୁଧି । ବଙ୍ଗୋପସାଗର ଚତୁର୍ଦ୍ଦିଗରେ ଥିବା ଦେଶରେ ଉତ୍କଳୀୟମାନେ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ । ଏହାକୁ ନେଇ ଗଠିତ ହୋଇଥିଲା ବୃହତ କଳିଙ୍ଗ । ଆହୁରି ମଧ୍ୟ କୁହାଯାଏ ଏହା ଦୁଇହଜାର ପାଞ୍ଚଶହ ବର୍ଷ ପୁରାତନ । ତାମ୍ରଲିପ୍ତ, ଚେଲିତୋଲୋ, ଋଷିକୂଲ୍ୟା ନଦୀ ମୁହାଣରେ ଥିବା ପାଲୁର, ଜୟପୁର, ପାରାଦ୍ୱୀପ, ଅସ୍ତରଙ୍ଗ (ପିଥୁଣ୍ଡା) ଓ ପିପିଲି ଆଦି ବନ୍ଦର ଦେଇ ସେତେବେଳେ ବୋଇତ ଯାଆସ କରୁଥିଲା । ପୁନଶ୍ଚ ଭୌଗୋଳିକ ତଥ୍ୟ କହେ କାର୍ତ୍ତିକ ମାସରେ ଉତ୍ତରପୂର୍ବ ମୌସୁମୀ ବାୟୁ ପ୍ରବାହକୁ ନୌଯାତ୍ରା ଅନୁକୂଳ ସମୟ ବୋଲି ଧାର୍ଯ୍ୟ କରାଯାଇ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବାହକୁ ଆଷାଢ଼ରେ ବଣିକର ଲେଉଟାଣି ଋତୁ ବୋଲି ବିବେଚନା କରାଯାଏ । ସେହିପରି ମାର୍ଗଶିର ମାସରେ ଉତ୍ତର ପୂର୍ବ ଦିଗରୁ ପ୍ରବାହିତ ମୌସୁମୀ ବାୟୁ ସାଧବଙ୍କ ନୌବାଣିଜ୍ୟ ପମାଇଁ ଅନୁକୂଳ ହେଉଥିବାରୁ କାର୍ତ୍ତିକ ପରି ଏହି ସମୟରେ ଅନୁଷ୍ଠିତ ହେଉଥିଲା ଜଳ ଯାତ୍ରା ।

**କାର୍ତ୍ତିକର ଧାର୍ମିକ ଗୁରୁତ୍ୱ** : ଏହି କାର୍ତ୍ତିକ ମାସର ଧାର୍ମିକ ଗୁରୁତ୍ୱ ସଂପର୍କରେ ଏତିକି କୁହାଯାଇପାରେ ଯେ ପ୍ରଭୁ ଦାମୋଦର ହେଉଛନ୍ତି ଏହି ମାସର ଆରାଧ ଦେବତା । ବିଷ୍ଣୁଙ୍କ ବାରଟି ନାମ ମଧ୍ୟରୁ ଦାମୋଦର ନାମ ଆସିଥାଏ ସପ୍ତମ କ୍ରମାଙ୍କରେ । କାର୍ତ୍ତିକ ହେଉଛି ସପ୍ତମ ମାସ । ଦାମ ଶବ୍ଦର ଅର୍ଥ ହେଉଛି ବିଶ୍ୱ । ସମଗ୍ର ବିଶ୍ୱ ଯାହାଙ୍କ ଉଦରରେ ସେ ହିଁ ଦାମୋଦର । ଏ ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି । ଅକ୍ରୁର କଂସ ଆଜ୍ଞାରେ ଶ୍ରୀବଳରାମ ଓ ଶ୍ରୀକୃଷ୍ଣଙ୍କୁ ଗୋପପୁରରୁ ମଥୁରାକୁ ଆଣୁଥିବା ବାଟରେ ଯମୁନା କୂଳରେ ରଥ ରଖି ସ୍ନାନ କରନ୍ତେ ଜଳ ମଧ୍ୟରେ କୃଷ୍ଣଙ୍କୁ ରାଧାଙ୍କ ସହିତ ଦାମୋଦର ରୂପରେ ଦର୍ଶନ କଲେ । ତାପରେ ବାହାରେ ସେହି ସମାନ ରୂପ ଦେଖି ସେ ଚକିତ ହୋଇପଡ଼ିଲେ । ତେଣୁ କାର୍ତ୍ତିକ ମାସରେ ଜଳରେ ସ୍ନାନ କରିବା ବେଳେ ଏହି ରୂପକୁ ସ୍ମରଣ କରାଯାଇଥାଏ । ଏଇ କାର୍ତ୍ତିକରେ ପ୍ରଭୁ ଦାମୋଦର ବେଶ ହୋଇଥାନ୍ତି । ହବିଷ୍ୟାଳିମାନେ ଜପ କରିଥାନ୍ତି ରାଧା ଦାମୋଦରଙ୍କୁ । ତେଣୁ ଭକ୍ତି ଗୀତ ବି କୁହେ ସେ କଥା, 'ବୋଲ ରାଧାଦାମୋଦର ଜପ କରନ୍ତି କେବେ, ଚଉରା ମୂଳକୁ ସଜାନ୍ତି କେବେ, ଅରୁଆ ଅନ୍ନକୁ ସାରୁ ଓଉ ଡାଲି କଦଳୀ ପତ୍ରରେ ତାକୁ ଭୁଞ୍ଜନ୍ତି କେବେ । ଏହିପରି ମହାପୂଣ୍ୟ ଦେଉଥିବା କାର୍ତ୍ତିକ ବ୍ରତ ସଂକଳ୍ପ କରି ମାସ ସାରା କରାଯାଇଥାଏ । ବ୍ରତଧାରୀ ନିତ୍ୟ ପ୍ରତ୍ୟୁଷରେ ସ୍ନାନ କରି ତୁଳସୀ ଚଉରା ମୂଳରେ ରଙ୍ଗର ମୂରୁଜ ପକାଇ ଦାମୋଦର ପୂଜା କରିବା ସହିତ କାର୍ତ୍ତିକ ମାହାତ୍ମ୍ୟ ପାଠ କରି ହବିଷ କରିଥାନ୍ତି ।


**ବିପିନ ବିହାରୀ ରାଉତ**
ଶ୍ରୀବିହାର କଲୋନୀ, କଟକ,






# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୫ ନଭେମ୍ବର ୨୦୨୫ । ବୁଧବାର


## ସ୍କୁଲରେ ବୋଇତ ବନ୍ଦାଣ



**ଗୁଣପୁର: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଏକ ବୋଇତ ନିର୍ମାଣ କରାଯାଇଥିଲା । ଛାତ୍ରଛାତ୍ରୀମାନେ ସାଧବ ସାଧବାଣୀ ବେଶରେ ସଜ୍ଜିତ ହୋଇଆସିଥିଲେ । ସାଧବାଣୀମାନେ ବୋଇତ ବନ୍ଦାଣ କରି ଓ ଶୁଭ ନାରିକେଳ, ସିନ୍ଦୁର, ଚନ୍ଦନ ଲଗାଇ ସାଧବମାନଙ୍କୁ ବାଣିଜ୍ୟ ଯାତ୍ରା କରିବା ପାଇଁ ଶୁଭ ମନାସି ଥିଲେ । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୋଇତ ତିଆରି ପ୍ରତିଯୋଗିତା ହୋଇଥିଲା । ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ବୋଇତ ବନ୍ଦାଣ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ଛାତ୍ରଛାତ୍ରୀମାନଙ୍କୁ କହିଲେ ସାଧବମାନଙ୍କର ନୌବାଣିଜ୍ୟ ଦିନେ ଓଡ଼ିଶାକୁ ଏକ ସମୃଦ୍ଧିଶାଳୀ ରାଷ୍ଟ୍ରରେ ପରିଣତ କରିଥିଲା । ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଥିଲେ ପାଠପଢ଼ା ସହିତ ଆମ ସଂସ୍କୃତି ଓ ଐତିହ୍ୟ ବିଷୟରେ ଜାଣିଲେ ତୁମେ ଅନେକ ପ୍ରେରଣା ପାଇପାରିବ । ଆଜିର ବୋଇତ ବନ୍ଦାଣ ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଓ ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ବୋଇତ ବନ୍ଦାଣର ଅଭିନନ୍ଦନ ଜଣାଇଥିଲେ ।

## ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦ୍ରାପଡ଼ା: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ମୁନିସପାଲିଟି ଟାଉନ ହଲ ଠାରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୦୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୬ଟି ସାମୂହିକ ଏବଂ ୧୮୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୭ହଜାର ଏବଂ ରେଡ କ୍ରସରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗ୍ୟ ହିତାଧିକାରୀଙ୍କୁ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଆଜିର ଶିବିରରେ ମୁଖ୍ୟତଃ ସାମାଜିକ ସୁରକ୍ଷା ବିଭାଗ, ସାମାଜିକ କଲ୍ୟାଣ, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ଅବକାରୀ, ଯୋଗାଣ ବିଭାଗ, କ୍ରୀଡା, ସ୍ୱାସ୍ଥ୍ୟ ଆଦି ବିଭାଗର ବିଭିନ୍ନ ସମସ୍ୟା ଗୁଡିକର ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଗୁଡିକ ଶୁଣିଥିଲେ । ସମସ୍ତ ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋରଞ୍ଜନ ରାଉତ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନା ଯେ, ଆସନ୍ତା ସୋମବାର ରାଜକନିକା ବ୍ଲକ କାର୍ଯ୍ୟାଳୟ, ୧୭ ନଭେମ୍ବରରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ଏବଂ ୨୪ ନଭେମ୍ବରରେ ଆଳି ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦.୩୦ ଘଟିକାଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଯଦି କୌଣସି ବ୍ୟକ୍ତିଙ୍କ ଅଭିଯୋଗ ରହିଛି ତେବେ ଉକ୍ତଦିନ ଅଭିଯୋଗ ଶିବିରରେ ନିଜର ଅଭିଯୋଗ ଦାଖଲ କରିପାରିବେ ।

## ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତାଙ୍କୁ ଉଠାଇନେଲା ପୋଲିସ

**ମାର୍ଶାଘାଇ: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅନ୍ତେଇ ପଞ୍ଚାୟତ ପାଇଲୋ ଗ୍ରାମର ପ୍ରଫୁଲ୍ଲ ସାମନ୍ତରାୟ ଓ ତାଙ୍କ ପୁଅ ପ୍ରଭାତକୁ ରବିବାର ବିଳମ୍ବିତ ରାତିରେ ପୋଲିସ ଚଢାଉକରି ଘରୁ ଉଠାଇ ନେଇଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗ ଦିଘା ପୋଲିସ ପାଟକୁରା ପୋଲିସ ସହାୟତାରେ ଉଠାଇନେଇଥିବା ବଳେ ଅନଲାଇନ ଠକେଇରେ ସଂପୃକ୍ତ ଘଟଣାରେ ଦିଘା ଥାନା ମାମଲା ବୋଲି ପାଟକୁରା ଆଇଆଇସି ମହମ୍ମଦ ଜାମସେଦ୍ ସୂଚନା ଦେଇଛନ୍ତି । ପ୍ରଫୁଲ୍ଲ ଏକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଅଛନ୍ତି ।

## ଥାନାରେ ଅଙ୍ଗନୱାଡି କର୍ମୀ ସହାୟିକା କଳି

**ମାର୍ଶାଘାଇ: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ନୂଆଗାଁ ଅଙ୍ଗନୱାଡି କେନ୍ଦ୍ର କର୍ମୀ ଓ ସହାୟିକା କଳିକୁ ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି । କର୍ମୀ ଅନିତା ପାତ୍ର ସହାୟିକା ସୁକାନ୍ତି ବେହେରା ଠିକ ସମୟରେ ଆସୁନଥିବା ଅଭିଯୋଗ କରିବାରୁ ସୁକାନ୍ତିର ପୁଅ କେନ୍ଦ୍ରକୁ ଯାଇ ଗାଳି ଗୁଲଜ କରିବା ନେଇ ଅଭିଯୋଗ କରିଛନ୍ତି । ସୁକାନ୍ତିଙ୍କ ପୁଅ ବିପ୍ଳବ ତାଙ୍କ ପିଲାମାନଙ୍କୁ ଅଙ୍ଗନୱାଡି ଖାଦ୍ୟ ନଦେଇ ପୁରୁଣା ଫଟୋକୁ ଦେଖାଉଛନ୍ତି । କେନ୍ଦ୍ରକୁ ଯାଇ ପଚାରିବାରୁ ଅନିତା ପାତ୍ର ଗାଳି ଗୁଲଜ କରିବା ସହିତ ତାଙ୍କ ମା'ଙ୍କୁ ମଧ୍ୟ ଗାଳିଗୁଲଜ କରିବା ନେଇ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରରୁଥିବା ଜଣାପଡିଛି ।

## ଐତିହାସିକ ବାଲିଯାତ୍ରା ଲାଗି ସାହିତ୍ୟିକଙ୍କ ପୁସ୍ତକ ଦାନ

**ବାଙ୍କୀ: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ଲେଖକମାନଙ୍କ ଠାରୁ ପୁସ୍ତକ ସଂଗ୍ରହ କରି ମାଗଣାରେ ବାଲିଯାତ୍ରାରେ ବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାଳୟ କାର୍ଯ୍ୟାଳୟକୁ ଆସି କବି ସୁନୀଲ କୁମାର ମିଶ୍ର, ନରୋତ୍ତମ ବେହେରା, କବି ମନୋଜ କୁମାର ମହାପାତ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ପୁସ୍ତକ ସଂଗ୍ରହ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ପ୍ରଦାନ କରିଛନ୍ତି । ବିଶେଷ କରି ସୁନୀଲ ମିଶ୍ରଙ୍କ ଲିଖିତ ଗୋଆ ମୁକ୍ତି ଯୋଦ୍ଧା ପିରପ୍ରସାଦ, କବି ନରୋତ୍ତମ ବେହେରାଙ୍କ ଫୁଲଫୁଟିଅଛି ପିଲାଙ୍କ ପାଇଁ, କାମଦେବ ମହାପାତ୍ରଙ୍କ ଚିନ୍ତନ, ସାରଙ୍ଗଧର ରାୟଗୁରୁଙ୍କ ନୌବାଣିଜ୍ୟ ପୁସ୍ତକ ସହିତ ୫୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରଦାନ କରାଯାଇଛି ।

## କାର୍ତ୍ତିକ ମହୋତ୍ସବ ଉଦ୍‌ଘାଟିତ

**ବାଙ୍କୀ: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତସ୍ଥ ଯୋରକୂଳ ଗ୍ରାମରେ କାର୍ତ୍ତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା, ସମ୍ମାନିତ ଅତିଥି ଭାବେ କାଉନସିଲର ସନାତନ ବେହେରା, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦାନ କରି କାର୍ତ୍ତିକ ମହୋତ୍ସବର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ସମବାୟବିତ୍ ତଥା ପ୍ରେସକ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ମହୋତ୍ସବ ୪ବର୍ଷ ହେଲା ମହାସମାରୋହରେ ପାଳିତ ହେଉଛି ଓ ଏହା ୫ଦିନ ଧରି ଅନୁଷ୍ଠିତ ହେବ ବୋଲି ମାଟିଆ ଖଟୁଆ ପ୍ରକାଶ କରିଥିଲେ । ଶେଷରେ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ଗୀତାଜାଗରଣ ପରିଷଦ ଭାଗବତ କଥାମୃତର ଚତୁର୍ଥ ସନ୍ଧ୍ୟା

**ଯାଜପୁର: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ସପ୍ତଦିବସ ବ୍ୟାପି ଭାଗପତ କଥାମୃତ ପ୍ରବଚନର ୪ର୍ଥ ସନ୍ଧ୍ୟା ରବିବାର ବୈତରଣୀ ନଦୀର ଦଶାଶ୍ୱମେଧଘାଟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ । ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀଭାବେ କୂଳମଣି ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ରାଇ ଦାମୋଦର ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଉପସଭାପତି କ୍ଷୀରୋଦ ଚନ୍ଦ୍ରପାଠୀ ସ୍ତୋତ୍ର ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁନିକୁନି ପିଲାଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ସମ୍ମାନନୀୟ ଅତିଥିଭାବେ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ଗଦାଧର ରାଉତ, ପ୍ରବଚକ ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର ଏବଂ ବିଶିଷ୍ଟ ସମାଜସେବୀ ପଦ୍ମାକର ଗୁରୁ ଯୋଗଦେଇ ଶ୍ରୀକୃଷ୍ଣ ଓ ରାଧାଙ୍କ ଉପରେ ଚର୍ଚ୍ଚାକରି ହବିଶ୍ୟାଳୀମାନଙ୍କୁ ପ୍ରବଚନ ଶୁଣାଇଥିଲେ । ଏଥିସହିତ ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ଦୀର୍ଘ ବର୍ଷଧରି ହବିଶ୍ୟାଳୀମାନଙ୍କର ସେବା ଏବଂ ଜଗନ୍ନାଥ ମହାପ୍ରଭୁଙ୍କର ସେବା ଚାଲୁରହିବା ସହିତ ଆଗାମୀ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି । ଉକ୍ତ ସଭାରେ ପଣ୍ଡିତ ବିନୋଦ ବିହାରୀ ନାଏକ, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ସଂସ୍କୃତି ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ସହ-ସମ୍ପାଦିକା କାଞ୍ଚନବାଳା ତ୍ରିପାଠୀ, ଡ଼ ହରିଷ ପଣ୍ଡା, ସମାଜସେବୀ ବଳଭଦ୍ର ଦାସ, ଅଧିକାରୀ ନବକିଶୋର ଦାସ, ଶାନ୍ତନୁ ଧଳ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅନୁଶୂୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ଶତାଧିକ ହରବିଶ୍ୟାଳୀ ଉପସ୍ଥିତ ରହି ପ୍ରବଚନ ଶ୍ରବଣ କରିଥିଲେ ।

## କୋଠପଦାକୁ ଐତିହ୍ୟ ଗ୍ରାମ୍ୟ ମାନ୍ୟତା ଦାବି



**ମାହାଙ୍ଗା: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ନାଟ୍ୟ ତୀର୍ଥ ରଘୁନାଥଜୀଉ ମଠ କୋଠପଦାର ମହନ୍ତ ରଘୁନାଥ ପୁରୀ ଗୋସ୍ୱାମୀଙ୍କ ପ୍ରୟାସ ଆଜି ବି ସ୍ମରଣୀୟ । ଏହି ମଠ ବୈଷ୍ଣବ ପାଣିକୁ ଗୀତିନାଟ୍ୟ ଜଗତର ମୁକୁଟବିହୀନ ସମ୍ରାଟ ଭାବରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ସହାୟତା ପ୍ରଦାନ କରିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଗୀତି ନାଟ୍ୟକାର ବୈଷ୍ଣବ ପାଣିକୁ ଗଣକବିର ସମ୍ମାନ ପ୍ରଦାନ କରିବାରେ ସଂସ୍କୃତି ପ୍ରାଣ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲିଙ୍କ ଐକାନ୍ତିକ ଉଦ୍ୟମ ବେଶ ଅଭିନନ୍ଦନୀୟ । କୋଠପଦା ଗଣକବିଙ୍କ ପୁଣ୍ୟ ଜନ୍ମଭୂମି ଏହି ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଦାବିରେ ଯୁବନେତା ମହାନ ମାହାଙ୍ଗାର ଅଧ୍ୟକ୍ଷ ସେକ ମସୁଦ ଅଲିଙ୍କ ନେତୃତ୍ୱରେ ମାହାଙ୍ଗାର କୋଠପଦା ଠାରେ ଆଜି ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଦୀପକ କୁମାର ମହାନ୍ତି, ପଣ୍ଡିତ ପ୍ରଭାତ କର, ଶିକ୍ଷାବିତ ଅଲେଖ ପ୍ରସାଦ ଦାସ, ସଂଗ୍ରାମ ସାମଲ, ସୌକତ ଅଲି, ସୁକାନ୍ତ ନନ୍ଦ, ମାନସ ଦାସ, ନଳିନୀକାନ୍ତ ନାୟକ, ସେକ କଲ୍ଲିମୁଲ୍ଲା ଆଜାଦ, କୁଶାସନ ମଲିକ, ରବି ନାରାୟଣ ସାହୁ, ସେକ ଜାବୀର, ସେକ ଆରଜୁ ଅଲି, ଅରୁଣ ନାଥ, ରାଜିକିଶୋର ସାହୁ, ଜିତେନ୍ଦ୍ର ସାହୁ, ଦୀପକ ନାୟକ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ । ଓଡିଶାର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସଂସ୍କୃତି ସଚିବଙ୍କ ନିକଟରେ ଦୃଢ ଦାବି କରିଛନ୍ତି । ଏହି ଅଭିଯାନର ନେତୃତ୍ୱ ନେଉଥିବା ମହାନ ମାହାଙ୍ଗା ଅଧ୍ୟକ୍ଷ ସେକ ମସୁଦ ଅଲିଙ୍କୁ କୋଠପଦା ଗ୍ରାମର ବୁଦ୍ଧିଜିବୀ, ମହିଳା, ଛାତ୍ର ଓ ଯୁବକମାନେ ଏଥିରେ ସାମିଲ ହୋଇ ଏହି ଅଭିଯାନର ଦୃଢ ପ୍ରଶଂସା କରିଥିଲେ ।

## ଖଲ୍ଲିକୋଟ ଶୈବପୀଠମାନଙ୍କରେ ଭିଡ

**ଖଲ୍ଲିକୋଟ: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଅଞ୍ଚଳରେ ପ୍ରାୟ ୫୦ରୁ ଅଧିକ ଶିବ ମନ୍ଦିର ଶିବଙ୍କର ବିଭିନ୍ନ ନାମରେ ରହିଅଛି । କାର୍ତ୍ତିକ ମାସ ଏକ ଧର୍ମ ମାସ । ଏହି ମାସରେ ଗଞ୍ଜାମର ପ୍ରତିଗ୍ରାମମାନଙ୍କରେ ଭକ୍ତମାନେ ମାସଟି ସାରା ହବିଷ ଅର୍ଣ୍ଣ ଏକବୋଳା ଖାଇ ମନ୍ଦିରମାନଙ୍କରେ ରୁହନ୍ତି । କାର୍ତ୍ତିକ ମାସ ଶେଷ ପାଞ୍ଚଦିନ ପ୍ରାୟ ପିଲାଠୁ ବଡ଼ ପର୍ଯ୍ୟନ୍ତ ପଞ୍ଚୁକ ହବିଷ କରନ୍ତି । ଏହି ମାସର ପ୍ରତି ସୋମବାରଦିନ ସବୁ ଶିବ ମନ୍ଦିର ଗହଳି ହୁଏ । କାର୍ତ୍ତିକ ମାସର ଶେଷ ସୋମବାର ପ୍ରାୟ ସବୁ ସବୁ ଶିବମନ୍ଦିର ଭକ୍ତଙ୍କ ପ୍ରବଳ ଭିଡ ହୁଏ । ଖଲ୍ଲିକୋଟ ଉପକଣ୍ଠରେ ଦୁଇଟି ଶିବମନ୍ଦିର, ବରାଳ ବାଲୁଙ୍କେଶ୍ୱର ଓ ଅମରେଶ୍ୱର ରହିଅଛନ୍ତି । ଏହି ଶୈବ ପୀଠ ଦୁଇଟିରେ ଦାତାମାନେ ଗାଁ ଗାଁରୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନଙ୍କୁ ଅର୍ଣ୍ଣ, ଡାଲମା, ଖିରି, ଖଟା ରୋଷେଇ କରି ପ୍ରାୟ ୫ହଜାରରୁ ଅଧିକ ଭକ୍ତଙ୍କୁ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ହୋଇଥିଲା । ହଜାର ହଜାର ଭକ୍ତ ଦର୍ଶନ ଓ ପ୍ରସାଦ ସେବନ କରି ମହାଆନନ୍ଦରେ ଫେରନ୍ତି । ଖଲ୍ଲିକୋଟ ବ୍ଲକର ଚାରିପଟେ ସାଇବପୀଠ, ଦକ୍ଷିଣ ଦିଗରେ ଝଡେଶ୍ୱର, ଦକ୍ଷିଣ ପୂର୍ବ କୋଣ ସବୁଳିଆରେ ବିଖ୍ୟାତ ଦକ୍ଷିଣେଶ୍ୱର, ପୂର୍ବ ଦିଗ କେଶପୁରରେ ଗୁପ୍ତେଶ୍ୱର, ଉତ୍ତର ଦିଗ ବିକ୍ରମପୁରରେ ସଙ୍କଳେଶ୍ୱର, ପଶ୍ଚିମ ଦିଗ କଞ୍ଚଣାରେ କପିଳେଶ୍ୱର ଖ୍ୟାତି ସମ୍ପର୍ଣ୍ଣ ଶୈବ ପୀଠ ଅବସ୍ଥିତ । ଏହି ଆଞ୍ଚଳର ସବୁ ଶୈବପୀଠରେ ଯାନୀ ଜାତ୍ରା ଓ ସଂକୀର୍ତ୍ତନ ଆଜି ଲାଗି ରହିଅଛି । ଏହି ଆଞ୍ଚଳର ଉତ୍ତର ଦିଗ ଜାତୀୟ ରାଜପଥ- ୧୬ଲାଗି ଲଙ୍ଗଳେଶ୍ୱର ଶିବ ମନ୍ଦିରରେ ମାସସାରା ଦର୍ଶନ ଭିଡ ଲାଗି ରହିଛି । ସେଠାକୁ ଦର୍ଶନ ପାଇଁ ଯାଉଥିବା ଭକ୍ତମାନଙ୍କ ପାଇଁ କାର୍ତ୍ତିକ ମାସସାରା ସଂକୀର୍ତ୍ତନ ଚାଲିଛି ଓ ପ୍ରସାଦ ସେବନର ବ୍ୟବସ୍ଥା ହୋଇଅଛି । ସେହି ଏରିଆର ମାନ୍ୟଗଣ ବ୍ୟକ୍ତିମାନେ ଦାତା ଭାବରେ ଜଣେ ଜଣେ ଦିନେ ଦୁଇଦିନର ବ୍ୟବସ୍ଥା କରନ୍ତି । ଯାହାକି ଦିନକୁ ୨ହଜାରରୁ ଅଧିକ ଭକ୍ତ ପ୍ରସାଦ ସେବନ କରନ୍ତି । ପାଖ ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକର ଭକ୍ତମାନେ ମଧ ପ୍ରତିଦିନ ଆସି ଦର୍ଶନ ଓ ସେବନ କରି ଯାଆନ୍ତି ।

## ସମୂହ ଦୌଡକୁଦ ଓ ଯୋଗାସନ ପ୍ରତିଯୋଗିତା

**ବ୍ରହ୍ମପୁର: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ଛତ୍ରପୁର ସ୍ଥିତ ଅନସ୍ଲୋ ହାଇସ୍କୁଲ୍ ଖେଳ ପଡ଼ିଆରେ ୬୯ତମ ଜିଲ୍ଲା ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଯୋଗାସନ ପ୍ରତିଯୋଗିତା- ୨୦୨୫ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଭାତୀ ପରିଡା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ କ୍ରୀଡ଼ା ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବରେ ଛତ୍ରପୁର ସବଡ଼ିଭିଜନ କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ପ୍ରଫୁଲ କୁମାର ପଟ୍ଟନାୟକ, ଅନସ୍ଲୋହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ଛତ୍ରପୁର ବ୍ଲକ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଓ ଭୀଷ୍ମ ଗିରି ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମହରି ନାୟକ ଯୋଗଦେଇଥିଲେ । ୧୭ ଓ ୧୪ ବର୍ଷରୁ କମ୍ ବାଳକ ତଥା ବାଳିକା ବର୍ଗର ୮ରୁ ଅଧିକ ପ୍ରତିଯୋଗୀମାନେ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ, ଏହା ସହିତ ଯୋଗାସନ ମଧ କରିଥିଲେ । ଯେଉଁ କ୍ରୀଡ଼ାବିତମାନେ ଜିଲ୍ଲାସ୍ତରରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରିବେ ସେହି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ । ଜିଲ୍ଲାର ୨ ଶହରୁ ଅଧିକ କ୍ରୀଡା ଶିକ୍ଷକମାନେ ପରିଚାଳନାରେ ସହଯୋଗ କରୁଛନ୍ତି ।

## ଭବ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ପରିକ୍ରମା ରଥ

**ବଲାଙ୍ଗିର: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବଲାଙ୍ଗିର ସୁଦପଡା ଠାରେ ଥିବା ହନୁମାନ ମନ୍ଦିର ନୂତନ ଭାବେ ରାମଲାଲା ମନ୍ଦିର ପ୍ରତିଷ୍ଠା ପାଇଁ ପରିକ୍ରମା ରଥ ଶୁଭ ଉଦ୍‌ଘାଟନ କରାଯାଇଛି । ରାମଲାଲା ହନୁମାନଜୀ ମନ୍ଦିର ପ୍ରତିଷ୍ଠା କମିଟି ମଙ୍ଗଳବାର ପୂଜାର୍ଚ୍ଚନା କରି ବିଭିନ୍ନ ୱାର୍ଡ ଓ ସହର ପରିକ୍ରମା ରଥକୁ ଉଦ୍‌ଘାଟନ କରାଯାଇଥିଲା । ଆଗାମୀ ୧୭ ତାରିଖ ଦିନ ଠାରୁ ଶ୍ରୀରାମଲାଲା ଓ ଅନୁମାନଜୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ପରମପୂଜ୍ୟ ମହନ୍ତ ଶ୍ରୀଚିନ୍ମୟ ଦାଶ ମହାରାଜ (ବୃନ୍ଦାବନ) ତତ୍ତ୍ୱାବଧାନରେ ପ୍ରତିଷ୍ଠା ଅନୁଷ୍ଠିତ ହେବ । ୧୨ ତାରିଖ ଠାରୁ କଳସ ଶୋଭାଯାତ୍ର, ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ, ୧୩ ତାରିଖ ସକାଳୁ ଯଜ୍ଞ କର୍ମ ଓ ରତ୍ନମୁଦକ ପୂଜାରମ୍ଭ, ୧୪ରେ ଯଜ୍ଞ ଆରମ୍ଭ ଓ ୧୫ରେ ଶ୍ରୀ ରାମଲାଲାଙ୍କ ମହାସ୍ନାନ ଓ ନଗର ଭ୍ରମଣ ଓ ନାମଯଜ୍ଞ ଆରମ୍ଭ, ୧୬ରେ ବିଗ୍ରହ ପ୍ରତିଷ୍ଠା ଓ ଜୀବନ୍ନ୍ୟାସ, ସିଂହାସନ ପ୍ରତିଷ୍ଠା, ୧୭ରେ ଶ୍ରୀ ରାମଲାଲାଙ୍କ ସିଂହାସନ ଆରୋହନ ଓ ସମସ୍ତ ସମସ୍ତ ବିଗ୍ରହ ସ୍ଥାପନ ଏବଂ ନଗର ପରିକ୍ରମା । ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ସୂଚନା ପ୍ରଦାନ କରିଛି । ଯାଜ୍ଞ ଆଚାର୍ଯ୍ୟ ଗୋକୁଳାନନ୍ଦ ମିଶ୍ର ଓ ମନ୍ଦିର ପୂଜକ ନବୀନ ଚନ୍ଦ୍ର ହୋତା ଓ ଶ୍ରୀରାମଲାଲାଜୀ ପ୍ରତିଷ୍ଠା କମିଟି ସୁଦପଡା ସୂଚନା ପ୍ରଦାନ କରିଛନ୍ତି ।

## କୁଆଁପାଳରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ




**ମାହାଙ୍ଗା: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ବଜାର ଷ୍ଟାର ଆଣ୍ଡ ଷ୍ଟାର ଇଲେଭେନ ଷ୍ଟାର ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପନ ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମହାରାଜ ମେଲୋଡି ପକ୍ଷରୁ ନାଚ ଓ ସଂଗୀତ ପରିବେଷଣ ହୋଇଥିଲା । ଏହି ଅବସରରେ କୁଆଁପାଳ ବଜାର ଯାତ୍ରା ପଡିଆ ଠାରେ ଅନୁଷ୍ଠିତ ଏହି ମେଲୋଡି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଦର୍ଶକମାନେ ଉପସ୍ଥିତ ରହି ସଂଗୀତ ଓ ନୃତ୍ୟର ତାଳେ ତାଳେ ନାଚି ମସଗୁଲ ହୋଇଥିଲେ । ଏପରିକି ସ୍ଥାନୀୟ ଅଂଚଳର କୁନି କୁନି ପିଲାମାନେ ମେଲୋଡି ଷ୍ଟେଜ ଉପରକୁ ଯାଇ ସଂଗୀତର ତାଳେ ତାଳେ ନାଚିବା ଦୃଶ୍ୟ ଉପସ୍ଥିତ ଦର୍ଶକମାନଙ୍କର କେନ୍ଦ୍ରବିନ୍ଦୁ ପାଲଟି ଥିଲା । ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ଆଲୋକ ବାରିକ, ଗିରିଜା ବଲ୍ଲଭ ସାହୁ, ଧନେଶ୍ୱର ସ୍ୱାଇଁ, ଦୀପକ ପରିଡା, ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ୍ତ ଦାସ, ଦିବ୍ୟ ରଞ୍ଜନ ଦାସ, ଅଶୋକ ଦାସ, ବିକ୍ରମ ମହାନ୍ତି, ବିଶ୍ୱଜିତ ବଳ, ସିତୁ ପରିଡା, ଗୁଡୁଲା ନାୟକ, ପିକୁ ପରିଡା, ସିପୁନ ବାରିକ, ଲୋକନାଥ ବଳ, ଦୀନବନ୍ଧୁ ସ୍ୱାଇଁ, ବୁବୁନ ବାରିକ, ଭରତ ଦାସ, ଧନେଶ୍ୱର ବେହେରା, ଅମି ଦାସ, ଶିଶିର ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବଡ଼ ଓଷା ପାଇଁ ଚଳଚଞ୍ଚଳ ଧବଳେଶ୍ୱର ପୀଠ

**ସାକ୍ଷୀଗୋପାଳ: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଦ୍ୟ ଶାସନ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀର ରାମଚନ୍ଦ୍ରପୁର ଶାସନ ଗ୍ରାମରେ, ଧବଳେଶ୍ୱର ଦେବଙ୍କ ପୀଠରେ ବଡ ଓଷା ପାଳିତ ହୋଇଯାଇଛି । ବଡ଼ ଓଷା ଉପଲକ୍ଷେ ବାବାଙ୍କ ପୀଠରେ ହଜାର ହଜାର ଭକ୍ତଙ୍କର ଜନ ସମାଗମ ହୋଇଥିଲା । ପ୍ରାତଃ ସମୟରୁ ବାବା ଧବଳେଶ୍ୱରଙ୍କର ବଡ ଓଷା ନୀତିକାନ୍ତି ଯଥା ଦ୍ୱାର ଫିଟା, ୧୦୮ କଳସୀ ସୁବାଷିତ ଜଳରେ ଅଭିଷେକ, ଖେଚୁଡ଼ି ଭୋଗ ଆଦି ରୀତିନୀତି ଅନୁଷ୍ଠିତ ହୋଇଥିଲା । ଏହା ପରେ ବାବା ଭକ୍ତମାନଙ୍କୁ ବଡସିଂହାର ବେଶରେ ଦର୍ଶନ ଦେଇଥିଲେ । ଏହି ଅବସରରେ ଧବଳେଶ୍ୱରଙ୍କ ପୀଠରେ ଗଜ ଭୋଗ ପ୍ରସ୍ତୁତ କରାଯାଇ ବାବାଙ୍କୁ ଅର୍ପଣ ମଧ୍ୟ କରାଯାଇଥିଲା । ଏଥିସହିତ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶାନ୍ତି ଓ ଶୃଙ୍ଖଳା ସହ ଦର୍ଶନ କରିପାରିବେ ସେଥିପାଇଁ ବୀରରାମଚନ୍ଦ୍ରପୁର ଧବଳେଶ୍ୱର କମିଟି, ସତ୍ୟବାଦୀ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟୁଷରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ଲମ୍ବା ଧାଡିରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ । ମନ୍ଦିରକୁ ରଙ୍ଗ ବେରଙ୍ଗ ଫୁଲ ଓ ସୁନ୍ଦର ଆଲୋକରେ ସଜ୍ଜିତ କରାଯାଇଥିଲା ।

## ମା'ଲକ୍ଷ୍ମୀ କ୍ଲବର କର୍ମକର୍ତ୍ତା ନିର୍ବାଚନ



**ଅସ୍ତରଙ୍ଗ: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗର ବହୁ ପୁରାତନ ମାଆ ଲକ୍ଷ୍ମୀ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ସୋମବାର ସନ୍ଧ୍ୟାରେ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କ୍ଲବ ନିୟମ ଅନୁସାରେ ପ୍ରତି ଦୁଇ ବର୍ଷରେ ନୂତନ କର୍ମକର୍ତ୍ତା ଚୟନ ହେବାପାଇଁ ନିୟମ ଥିବାରୁ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ପୂର୍ବତନ ସଭାପତି, ସମ୍ପାଦକ, ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡା, ଜଗବନ୍ଧୁ ବେଉରା, ପ୍ରଫୁଲ ମୁରୁଣୀ, ରାମ କାଣ୍ଡି, ପ୍ରଶାନ୍ତ ଭୋଳ, ନିରଞ୍ଜନ ଦାସ, ଚିତ୍ରସେନ ପ୍ରଧାନ, ବାବୁସ୍ୱାଇଁ ଏବଂ ଅନ୍ୟମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ନୂତନ କର୍ମକର୍ତ୍ତାଭାବେ ସଭାପତି ହରିହର ମହାନ୍ତି ଉପ ସଭାପତି ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଚିତ୍ରସେନ ପ୍ରଧାନ, ସମ୍ପାଦକ ଦିଲ୍ଲିପ କୁମାର ଦାସ, ଶହ ସମ୍ପାଦକ ସମୀର କୁମାର କର, ସାଂସ୍କୃତିକ ସମ୍ପାଦକ ଭାବେ ଦେବାଶିଷ ବାରିକ, କୋଷାଧକ୍ଷ କରୁଣାକର ମହାନ୍ତି, ସର୍ବସମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ ପ୍ରତାପ ବିଶ୍ୱାଳ, ସଂଜୟ ପ୍ରଧାନ, ପବିତ୍ର ସ୍ୱାଇଁ, ଦିପକ ଦାସ, ରମାରଞ୍ଜନ ମହାନ୍ତି, ପ୍ରମୋଦ ପଢିଆରି, ସରୋଜ ପ୍ରଧାନ, ଅବୁଲା, ପଡିଆ, ସୋନୁ, ମାନସ, ରାଜା, ଭଗିଆ, ସୁରେସଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଉଦଯାପିତ

**ଆଳି: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଆଳି ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ବିଦ୍ୟାଳୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛୋଟ ଛୋଟ ପିଲାମାନଙ୍କ ଲୁକାୟିତ ପ୍ରତିଭାର ବିକାଶ ହୋଇଥାଏ ବୋଲି ଆଳି ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରକାଶ କରିଛନ୍ତି । ସୋମବାର ଆଳି ନିଆଳ ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଦିବାସୀୟ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ସଂଜୀବ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଅତୁଳ ବଳ, ସମ୍ମାନିତ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ଜ୍ୟୋତି ପୁଷ୍ପା ମହାନ୍ତି, କବି ତଥା ଶିକ୍ଷାବିତ ପ୍ରମୋଦ ମଲ୍ଲିକ, ନିଆଳ ସରପଞ୍ଚ ଅଶୋକ ମଲ୍ଲିକ ଓ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରତାପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରଥିଲେ ଆଳି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ଓ ଧନ୍ୟବାଦ ଦେଇଥିଲେ । ସାଇପ୍ରିୟା ତ୍ରିପାଠୀୟବ୍ଲକର ୧୭ଟି କ୍ଲଷ୍ଟରରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, ସୃଜନଶୀଳ ଲେଖା, ପ୍ରବନ୍ଧ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବନମାଳୀ ସେନାପତି, ସମ୍ମାନିତ ଅତିଥି ଭାବେ ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରେଜ ଲେଙ୍କା, ନେତାଲ ପ୍ରଧାନଶିକ୍ଷକ ଦେବରାଜ ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଲୁକାୟିତ ପ୍ରତିଭାର ସଠିକ ପରିପ୍ରକାଶ କିପରି ଭାବରେ ହୋଇଛି ତାହା ଆଜିର ପିଲାମାନଙ୍କ ବିଭିନ୍ନ କାଯ୍ୟକ୍ରମରୁ ସ୍ପଷ୍ଟ ଭାବରେ ଜଣା ପଡିଯାଉଛି ବୋଲି ପ୍ରକାଶ କରିଥିଲେ । ଆଜିର ପ୍ରତିଯୋଗିତା ପୂର୍ଣ୍ଣ ଦୁନିଆରେ କେବଳ ପାଠପଢା ନୁହେଁ । ସମସ୍ତ ସହ ଶୈକ୍ଷିକ ବିଷୟ ପ୍ରତି ମଧ ଶିକ୍ଷକ ଓ ଅଭିଭାବକମାନେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ହରିଶଙ୍କର ତରେଇ ସଂଯୋଜନା କରିଥିଲେ । ଶେଷରେ ଅତିଥିମାନେ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ରାହାସ ବିହାରୀ ମିଶ୍ର ଅତିଥି ପରିଚୟ ଓ ସିଆରସିସି ଦେବଦତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଦ୍ୱିକା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**କୁଚିଣ୍ଡା: ୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁ ବିକାଶ ପ୍ରକଳ୍ପ ତରଫରୁ ମିଶନ୍ ଶକ୍ତି ଭବନ କୁଚିଣ୍ଡା ଠାରେ ଅଦ୍ୱିକା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲ୍ଲାପାଳ ସରବନନ ମୁଖ୍ୟଅତିଥି ଭାବରେ ଯୋଗଦେଇ ନିଜର ପ୍ରତିଭାକୁ ପ୍ରତିପାଦନ କରିବା ପାଇଁ ଉତ୍ସାହିତ କରିଥିଲେ । ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ ସାହୁ ସମାଜ ପରିବର୍ତ୍ତନରେ ଶିଶୁମାନଙ୍କର ଭୂମିକା ସମ୍ପର୍କରେ ମତ ରଖିଥିଲେ । ବ୍ଲକର ସମସ୍ତ ଗ୍ରାମର କିଶୋରୀ ବାଳିକା ଓ ବାଳକମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ପ୍ରୋଗ୍ରାମ ଅଫିସର ପୂର୍ଣ୍ଣିମା ତ୍ରିପାଠୀ, ଏଡଏଟ ଏକସନ ସୁନୀତା ତ୍ରିପାଠୀ ଏବଂ ହବ୍ ଷ୍ଟାଫ୍ ସମ୍ମାନିତ ଯୋଗଦେଇଥିଲେ । ସୁନୀତା ପୁରୋହିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ୱାଗତ ଜଣାଇଥିଲେ ଓ ଉଦଘାଟନୀ ଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ପୋଷଣ ଓ ଶିଶୁ ଅଧିକାର ଚାମ୍ପିଅନ ବଛା ଯାଇଥିଲା । ବାଳକ ବାଳିକାମାନଙ୍କ ମଧ୍ୟରେ ନାଚ, ଚିତ୍ରାଙ୍କନ, କାଳ୍ପନିକ କାହାଣୀ, ବ୍ୟବସାୟ ମତାମତର ପ୍ରତିଯୋଗିତାର ଆୟୋଜନ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଯମୁନା ବାଘ ସମସ୍ତଙ୍କୁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



## AFFIDAVIT

By virtue of an affidavit sworn before the Executive Magistrate, Kanika, Affidavit no-6338, dtd-04/11/2025. I, Lily Rout, aged 54 yrs, W/O Basista Rout of village-Routabarttani, P.0- Ayatan, P.S Rajkanika, Dist Kendrapara. According to my voter ID card, my Bank Pass Book in Bank of India, Ayatan branch bearing A/C No. 510810110001944 my name has been recorded as Bidulata Rout. In my Adhaar card No. 2206 4569 8648 my name has been recorded as Lily Rout. I want to record my name as Lily Rout, W/O Basista Rout in place of Bidulata Rout W/O Basista Rout in my above mentioned Bank Pass Book for which purpose I make this declaration.

Sd/-
Lily Rout

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 5th November, 2025 Wednesday | RNI Regd. No. ODIODI/2009/28880

## ପୁଅ ପାଇଁ ଉପହାର

ମାଟ୍ରିକ ପରୀକ୍ଷା ଦେଇଥିବା ପୁଅକୁ ପାଖକୁ ଡାକି ବାପା କହିଲେ- ଶୁଣ, ମୁଁ ତତେ ଗୋଟେ ଉପହାର ଦେବାକୁ ଚାହୁଁଛି।

ପୁଅ ଆଶ୍ଚର୍ଯ୍ୟ ହୋଇ ପଚାରିଲା- ବାପା, ମୋର ମାଟ୍ରିକ ପରୀକ୍ଷା ଫଳ ବାହାରିନି, ତମେ ଉପହାର ଦେବ କୋଉ ଖୁସିରେ ? ଯଦି ମୁଁ ଫେଲ୍ ହୋଇଯାଏ ?

ବାପା କହିଲେ- ତୁ ଫେଲ ହ କି ପାସ୍ ହ, ମୁଁ ତୋ ପାଇଁ ଗୋଟେ ବାଇକ୍ କିଣିଦେବି। ଯଦି ମାଟ୍ରିକ ପରୀକ୍ଷାରେ ପାସ୍ କଲୁ ତେବେ ବାଇକ୍‌ରେ କଲେଜ୍ ଯିବୁ। ଆଉ ଯଦି ଫେଲ୍ ହୋଇଯାଉ, ତା'ହେଲେ ସେଇଥିରେ ଘରଘର ବୁଲି କ୍ଷୀର ବିକିବୁ।

ହେଲ୍‌ଥ



ଟନିକ୍

# ପାରାଦୀପ ହେବ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍: ମୁଖ୍ୟମନ୍ତ୍ରୀ

**ପାରାଦୀପ,୪।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆରମ୍ଭ ହେଲା କଳିଙ୍ଗ ବାଲିଯାତ୍ରା ୨୦୨୫। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପାରାଦୀପର ଐତିହାସିକ କଳିଙ୍ଗ ବାଲିଯାତ୍ରାର ଉଦଘାଟନ କରିଛନ୍ତି। ନୌବାଣିଜ୍ୟ ପରମ୍ପରାର ଐତିହ୍ୟ ବହନ କରୁଥିବା ପାରାଦୀପ କଳିଙ୍ଗ ବାଲିଯାତ୍ରାରେ ଚଳିତ ବର୍ଷ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଥିବାବେଳେ ପ୍ରାୟ ୪୦୦ ଉଠା ଦୋକାନୀ ରହିଛନ୍ତି।

ଓରମାସ ତରଫରୁ ଜିଲ୍ଲା ତଥା ଜିଲ୍ଲା ବାହାର ଓ ରାଜ୍ୟ ବାହାରର ମହିଳା ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ଚଳିତ ବର୍ଷ ୭ ଦିନ ଧରି ଚାଲିବାକୁ ଥିବା ଏହି ବାଲିଯାତ୍ରାରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିଭଳି ବୁଧବାର ସକାଳେ ମଧ୍ୟ ମୁଖ୍ୟମନ୍ତ୍ରୀ ପାରାଦୀପ ବନ୍ଦର ପକ୍ଷରୁ ବନ୍ଦର ପୋତାଶ୍ରୟରେ ଆୟୋଜିତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଯୋଗଦେଇ ସୁସଜ୍ଜିତ ବୋଇତକୁ ପତକା ଦେଖାଇ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

କଳିଙ୍ଗ ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବରେ ଆଜି ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, କଳିଙ୍ଗ ବାଲିଯାତ୍ରା ହେଉଛି ଓଡ଼ିଆ ସାଧବ ପୁଅଙ୍କ ସାହସର ପ୍ରତୀକ ଆଉ ସେଥିପାଇଁ ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ପାଲଟିଛି ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତିର



ଦ୍ୱାରଦେଶ। ଓଡ଼ିଶାକୁ ପାରାଦୀପ ମାଧ୍ୟମରେ କିଭଳି ସମୃଦ୍ଧ କରାଯିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ପାରାଦୀପକୁ ଗ୍ରୀନ ହାଇଡ୍ରୋଜେନ ହବ ହେବ ବୋଲି ଘୋଷଣା କରିଥିଲେ। ଏହା ସହିତ ସେ କହିଥିଲେ ଯେ ପାରାଦୀପକୁ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀ କରିବା ପାଇଁ ମଙ୍ଗଳା ନଦୀ ରେ କ୍ରୁଜ ଟର୍ମିନାଲ ନିର୍ମାଣ ହେବ ଏବଂ ରାଜ୍ୟ ସରକାର ଏଥିପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି। ପାରାଦୀପ ସହରରେ ଖୁବଶୀଘ୍ର ଏୟାର ପୋର୍ଟ ହେବ ଏବଂ ଏବେ ପାରାଦୀପ କେବଳ ଜଳପଥ ଓ ସ୍ଥଳ ପଥ ନୁହେଁ ବରଂ ଆକାଶପଥ ସହିତ ମଧ୍ୟ ସଂଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାଲିଯାତ୍ରା ହେଉଛି ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଗୌରବୋଜ୍ଜ୍ୱଳ ଉତ୍ସବ। ଏହା ଆମକୁ ମନେପକାଏ ଯେ - ଆମ ପୂର୍ବଜମାନେ ସମୁଦ୍ରର ଉଚ୍ଚ ତରଙ୍ଗକୁ ଜୟ କରି, ଜାହାଜ ନେଇ ସୁବର୍ଣ୍ଣ ଦ୍ୱୀପ ଓ ବିଭିନ୍ନ ଦେଶ ସହିତ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ। ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ପାଲଟିଛି ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତିର ଦ୍ୱାରଦେଶ। ଏଠାରୁ ଆରମ୍ଭ ହେଉଛି ଆମ ରାଜ୍ୟର ଉନ୍ନତି ଓ ବିକାଶର ନୂତନ ଅଧ୍ୟାୟ। ପାରାଦୀପ ବନ୍ଦର ଆଜି ଭାରତର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବନ୍ଦର, ଯାହା ଆଜି ଶିଳ୍ପ, ବାଣିଜ୍ୟ ଓ ରୋଜଗାରର ଏକ କେନ୍ଦ୍ରବିନ୍ଦୁ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ୭ରେ ଛାତ୍ରଛାତ୍ରୀ ଗାଇବେ ବନ୍ଦେ ମାତରମ

**ଭୁବନେଶ୍ୱର,୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୭ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ 'ବନ୍ଦେ ମାତରମ୍' ଗାଇବେ। ଏନେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିଛି। 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏଭଳି ନିଷ୍ପତ୍ତି ନିଆଯାଇଛି। ଆମର ଜାତୀୟ ଗୀତି ଭାବେ ସ୍ୱୀକୃତ 'ବନ୍ଦେ ମାତରମ୍' ଗୀତଟିର ରଚୟିତା ହେଉଛନ୍ତି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ। ଏହି ଗୀତଟି ତାଙ୍କ ଲିଖିତ 'ଆନନ୍ଦ ମଠ' ପୁସ୍ତକରେ ସଂଯୋଜିତ ଥିଲା। ଏହି ପ୍ରସିଦ୍ଧ ଗୀତଟି ୧୮୭୫ ମସିହା ସେପ୍ଟେମ୍ବର ୭ ତାରିଖରେ ଲେଖା ଯାଇଥିଲା। ୧୮୮୨ ମସିହାରେ ଗୀତଟି ପ୍ରକାଶ ପାଇଥିଲା। ୧୯୫୦ ମସିହା ଜାନୁଆରି ୨୪ ତାରିଖରେ ଗୀତଟିକୁ ଜାତୀୟ ଗୀତି ଭାବେ ଚୟନ କରାଯାଇଥିଲା।

## ନବୀନ କୁହନ୍ତୁ ବେଇମାନ୍ କିଏ: ଅନୀଲ

**ଭୁବନେଶ୍ୱର,୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସୋସିଆଲ ମିଡିଆରେ ନବୀନ ପଟ୍ଟନାୟକଙ୍କୁ କାଉଣ୍ଟର କରିଛନ୍ତି ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ। ସେ କହିଛନ୍ତି ଆପଣଙ୍କୁ ଲୋକେ ୨୪ ବର୍ଷ ନିରଙ୍କୁଶ କ୍ଷମତା ପ୍ରଦାନ କରିଛନ୍ତି। ଏହାର ପ୍ରତିବଦଳରେ ଲୋକେ ପାଇଲେ କଣ ? ଗୋଟିଏ ଶୀତଳ ଭଣ୍ଡାର କି ମହାନଦୀରେ ଗୋଟିଏ ବନ୍ଧ କରିପାରିଲେନି। ଆପଣଙ୍କୁ ଯେଉଁମାନେ ରାଜନୀତିକୁ ଆଣିଥିଲେ ଆପଣ କଣ କଲେ ? ଦିଲୀପ ରାୟ, ବୈଜୟନ୍ତ ପଣ୍ଡା, ବିଜୟ ମହାପାତ୍ରଙ୍କ ପ୍ରତି କଣ କଲେ ବୋଲି ଅନୀଲ ପ୍ରଶ୍ନ କରିଛନ୍ତି। ଆପଣ ଯାହା କରିଥିଲେ, ତାହାକୁ ବେଇମାନ କୁହାଯିବ ନା କୁହାଯିବ ନାହିଁ ବୋଲି ସେ କହିଛନ୍ତି।

# ସରକାରୀ ଚାକିରିରେ ଆଉଟସୋର୍ସିଂ ଉଚ୍ଛେଦ କର

**ଭୁବନେଶ୍ୱର,୪।୧୧: ତଥ୍ୟ**

ସରକାରୀ ଚାକିରି କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ କରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବାଲାଗି ଆଉଟସୋର୍ସିଂ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ ସହିତ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ବେସରକାରୀ ସଂସ୍ଥାମାନଙ୍କୁ ଦୂରେଇ ରଖିବାପାଇଁ ବୁଦ୍ଧିଜୀବୀମାନେ ମତପ୍ରକାଶ କରୁଛନ୍ତି।

ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ, ଥାନାରୁ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ଦପ୍ତରଗୁଡିକରେ ଏକ ତୃତୀୟାଂଶରୁ ଅଧିକ ପଦ ପଦବୀ ବିଭିନ୍ନ ପାହ୍ୟାରେ ଖାଲି ପଡିଛି। ଗୋଟିଏ ପଟେ ବେକାରୀ ସମସ୍ୟା ଉତ୍କଟତର ହେଉଥିବାବେଳେ ଅନ୍ୟ ପଟରେ ଗତ ୨୫ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ ପଦ ପଦବୀ ଉଚ୍ଛେଦ ହୋଇଛି। ଏ ପରିପ୍ରେକ୍ଷୀରେ ବୟସ ଅତିକ୍ରାନ୍ତ କରିଯାଉଥିବାବେଳେ ଚାକିରି ଆଶାୟୀମାନେ କୂଳ କିନ୍ନାରା ପାଉନାହାନ୍ତି। ସେଥିରୁ ଫାଇଦା ଉଠାଇ ବିଭିନ୍ନ ବେସରକାରୀ ସଂସ୍ଥା ଉଭୟ ଚାକିରି ପ୍ରତ୍ୟାଶୀ ଓ ସରକାରୀକଳକୁ ଠକୁଛନ୍ତି। ଏବେ ପୁଲିସ୍ ସବଇନ୍ସପେକ୍ଟର ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ବଡ ଘୋଟାଲାରେ ଶତାଧିକ ବ୍ୟକ୍ତି ଗିରଫ ହୋଇଛନ୍ତି। ଏହି ଦୁର୍ନୀତି ହଜାରେ କୋଟି ଟଙ୍କାର ହେବ ବୋଲି ଗଣମାଧ୍ୟମରେ ପ୍ରଚାର ହେଉଛି। ପୁଲିସ୍ ସବଇନ୍ସପେକ୍ଟର ନିଯୁକ୍ତି ଲାଗି ସ୍ୱତନ୍ତ୍ର ଭାବେ ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ଥିବାବେଳେ ପ୍ରାର୍ଥୀ ବାଛିବାପାଇଁ ପରୀକ୍ଷା ପରିଚାଳନା ଦାୟିତ୍ୱ ଠିକାରେ ରାଜ୍ୟ ବାହାରର ସଂସ୍ଥାଙ୍କୁ ଦିଆଯାଇଥିଲା। ଏହି ସଂସ୍ଥାଠାରୁ ରାଜ୍ୟ ଭିତରର କେତେକ ସଂସ୍ଥା କାମ ହାତେଇଥିଲେ। ବିଶେଷକରି ପ୍ରଶ୍ନପତ୍ର ପ୍ରଘଟ କରାଇ ଏମାନେ ଚାକିରି ପ୍ରତ୍ୟାଶୀମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ।

ଅଳ୍ପଦିନ ତଳେ ଓଟିଇଟି ପରୀକ୍ଷାରେ ମଧ୍ୟ ଭୟଙ୍କର ବିଭ୍ରାଟ ଉପୁଜିଥିଲା। ଏଥିରେ ବି ବୋର୍ଡ କର୍ତ୍ତୃପକ୍ଷ ଘରୋଇ ସଂସ୍ଥାଙ୍କ ମାଧ୍ୟମରେ କାରବାର କରୁଥିଲେ। ଓଟିଇଟି ପ୍ରଶ୍ନପତ୍ର ବିକି ଦଲାଲମାନେ ପ୍ରଚୁର ମୁନାଫା ମଧ୍ୟ ଉଠାଇଥିଲେ। ଏହି ପ୍ରସଙ୍ଗରେ ମାଧ୍ୟମିକ ଶିକ୍ଷା ବୋର୍ଡର କେତେକ ଅଧିକାରୀଙ୍କ ସମେତ ଅନ୍ୟ କେତେଜଣଙ୍କୁ ଗିରଫ କରାଯାଇଛି।

ସରକାରୀ ଚାକିରିରେ ନିଯୁକ୍ତି ପାଇଁ ଅନେକ ଆଇନ୍ ରହିଛି। ଏହି ଆଧାରରେ ଓଡିଶା ପବ୍ଲିକ ସର୍ଭିସ କମିଶନ, ଷ୍ଟାଫ୍ ସିଲେକ୍ସନ କମିଶନ, ସବର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ, ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ଆଦି ବିଭିନ୍ନ ସରକାରୀ ସଂସ୍ଥା ପ୍ରାର୍ଥୀ ଚୟନ ଦାୟିତ୍ୱ ନେଇଥାନ୍ତି। ଏହାଛଡା ଆଇନାନୁଯାୟୀ ଆଉ କେତେକ ପଦବୀରେ ନିଯୁକ୍ତି ଲାଗି ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟମାନଙ୍କୁ ମଧ୍ୟ କ୍ଷମତା ଦିଆଯାଇଛି। କିନ୍ତୁ କିଛିବର୍ଷ ଧରି ଅନେକ ନିଯୁକ୍ତି ଏମିତିକି ବୈଷୟିକ ଶିକ୍ଷାରେ ନାମାଙ୍କନ ଲାଗି ପ୍ରାର୍ଥୀ ଚୟନ ଦାୟିତ୍ୱ ଠିକାରେ ବେସରକାରୀ ସଂସ୍ଥାମାନଙ୍କୁ ଦିଆଯିବାର ଏକ ଖରାପ ପରମ୍ପରା ଚାଲିଆସୁଛି।

ଅନ୍ୟ ପକ୍ଷରେ ଆଉଟସୋର୍ସିଂ ନାମରେ ବିଭିନ୍ନ ଦପ୍ତରରେ ମାନବ ସମ୍ବଳ ଯୋଗାଇବାପାଇଁ ବେସରକାରୀ ସଂସ୍ଥାଙ୍କୁ ଦାୟିତ୍ୱ ଦିଆଯାଉଛି। ଏମାନେ ନିଯୁକ୍ତି ପାଇଁ ବହୁ କ୍ଷେତ୍ରରେ ପ୍ରାର୍ଥୀଙ୍କ ଠାରୁ ଚାନ୍ଦା ଆଦାୟ କରିବା ସହିତ ସେମାନେ ଯାହା ମାସିକ ପାରିଶ୍ରମିକ ପାଉଛନ୍ତି ତାହାର ସିଂହଭାଗ ମଧ୍ୟ ନେଇଯାଉଛନ୍ତି। ଫଳରେ ସମାନ କାମକୁ ସମାନ ବେତନ ନୀତିର ଖୋଲା ଉଲ୍ଲଙ୍ଘନ କରାଯାଉଛି।

ରାଜ୍ୟରେ ପ୍ରାୟ ୨ ଲକ୍ଷ ସରକାରୀ ଚାକିରି ଖାଲି ପଡିଥିବା ଘେନି ସୂଚନା ଦିଆଯାଉଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭକରି ଅନ୍ୟାନ୍ୟ ସରକାରୀ ସେବା କର୍ମଚାରୀ ଅଭାବରୁ ବିପର୍ଯ୍ୟସ୍ତ ହୋଇପଡୁଛି। ତେଣୁ ତୁରନ୍ତ ସମସ୍ତ ଖାଲି ପଦବୀ ରାଜ୍ୟ ସରକାର ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ଭିତ୍ତିରେ ସରକାରୀ ଏଜେନ୍ସି ମାନଙ୍କ ମାଧ୍ୟମରେ ପୂରଣ କରିବାପାଇଁ ବିଭିନ୍ନ ବର୍ଗର ଚାକିରି ପ୍ରତ୍ୟାଶୀ ଓ ବୁଦ୍ଧିଜୀବୀମାନେ ମତପ୍ରକାଶ କରୁଛନ୍ତି।

## ବାଇକ ସହ ୨ ଚୋର ଗିରଫ

**ରାଜନଗର,୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବଜାର ଭିତରୁ କୋଇଲିପୁର ପଚାଂୟତ ବରୁଣୀପଲା ଗ୍ରାମର ବିଭୁତି ଭୂଷଣ ପ୍ରଧାନ ବାଇକ ରଖି ଦୋକାନରୁ ଜିନିଷ କିଣୁଥିବା ବେଳେ ଚୋରୀ ହୋଇଯାଇଥିଲା। ସେହିପରି ଏହି ବ୍ଲକ ସାନବଡଗୋପାଳପୁର ପଚାଂୟତ ଗର୍ଜନପୁର ଗ୍ରାମର ଶୁଶାନ୍ତ କୁମାର ଦାସ ନିଜ ଘର ନିକଟରେ ହିରୋହୋଣ୍ଡା ସ୍ପ୍ଲେଣ୍ଡର ପ୍ଲସ ବାଇକକୁ ରଖି ଘର ଭିତରକୁ ଯାଇଥିବା ବେଳେ ବାଇକଟି ଚୋରୀ ହୋଇଯାଇଥିଲା। ଶୁଶାନ୍ତ ଘର ଭିତରୁ ବାହାରି ଆସି ଅନ୍ୟ ଏକ ବାଇକ ଯୋଗେ ଚୋରଙ୍କ ପଛରେ ଗୋଡାଇ ପଟ୍ଟାମୁଣ୍ଡାଇ ବଜାର ପର୍ଯ୍ୟନ୍ତ ଯାଇଥିଲେ। ସେମାନଙ୍କ ସନ୍ଧାନ ନପାଇ ମୁଖ୍ୟ ରାସ୍ତାରେ ଆସୁଥିବା ବେଳେ ଅଢାଯୋଡି ବଜାରରେ ନିଜ ବାଇକକୁ ଦେଖିଥିଲେ। ସେଠାରେ ବିଭୂତିଙ୍କ ବାଇକ ପମ୍ପଚର ମାରୁଥିବା ବେଳେ ଶୁଶାନ୍ତ ସେମାନଙ୍କଠାରୁ ଦୁଇଟି ବାଇକ ଜବତ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ କଖାରୁଣୀ ଗ୍ରାମର ଜଣେ ନାବାଳକ ସହ ଖଡିଅଂଟା ଗ୍ରାମର ସୁବ୍ରତ ମଳିକଙ୍କୁ ଅଟକ ରଖି ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାକୁ ଖବର ଦେଇଥିଲେ। ପୋଲିସ ପହଂଚି ଦୁଇଟି ବାଇକ ସହ ଦୁଇଜଣଙ୍କୁ ଥାନାକୁ ଆଣିଥିଲେ। ରାଜନଗର ଥାନା ପୋଲିସ ପହଂଚି ଦୁଇ ଚୋରଙ୍କ ସହ ଦୁଇଟି ବାଇକକୁ ଥାନାକୁ ଆଣିଥିବା ସୂଚନା ମିଳିଛି।

## ବଡ଼ଓଷା ନେଇ ଶୈବପୀଠ ଚଳଚଞ୍ଚଳ

**ମାର୍ଶାଘାଇ,୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକର ବିଭିନ୍ନ ଶୈବପୀଠମାନଙ୍କର ବଡଓଷା ନେଇ ଚଳଚଞ୍ଚଳ ହୋଇ ପଡିଛି। ଏହି ଅବସରରେ ଆଜି ଦିନରେ ଶୈବପୀଠ ମାନଙ୍କରେ ମହାଦେବଙ୍କୁ ସ୍ୱତନ୍ତ୍ର ପୂଜା କରାଯାଇଥାଏ। ଆଜି ଦିନ ତମାମ ଶ୍ରଦ୍ଧାଳୁମାନଙ୍କର ମନ୍ଦିର ବେଢାରେ ଭିଡ ଲାଗିରହିଥିବା ବେଳେ ଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନେ ରହି ଦେବଦେବ ମହାଦେବଙ୍କୁ ଦୀପ ଜାଳି ସ୍ମରଣ କରିଥିଲେ। ଶୈବପୀଠରେ ନାମ ସଂକିର୍ତ୍ତନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇ ବ୍ଲକର ମାର୍ଶାଘାଇର ସର୍ବେଶ୍ୱର, କାନପୁରର ଭୂବନେଶ୍ୱର, କୁସୁନପୁର ଲୁଣାବ୍ରିଜ ନିକଟର ଆଖଣ୍ଡଳମଣୀ ଶୈବପୀଠ, ତାଳସଙ୍ଗା, ମଣିକୁଣ୍ଡାରେ ରାମେଶ୍ୱର, ରାମିଆଗଞ୍ଚରେ ଶ୍ୟମେଶ୍ୱର, ବାଳିକକ୍ଷୋଟିରେ ବାଲୁକେଶ୍ୱର, ପସ୍ତା ବନ୍ଦାଣ ମଠ, ଜୁଣ, ତୁଳସୀପୁର ମଣିନାଗେଶ୍ୱର, ଦରବଛା ବାଲିପଡା ଠାରେ ଚନ୍ଦ୍ରଶେଖର, ନଛିପଡା, ଦଶିପୁର ଗ୍ରାମରେ ଉମାହେଶ୍ୱରୀ, ସମେତ ବ୍ଲକର ବିଭିନ୍ନ ଶୈବପୀଠରେ ବଡଓଷା ପାଳନ କରୁଥିବା ବ୍ରତଧାରୀମାନେ ବ୍ରତରଖି ପୂଜାର୍ଚ୍ଚନା କରିଛନ୍ତି। ବିଭିନ୍ନ ଶୈବପୀଠମାନଙ୍କରେ ମହାଦେବଙ୍କୁ ଗଜ ଭୋଗଲାଗି ବ୍ୟବସ୍ଥା କରାଯାଇଛି। ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଭିଡକୁ ଆଖି ଆଗରେ ରଖି ମାର୍ଶାଘାଇ ପୋଲିସ ପ୍ରଶାସନ ତରଫରୁ କେତେକ ମନ୍ଦିରରେ ପୋଲିସ ମୁତୟନ କରାଯାଇ ରାସ୍ତାରେ ପାଟ୍ରୋଲିଂକୁ କଡାକଡି କରାଯାଇଥିବା ଜଣାପଡିଛି।




## ପ୍ରଥମ ପୃଷ୍ଠାରୁ...

### ୬ରେ ୧୩୧୪...

ସାମିଲ ହୋଇ ଏନଡିଏ ପାଇଁ ଭୋଟ୍ ମାଗିଛନ୍ତି। ଜେପି ନଡ୍ଡା ରୋଡସୋ କରି ଶକ୍ତି ପ୍ରଦର୍ଶନ କରିଥିବା ବେଳେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୩ଟି ଜନସଭାକୁ ସମ୍ବୋଧିତ କରିଛନ୍ତି। ସେପଟେ ଆସାମ ମୁଖ୍ୟମନ୍ତ୍ରୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ବି ରାଲିରେ ସାମିଲ ହୋଇ ଜୋରଦାର ପ୍ରଚାର କରିଛନ୍ତି।

ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ଅକ୍ଟୋବର ୧୦ ତାରିଖରେ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନ ପ୍ରକ୍ରିୟା ଅକ୍ଟୋବର ୧୦ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିଥିଲା। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୦ ଥିଲା। ପ୍ରଥମ ପର୍ଯ୍ୟାୟ ପାଇଁ ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ନାମାଙ୍କନ ଦାଖଲ କରାଯାଇଥିଲା। ଏହି ଜିଲ୍ଲାଗୁଡ଼ିକ ହେଉଛି ମାଧେପୁରା, ସହରସା, ଦରଭଙ୍ଗା, ମୁଜାଫରପୁର, ଗୋପାଳଗଞ୍ଜ, ସିୱାନ, ସରନ, ବୈଶାଳୀ, ସମସ୍ତିପୁର, ବେଗୁସରାଇ, ଖଗାରିଆ, ମୁଙ୍ଗେର, ଲଖିସରାଇ, ଶେଖପୁରା, ନାଳନ୍ଦା, ପାଟନା, ଭୋଜପୁର ଏବଂ ବକ୍ସର। ଏହି ୧୨୧ଟି ଆସନ ପାଇଁ ମୋଟ ୨,୪୯୬ ଜଣ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପରେ, ୧୯୩୯ ଜଣ ବୈଧ ପଡ଼ିଥିଲେ। ଏଥିମଧ୍ୟରୁ ୭୦ ଜଣ ପ୍ରାର୍ଥୀ ପରେ ସେମାନଙ୍କର ନାମାଙ୍କନ ପ୍ରତ୍ୟାହାର କରିଥିଲେ। ପରବର୍ତ୍ତୀ ସମୟରେ, ନାମାଙ୍କନଗୁଡ଼ିକୁ ଅନେକ ସେଟରେ ସଜାଯାଇଥିଲା, ପ୍ରତି ପ୍ରାର୍ଥୀଙ୍କ ପାଇଁ ଗୋଟିଏ ନାମାଙ୍କନ ବିଚାର କରାଯାଇଥିଲା, ଯାହା ଫଳରେ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ୧,୩୧୪ରେ ପହଞ୍ଚିଥିଲା।

ଦୀପାବଳି ଓ ଛଠ୍ ଛୁଟି ମଧ୍ୟରେ ରାଜନୈତିକ ଦଳର ପ୍ରଚାର ଧିରେଧିରେ ଚାଲିଥିଲା, କିନ୍ତୁ ଛଠ୍ ପରେ ପ୍ରଚାର ଜୋର ଧରିଥିଲା। ଜନସଭା ଓ ମାଇକ୍ ପ୍ରଚାର ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ଏବେ ମତଦାନର ପୂରା ପ୍ରସ୍ତୁତି ଶେଷ ହୋଇଛି। ମତଦାନ କର୍ମୀଙ୍କୁ ସବୁ ଜିଲ୍ଲାରେ ଡ୍ୟୁଟି ସମ୍ବନ୍ଧିତ କାଗଜପତ୍ର ପ୍ରଦାନ କରାଯାଇଛି। ବୁଧବାର ସବୁ କର୍ମୀ ଇଭିଏମ୍-ଭିଭିପାଟ୍ ଆଦି ନେଇ ମତଦାନ କେନ୍ଦ୍ରରେ ପହଞ୍ଚିବେ। ନଭେମ୍ବର ୬ରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସଂଧ୍ୟା ୬ଟା ଯାଏ ଚାଲିବ। କିଛି ସମ୍ବେଦନଶୀଳ ଆସନରେ ସଂଧ୍ୟା ୫ଟା ଯାଏ ଭୋଟ ହେବ। ଅନ୍ୟପଟେ ନଭେମ୍ବର ୧୧ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ ଏବଂ ନଭେମ୍ବର ୧୪ରେ ଆସିବ ବିହାର ଫଳାଫଳ।

### ଅବସର ପରେ...

ମାଧ୍ୟମରେ ସେବା ବୃଦ୍ଧି ପ୍ରଶାସନିକ ଜଟିଳତା ଏବଂ ଅପରିବର୍ତ୍ତନୀୟ ପରିଣାମ ସୃଷ୍ଟି କରିପାରେ। 'ଯଦି ରିଟ୍ ପିଟିସନ୍ ଶେଷରେ ବିଫଳ ହୁଏ, ତେବେ ଘଣ୍ଟାକୁ ପଛକୁ ଫେରାଇ ଅଣା ଯାଇପାରିବ ନାହିଁ ବୋଲି ବିଚାରପତିମାନେ ମତ ଦେଇଛନ୍ତି, ଏବଂ ସତର୍କ କରାଇ ଦେଇଛନ୍ତି ଯେ, ବର୍ଦ୍ଧିତ ସମୟ ମଧ୍ୟରେ କର୍ମଚାରୀଙ୍କ ଦ୍ୱାରା ନିଆଯାଇଥିବା ସମସ୍ତ ନିଷ୍ପତ୍ତି ବିବାଦର ବିଷୟ ହୋଇପାରେ।

ଶୀର୍ଷ କୋର୍ଟ କହିଛନ୍ତି, କର୍ମଚାରୀଙ୍କର କୌଣସି ଅପୂରଣୀୟ କ୍ଷତି ନାହିଁ କାରଣ ଯଦି ସେ ଶେଷରେ ତାଙ୍କ ରିଟ୍ ପିଟିସନ୍‌ରେ ସଫଳ ହୁଅନ୍ତି ତେବେ ତାଙ୍କୁ ବ୍ୟାକ୍ ମଜୁରୀ ଏବଂ ଆର୍ଥିକ ସୁବିଧା ସହିତ ସମ୍ପୂର୍ଣ୍ଣ କ୍ଷତିପୂରଣ ଦିଆଯାଇପାରିବ। ଅନ୍ୟପକ୍ଷରେ, ଯଦି ରିଟ୍ ପିଟିସନ୍ ବିଫଳ ହୁଏ, ତେବେ ଆବେଦନକାରୀଙ୍କ ସ୍ୱାର୍ଥ ପାଇଁ ଅପୂରଣୀୟ କ୍ଷତି ହେବ। କୋର୍ଟ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ସ୍ଥିର ସେବା ମାନଦଣ୍ଡକୁ ବ୍ୟାହତ କରିଛି ବୋଲି ବ୍ୟାଙ୍କର ଯୁକ୍ତି ସହିତ ଆମେ ସହମତ।

ହାଇକୋର୍ଟର ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକୁ ଖାରଜ କରି, ସୁପ୍ରିମକୋର୍ଟ ଆବେଦନକୁ ଅନୁମତି ଦେଇଥିଲେ କିନ୍ତୁ ସ୍ପଷ୍ଟ କରିଥିଲେ ଯେ, କର୍ମଚାରୀଙ୍କ ଦାବିର ଯୋଗ୍ୟତା ଉପରେ ଏହା କୌଣସି ମତ ପ୍ରକାଶ କରିନାହିଁ। ଅବସର ବୟସ ପ୍ରକୃତରେ ୬୦ ବର୍ଷକୁ ବୃଦ୍ଧି କରାଯିବା ଉଚିତ କି ନାହିଁ ସେ ପ୍ରସଙ୍ଗ ବିଚାରାଧୀନ ରିଟ୍ ପିଟିସନ୍‌ରେ ହାଇକୋର୍ଟଙ୍କ ରାୟ ପାଇଁ ଖୋଲା ରହିବ।

### ୩ ଦୁଷ୍କର୍ମକାରୀଙ୍କ...

କାରୁପ୍ପାସାମୀ ଓ କାଲୀସ୍ୱର୍ଣ୍ଣ ସମ୍ପର୍କୀୟ। ସେହିପରି ୩ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଥିଲା।

କୋଏମ୍ବାଟୁର ପୁଲିସ୍ କମିଶନର ଶ୍ରବଣ ସୁନ୍ଦର କହିଛନ୍ତି, ଅଭିଯୁକ୍ତମାନଙ୍କ ନାଁରେ ହତ୍ୟା ଓ ଚୋରି ଭଳି ମାମଲା ରହିଛି। ରବିବାର ସନ୍ଧ୍ୟାରେ ସେମାନେ ଗଣଦୁଷ୍କର୍ମ ଭଳି ଅପରାଧ ଘଟାଇବା ପୂର୍ବରୁ ଇରୁଗୁର ଠାରେ ମଦ ପିଇଥିଲେ। କୋରିପାଲାୟମ ଠାରୁ ଗୋଟିଏ ବାଇକ ଚୋରି କରିଥିଲେ। ସେମାନଙ୍କ ପାଖରେ ଗୋଟିଏ ଦା' ରହିଥିଲେ। ଏୟାରପୋର୍ଟ ନିକଟରେ ଛାତ୍ରୀ ଜଣଙ୍କ ତାଙ୍କ ବନ୍ଧୁଙ୍କ ସହ କାରରେ ଥିବା ବେଳେ ରାତି ପ୍ରାୟ ୧୦.୪୫ରୁ ୧୧ଟା ମଧ୍ୟରେ ୩ ଅଭିଯୁକ୍ତ ସେମାନଙ୍କ ପାଖରେ ପହଞ୍ଚିଥିଲେ। ଗୋଟିଏ ପଥରରେ ସେମାନେ କାରର କାଚ ଭାଙ୍ଗି ଦେଇଥିଲେ। ସେମାନେ ଛାତ୍ରୀଙ୍କ ବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ଘଟଣା ପରେ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ଟିମ ପ୍ରାୟ ୩୦୦ଟି ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା ବୋଲି ସୁନ୍ଦର କହିଛନ୍ତି।

### ଟ୍ରେନ୍ ଦୁର୍ଘଟଣା...

ୟୁନିଟ୍ ଓ ରିଲିଫ୍ ଟିମ୍‌କୁ ସେଠାକୁ ପଠାଯାଇଥିବା ଜଣାପଡିଛି। ରେଳ କର୍ତ୍ତୃପକ୍ଷ କହିଛନ୍ତି ଯେ ଘଟଣାର ତଦନ୍ତ କରାଯାଉଛି। ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ମରାମତି କାର୍ଯ୍ୟ ଆରମ୍ଭ କରାଯିବ।

ରେଳବାଇ ପକ୍ଷରୁ ଯାତ୍ରୀ ଓ ସେମାନଙ୍କ ସଂପର୍କୀୟଙ୍କ ପାଇଁ ହେଲ୍‌ପ ଲାଇନ ନମ୍ବର ଜାରି କରିଛି। ସେଗୁଡିକ ହେଉଛି, ଚମ୍ପା ଜଙ୍କସନ୍- ୮୦୮୫୯୫୬୫୨; ରାଇଗଡ- ୯୭୫୨୪୮୫୬୦; ପେଣ୍ଡ୍ରା ରୋଡ୍ - ୮୨୯୪୭୩୦୧୬୨ ଓ ଦୁର୍ଘଟଣାସ୍ଥଳ- ୯୭୫୨୪୮୫୪୯୯, ୮୬୦୨୦୦୭୨୦୨।

### ଗଣମାଧ୍ୟମ ପ୍ରତିନିଧିଙ୍କୁ...

କରୁଥିବା ଗଣମାଧ୍ୟମ ପ୍ରତି ଏପରି ବ୍ୟବହାରକୁ ସାଧାରଣରେ ନିନ୍ଦା କରାଯାଉଥିବା ବେଳ ଅନଶନକାରୀଙ୍କ ଏପରି ରୁଦ୍ଧଦ୍ୱାର ବୈଠକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବିଡିଓଙ୍କ କାର୍ଯ୍ୟାଳୟରେ ବୈଠକ ଜାରିରହିଥିବା ବେଳେ ଅନଶନ ସ୍ଥଳରେ ୨ରୁ ୪ଜଣ ଅନଶନକାରୀ ବସିରହିଥିବାର ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଅନଶନ ଏକ ପ୍ରହଶନ ବୋଲି ସାଧାରଣରେ ମତ ପ୍ରକାଶ ପାଇଥଲା। ଏନେଇ କନିଷ୍ଠ ଯନ୍ତ୍ରୀ ରତନେଶ ପାଣ୍ଡେଙ୍କୁ ପଚାରିବାରେ ଏହି କାର୍ଯ୍ୟକୁ ନେଇ ଭିଜିଲାନ୍ସ ତଦନ୍ତ ଜାରି ରହିଛି। ମଙ୍ଗଳବାର ପୁଣି ଅନଶନରେ ବସିଛନ୍ତି। ଏନେଇ ବିଡିଓ ଅଫିଓ ଡକାଇ ଏହି କାର୍ଯ୍ୟ ବିଷୟରେ ପାଚାରି ବୁଝୁଥିଲେ। ମାତ୍ର ପାଖରେ ଥିବା ଅନଶନକାରୀ ମାନେ ପିଲାପିଲିଙ୍କ ନାମନେଇ ଦୁ ବ୍ୟବହାର କରିଥିଲେ ବୋଲି ସେ କହିଥିଲେ। ଏହାର ପ୍ରତିବାଦ କନିଷ୍ଠଯନ୍ତ୍ରୀ କରିବାରୁ ବିଡିଓ ଶିତଳ ଅଗରବାଲା ଭରା ସଭାରେ ତାଙ୍କୁ ଦୁବ୍ୟାବହାର କରିବା ସହିତ ନନସେନ୍ସ ଗେଟ- ଆଉଟ କହି କାର୍ଯ୍ୟାଳୟରୁ ବାହାରକୁ ବିଦା କରିଦେଇଥିଲେ। ଯାହାର ପ୍ରତିବାଦ ଖବରଦାତାମାନେ କରିବାରୁ ଖବରଦାତାମାନଙ୍କୁ ବିଡିଓ ଖରାପ ବ୍ୟବହାର କରିବା ସହିତ କାର୍ଯ୍ୟାଳୟରୁ ବିଦାକରି ଦେଇଥିଲେ। ଯାହକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ବିଡିଓଙ୍କ ଏପରି କାର୍ଯ୍ୟକଳାପକୁ ନେଇ ଦୃଢନିନ୍ଦା କରାଯାଇଛି।

### ଭିଜିଲାନ୍ସ ହାତରେ...

ଭିଜିଲାନ୍ସ ଅଧିକାରୀ ତାଙ୍କଠାରୁ ଲାଞ୍ଚ ଅର୍ଥ ଜବତ କରିଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ଜୀବନଙ୍କ ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ